# ସକାଳ
# THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-238 ♦MONDAY ♦23 FEBRUARY 2026 ♦PAGE-12 ♦₹ 7.00

PANIKOILI

♦ବର୍ଷ-୪୩ ♦ସଂଖ୍ୟା-୨୩୮ ♦ସୋମବାର ♦୨୩ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




**କତାର ଓପନ୍ ଜିତିଲେ ଅଲ୍‌କାରାଜ**

▸ପୃଷ୍ଠା ୧୨ ଦେଖନ୍ତୁ...




## ଜିଲ୍ଲା କଂଗ୍ରେସ ପଦାଧିକାରୀଙ୍କ ବୈଠକ




ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ କମିଟିରେ ସ୍ଥାନ ପାଇଥିବା ସମସ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା ଓ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ ଏହି ବୈଠକରେ ପୌରୋହିତ୍ୟ କରି ଆସନ୍ତା ୧୦ ଦିନ ମଧ୍ୟରେ ବ୍ଲକ୍ କଂଗ୍ରେସ କମିଟି ଏବଂ ଜୋନ ସଭାପତି ଚୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ପ୍ରତି ମାସରେ ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରରେ ଏକ ମିଶ୍ରଣ ପର୍ବ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ରେମୁଣା ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜଳେଶ୍ୱର କଂଗ୍ରେସ ନେତା ସୁଦର୍ଶନ ଦାସ, ବସ୍ତା ନେତା ବିଜନ ନାୟକ, ସୋର ନେତା ସୁବ୍ରତ ଧଡ଼ା, ସିମୁଳିଆ ନେତା ହିମାଂଶୁ ବେହେରା, ସଦର ନେତା ସରୋଜ ଲେଙ୍କା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ରଞ୍ଜନ ଦାସ ପ୍ରମୁଖ ଉଦବୋଧନ ଦେଇଥିଲେ। ଉପସ୍ଥିତ ଜିଲ୍ଲାର ବିଭିନ୍ନ ପଦାଧିକାରୀ ନିଜର ସୁଚିନ୍ତିତ ମତାମତ ଦେଇଥିଲେ। ଜିଲ୍ଲା ସଂଖ୍ୟା ଲଘୁ ସେଲ୍ ଅଧ୍ୟକ୍ଷ ଅଜଗର ଅଲ୍ଲୀ, ମନରେଗା ସଂଯୋଜକ ନିଶିଥ ବାରିକ, ଆର ଜି ପି ଆର ଏସ ଅଧ୍ୟକ୍ଷ ଆଶିଷ ପଟ୍ଟନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ।

## ରାଧାରମଣ ଷଡ଼ଙ୍ଗୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ

ବାଲେଶ୍ୱର,୨୨।୨(ସମିସ): ବିଶିଷ୍ଟ ବାମପନ୍ଥୀ ଶ୍ରମିକ ନେତା ରାଧାରମଣ ଷଡଙ୍ଗୀଙ୍କ ପ୍ରତିମୂର୍ତ୍ତି ମୋଟର ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିଅନ ଅଫିସ ରେ ଉନ୍ମୋଚନ ହୋଇଯାଇଛି। ପ୍ରଥମେ ସିଆଇଟିୟୁର ରାଜ୍ୟ ସମ୍ପାଦକ ତଥା ସର୍ବଭାରତୀୟ ଉପସଭାପତି ବିଷ୍ଣୁ ମହାନ୍ତି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ କମ୍ରେଡ ଅସିତ୍ ବରଣ ଦାସ ଙ୍କ ସଭାପତିତ୍ୱରେ ରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ଉଲ୍ଲାସ ସ୍ୱାଇଁ ରାଧାରମଣ ଷଡଙ୍ଗୀଙ୍କ ତ୍ୟାଗପୂତ ଜୀବନୀ ଉପରେ ଆଲୋଚନା କରିଥିଲେ। ଉକ୍ତ ସଭାରେ ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସି ଆଇ ଟି ୟୁ ର ଜିଲ୍ଲା ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ଜିଲ୍ଲା ସଭାପତି ରାଜକିଶୋର ଲେଙ୍କା, କୃଷକ ସଭାର ରାଜ୍ୟ ନେତା ସିତାଂଶୁ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ଚିନ୍ତନ ଦିବସ

ବାଲେଶ୍ୱର,୨୨।୨ (ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ ଏଣ୍ଡ ଗାଇଡ୍ସ ପକ୍ଷରୁ ବିଶ୍ୱ ଚିନ୍ତନ ଦିବସ ସ୍ଥାନୀୟ ଡା. ଯଦୁନାଥ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ପ୍ରଥମ ସମ୍ପାଦକ ସ୍ୱର୍ଗତଃ ଜଗନ୍ନାଥ ଜୀଙ୍କ ନାମରେ ରୋଭର୍ସ



କ୍ରିୟୁ ଏବଂ ତାଙ୍କ ପତ୍ନୀ ସ୍ୱର୍ଗତଃ ଲକ୍ଷ୍ମୀପ୍ରିୟା ଜୀଙ୍କ ନାମରେ ରେଞ୍ଜର ଟିମ୍‌କୁ ନାମିତ କରାଯାଇଛି। ଏହି ଉପଲକ୍ଷେ କଲେଜ ପରିସରରେ ଆୟୋଜିତ ଉତ୍ସବରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ ଜଗନ୍ନାଥ ଜୀ ଏବଂ ଲକ୍ଷ୍ମୀପ୍ରିୟା ଦେବୀଙ୍କର ତୈଳଚିତ୍ରକୁ କଲେଜର ସ୍କାଉଟ ଆଣ୍ଡ ଗାଇଡ୍ କାର୍ଯ୍ୟାଳୟରେ ଅନାବରଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷା ତୃପ୍ତିଲତା ଦାସ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଜୟନ୍ତ କୁମାର ଦ୍ୱିବେଦୀ, ପୂର୍ବତନ ଛାତ୍ରସଂସଦର ସଭାପତି ଦିଲ୍ଲୀପ କୁମାର ଦ୍ୱିବେଦୀ, ମହାବିଦ୍ୟାଳୟର ପ୍ରଥମ ଅଧ୍ୟକ୍ଷ ଭାଗିରଥୀ ପଣ୍ଡା, ଆଲୋକ କୁମାର ଜୀ, ସହସମ୍ପାଦକ ଚିତରଂଜନ ପାଣିଗ୍ରାହୀ, କୋଷାଧ୍ୟକ୍ଷ ସତ୍ୟନାରାୟଣ ଘଣ୍ଟା, ରଜତ କୁମାର ପାତ୍ର, ଯୁଗଳ କିଶୋର ମହଲ ଏବଂ ଶିବାଜୀ ପ୍ରମୁଖ ଯୋଗ ଦେଇଥିଲେ।

## ବାଙ୍କତିରା ଜଳସେଚନ ପ୍ରକଳ୍ପ

# ଟେଣ୍ଡରକୁ ବିତିଲା ୩ ବର୍ଷ; ଜମି ଅଧିଗ୍ରହଣ ନୋହିଲା

ବାଲେଶ୍ୱର,୨୨।୨(ସମିସ)



ଗୋଟିଏ ପଟେ ପ୍ରକଳ୍ପ କାମ ପାଇଁ ଜମି ଅଧିଗ୍ରହଣ ହୋଇନଥିବା ବେଳେ ଅନ୍ୟପଟେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବାର ଡ଼ିଣ୍ଡିମ ପିଟୁଛନ୍ତି ସରକାର। ଏ ହେଉଛି ବହୁ ପ୍ରତୀକ୍ଷିତ ବାଲେଶ୍ୱରର ବାଙ୍କତିରା ଜଳସେଚନ ପ୍ରକଳ୍ପ। ଦୀର୍ଘ ବର୍ଷ ପରେ ବି ପ୍ରକଳ୍ପ କାମରେ ଅଗ୍ରଗତି ନାହିଁ। ଚଳିତବର୍ଷ ଏପ୍ରିଲ ମାସରେ ସରିବ କାର୍ଯ୍ୟ ଶେଷ ଲକ୍ଷ୍ୟ। ହେଲେ ତିନି ବର୍ଷ ପରେ ବି କାମ ତ ଦୂରର କଥା ଜମି ଅଧିଗ୍ରହଣ କରାଯାଇନାହିଁ। ପ୍ରକଳ୍ପ ପାଇଁ ଡ୍ରଇଂ ଓ ଡିଜାଇନ୍ ପ୍ରସ୍ତୁତ ରହିଛି। ହେଲେ କାମ ଆରମ୍ଭ ହୋଇପାରୁନାହିଁ।

ସୂଚନାଯୋଗ୍ୟ, ଲୁଣା ପାଣି ପ୍ରଭାବିତ ସଦର ନିର୍ବାଚନ ମଣ୍ଡଳୀର ଛାନୁଆ, ଓଡଙ୍ଗୀ, ଓଲନ୍ଦାସାରଗାଁ, ଗୋପୀନାଥପୁର, ବାହାବଳପୁର, ନଗ୍ରମ, ବୁଆଁଳ, ସିନ୍ଧିଆ, ପଥରପଡା, କଷାଫଳ, ପରିଖି, ଦୁବୁଲାଗଡି, ବଇଁଚା ଓ ଚାନ୍ଦିପୁର, କୁରାଡିହା ଓ ସୋଲପଟା ଆଦି ପଞ୍ଚାୟତରେ ଚାଷ ଜମି ଜଳସେଚନ ଅଭାବରୁ ପଡିଆ ପଡୁଛି। କେବଳ ବର୍ଷାଜଳ ଉପରେ ନିର୍ଭରଶୀଳ ଚାଷୀଙ୍କୁ ଅଦିନିଆ ବର୍ଷା ଓ ସ୍ୱଳ୍ପ ବୃଷ୍ଟି ଦାଉ ସାଧୁଛି। ମୟୂରଭଞ୍ଜର ଶିମିଳିପାଳଠାରୁ ବାହାରି ବାଲେଶ୍ୱର ଜିଲ୍ଲାର ରେମୁଣା ଓ ସଦର ନିର୍ବାଚନ ମଣ୍ଡଳୀ ଦେଇ ପ୍ରବାହିତ ହେଉଥିବା ବୁଢାବଳଙ୍ଗ ନଦୀରେ କୌଣସି ଜଳସେଚନ ବ୍ୟବସ୍ଥା ନ ଥିବାରୁ ସମସ୍ତ ଜଳ ସମୁଦ୍ରରେ ଯାଇ ମିଶୁଛି। ଏଭଳି ପରିସ୍ଥିତିରେ ରେମୁଣା ନିର୍ବାଚନ ମଣ୍ଡଳୀର ଦରକୋଇଲି ଗାଁ ଠାରେ ନିର୍ମାଣାଧୀନ ବାଙ୍କତିରା ବୃହତ ଜଳସେଚନ ପ୍ରକଳ୍ପ ଚାଷୀମାନଙ୍କ ପାଇଁ ଏକମାତ୍ର ସାହା ଭରସା ପାଲଟିବ ବୋଲି ଆଶା କରାଯାଉଥିଲା। ହେଲେ ଏହି ପ୍ରକଳ୍ପ ପୂରଣ ନେଇ ଅନିଶ୍ଚିତତା ଦେଖାଦେଇଛି। ନିକଟରେ ଏହି ବାଙ୍କତିରା ପ୍ରସଙ୍ଗ ବଜେଟ ଅଧିବେଶନରେ ଉଠିଛି। ଏଥିରେ ଜଳସେଚନ ବିଭାଗକୁ ନିଜ ଦାୟିତ୍ୱରେ ରଖିଥିବା ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଭାରତ ସରକାରଙ୍କ କେନ୍ଦ୍ରୀୟ ଜଳ ଆୟୋଗର ଅନୁମୋଦନ କ୍ରମେ ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ରେମୁଣା ତହସିଲ ଅନ୍ତର୍ଗତ ଦରକୋଇଲି ଗ୍ରାମରେ ବାଙ୍କତିରା ବ୍ୟାରେଜ ପ୍ରକଳ୍ପଟି କାର୍ଯ୍ୟକାରୀ ହେଉଛି। ଆକ୍ସେଲେରେଟେଡ ଇରିଗେସନ ବେନିଫିଟ ପ୍ରୋଗ୍ରାମ (ତ୍ୱରିତ ଜଳସେଚେନ ଲାଭ କାର୍ଯ୍ୟକ୍ରମ, ଏଆଇବିପି) ଅନ୍ତର୍ଗତ ଏହି ପ୍ରକଳ୍ପ ପାଇଁ ୫୦୫.୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ପ୍ରକଳ୍ପ ବିବରଣୀ ରିପୋର୍ଟ (ଡିଟେଲ୍‌ଡ ପ୍ରୋଜେକ୍ଟ ରିପୋର୍ଟ, ଡିପିଆର) ଓଡିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ବେଳେ ଏହାର ଟେଣ୍ଡର ପ୍ରକ୍ରିୟା ମଧ୍ୟ ସମ୍ପାଦିତ ହୋଇ ସାରିଛି। ସେହି ଅନୁସାରେ ଛତିଶଗଡର ରାୟପୁର ସ୍ଥିତ ଆରଏସଏ ଇନଫ୍ରା ପ୍ରୋଜେକ୍ଟସ ପ୍ରାଇଭେଟ ଲିମିଟେଡକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ୨୦୨୩ ଅକ୍ଟୋବର ୨୦ ତାରିଖରେ ଏହି ପ୍ରକଳ୍ପ ଆରମ୍ଭ ହୋଇ ୨୦୨୬ ମସିହା ଅପ୍ରେଲ ୧୯ ତାରିଖରେ ଶେଷ ହେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଜମି ଅଧିଗ୍ରହଣ କାର୍ଯ୍ୟରେ ସ୍ଥାନୀୟ ଗ୍ରାମବାସୀଙ୍କ ଅସହଯୋଗ କାରଣରୁ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇପାରୁନାହିଁ। ଏହି ବୃହତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ସଂପୂର୍ଣ୍ଣ ହେଲେ ୨୨ଟି ପଞ୍ଚାୟତର ୭୩୦୦ ହେକ୍ଟର ଜମିରେ ଜଳସେଚନ କରାଯାଇପାରିବ। ଏ ନେଇ ସୋନ ବ୍ୟାରେଜ ଡିଭିଜନ ଏସ୍ ଇ ମାନସ କୁମାର ମାଝୀ ସୂଚନା ପ୍ରଦାନ କରି କହିଛନ୍ତି, ଏଯାଏଁ ଜମି ଅଧିଗ୍ରହଣ ହୋଇନାହିଁ। କାରଣ ସ୍ଥାନୀୟ ଲୋକମାନେ ଜାଗା ଛାଡୁ ନାହାନ୍ତି। ଜାଗା ମୂଲ୍ୟ ଡିସିମିଲ ପିଛା ୩/୪ ହଜାର ଟଙ୍କା ରହିଛି। ଏତେ କମ୍ ଟଙ୍କାରେ ସେଇ ଜାଗାକୁ ଲୋକମାନେ ଦେବାକୁ ଚାହୁଁନାହାନ୍ତି। ଲୋକମାନେ ଆନ୍ଦୋଳନ ବି କରୁଛନ୍ତି। ବ୍ୟାରେଜର ନିର୍ମାଣ କାମ ପାଇଁ ଟେଣ୍ଡର ହୋଇଥିଲା। ଏଜେନ୍ସିର ସମୟ ସୀମା ଆସନ୍ତା ଏପ୍ରିଲ ମାସରେ ଶେଷ ହେବ। ବ୍ୟାରେଜ ତଥା ବନ୍ଧ ପାଇଁ ବି ଜମି ଅଧିଗ୍ରହଣ ଏଯାଏଁ ହୋଇନାହିଁ। ଜମି ଅଧିଗ୍ରହଣ ନହେବା ଯାଏଁ କାମ ଆରମ୍ଭ ହୋଇପାରିବ ନାହିଁ। ପ୍ରକଳ୍ପର ବ୍ୟାରେଜ ନିର୍ମାଣ ପାଇଁ ୧୦ ଏକର ଜାଗା ଦରକାର। ଏଥିସହିତ ବନ୍ଧ କାମ ପ୍ରାୟ ୭୦/୮୦ ଏକର ଜାଗା ଆବଶ୍ୟକ। ହେଲେ ଏହି ଦୁଇ କାମ ପାଇଁ ଏଯାଏଁ ଜମି ଅଧିଗ୍ରହଣ ହୋଇନାହିଁ। ଜିଲ୍ଲା ପ୍ରଶାସନ ଓ ସରକାର ସ୍ଥାନୀୟ ଲୋକମାନଙ୍କ ସହ ବସି ପାରସ୍ପରିକ ବୁଝାମଣା କରି ଜମିର ଏକ ଉପଯୁକ୍ତ ମୂଲ୍ୟ ନିର୍ଦ୍ଧାରଣ କରିବା ଉଚିତ। ଏଥିରେ ଲୋକମାନେ ରାଜି ହେଲେ ଆଗକୁ କାମ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

## ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା




ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଡାକ କର୍ମଚାରୀ ସମବାୟ ସମିତିର ବାର୍ଷିକ ସାଧାରଣ ସଭା ମୁଖ୍ୟ ଡାକ ଘର ପରିସରରେ ଅନୁଷ୍ଠିତ ହାଇଯାଇଛି। ଏଥିରେ ସମବାୟ ସମିତିର ସଭାପତି ଅଜୟ ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ସମବାୟ ସମିତିର ପ୍ରତିଷ୍ଠାତା ସ୍ୱର୍ଗତ ଜୀବନ ଜନକୃଷ୍ଣ ଦାସ ଓ ପ୍ରାକ୍ତନ ବୋଡର୍ ସଦସ୍ୟ ସ୍ୱର୍ଗତ ଗୌରମୋହନ ସିଅଳଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବାଲେଶ୍ୱରର ଡାକ ଅଧୀକ୍ଷକ ତାପସ କୁମାର ଦାଶ ଏହି ସଭାକୁ ଉଦ୍‌ଘାଟନ କରିଥିଲେ। ଡାକ ସମବାୟ ସମିତିର ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ ୨୦୨୫-୨୬ର ବାର୍ଷିକ ବିବରଣୀ ପାଠ କରିଥିଲେ। ୨୦୨୨-୨୩ ଠାରୁ ଅଡ଼ିଟ୍ ହୋଇନାହିଁ ବୋଲି ସଂପାଦକ ପ୍ରକାଶ କରିବା ପରେ ଆଜି ସାଧାରଣ ସଭାରେ ଉଚ୍ଚ କର୍ତ୍ତୃପକ୍ଷ ପକ୍ଷଙ୍କ ସହିତ ଯୋଗାଯୋଗ କରି ଶୀଘ୍ର କରାଇନେବାକୁ ନିଷ୍ପତ୍ତି ଗ୍ରହଣ କରାଗଲା। ସମସ୍ତ ସଭ୍ୟମାନଙ୍କୁ ସମବାୟ ସମିତିରୁ ଋଣ ନେବା ପାଇଁ ଅନୁରୋଧ କରିଥିଲେ। ଏହି ସଭାରେ ଭଦ୍ରକ, ଜଳେଶ୍ୱର ଓ ବାଲେଶ୍ୱରର ବହୁ ସଭ୍ୟସଭ୍ୟା ଯୋଗ ଦେଇଥିଲେ। ବାଲେଶ୍ୱର ଡାକବିଭାଗର ବିଭାଗର ଅଧ୍ୟକ୍ଷ ତାପସ କୁମାର ଦାସ, ଭଦ୍ରକ ପ୍ରାକ୍ତନ ଡାକ ଅଧ୍ୟକ୍ଷ ବିଜୟ କୁମାର ମହାନ୍ତି, ସମ୍ବଲପୁରର ଡାକ ଅଧ୍ୟକ୍ଷ ବସନ୍ତ କୁମାର ସିଂହ, ବାଲେଶ୍ୱର ଏସ୍ ଏସ୍. ଆର.ସି.ଏସ ଗୋପବନ୍ଧୁ ଦାସ, ବରିଷ୍ଠ ସଭ୍ୟ ନିରଞ୍ଜନ ରାଉତ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହ ପାଣିଗ୍ରାହୀ, ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ା, ପୂର୍ବତନ ସଭାପତି ଗୋପାଳ ଚନ୍ଦ୍ର ପଢ଼ିଆରୀ ପ୍ରମୁଖ ଯୋଗ ଦେଇ ସମବାୟ ସମିତିର ଅର୍ଥନିତିର ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ପାଇଁ ବିଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ବୈଠକରେ ୧୫ଜଣ ବୋଡର୍ ସଭ୍ୟ, ସଭ୍ୟା ଯୋଗ ଦେଇଥିଲେ। କାର୍ତ୍ତିକ ଚନ୍ଦ୍ର ଜାନା, ରାଜେନ୍ଦ୍ର କୁମାର ମଲ୍ଲିକ, କ, ଆଶୁତୋ ତାଷ ଜେନା, ବୁଦ୍ଧିରାମ ସିଂ, ଜୟଦେବ ପରିଡ଼ା, ପ୍ରସନ୍ନ କୁମାର ବିଶ୍ୱାଳ, ରବୀନ୍ଦ୍ର ସାହୁ, ଗଦାଧର ଭୂୟାଁ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପ୍ରଭାତ ପଣ୍ଡା, ମନୋଜ ମଲ୍ଲିକ, ଦୈପାୟନ ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଲିଚିକି ଭାଷା ଶିକ୍ଷକଙ୍କୁ ରାଷ୍ଟ୍ରପତିଙ୍କ ସମ୍ବର୍ଦ୍ଧନା

ବାଲିଆପାଳ, ୨୨।୨ (ସମିସ): ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ନୂଆ ଦିଲ୍ଲୀ ସ୍ଥିତ ଡ. ଭୀମରାଓ ଆମ୍ବେଦକର ସମ୍ମିଳନୀ କକ୍ଷରେ ସାନ୍ତାଳୀ ଭାଷା ଦ 'ଅଲିଚିକିଦ' ଲିପିର ଶତବାର୍ଷିକୀ ସମାରୋହ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପ୍ରାଥମିକ ସରକାରୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାକ୍ଷୀନ ମୁର୍ମୁଙ୍କୁ ରାଷ୍ଟ୍ରପତି



ଦ୍ରୌପଦୀ ମୁର୍ମୁ ସମ୍ବର୍ଦ୍ଧନା କରିଛନ୍ତି। ଶ୍ରୀ ମୁର୍ମୁ ଜଣେ ଏକାଧାରରେ ଶିକ୍ଷକ, ସମାଜସେବୀ ଏବଂ ନିଜର ମାତୃଭାଷା ଅଲଚିକିର ପ୍ରଚାର ପ୍ରସାର କରି ଆଦିବାସୀ ସାନ୍ତାଳୀ ସମାଜର ଜନ ମାନସରେ ବିଭିନ୍ନ ଦିଗରେ ଦିଗଦର୍ଶନ ଦେଇ ଅଲଚିକି ଲିପିର ଶିକ୍ଷାକୁ ଉଜ୍ଜୀବିତ ରଖିବାର ପ୍ରୟାସ କରୁଥିବାରୁ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଶ୍ରୀ ମୁର୍ମୁ ୨୦୦୧ ମସିହାରୁ ରାଇରଙ୍ଗପୁରଠାରେ ଆଦିବାସୀ ସାମାଜିକ ଶିକ୍ଷା ଓ ସାଂସ୍କୃତିକ ସଂଘର ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି। ଏହା ବ୍ୟତୀତ ଦୀର୍ଘ ୨୬ ବର୍ଷ ଧରି ଡିଗିରିପାହି ଠାରେ ଥିବା ଅଲଚିକି ଅନୁଷ୍ଠାନରେ ଛୁଟି ଦିନ ମାନଙ୍କରେ ଶିକ୍ଷାଦାନ କରନ୍ତି। ଏହି ସଫଳତା ହାସଲ କରିବା ପରେ ତାଙ୍କ ବିଭିନ୍ନ ଅନୁଷ୍ଠାନରୁ ଶୁଭେଚ୍ଛାର ସୁଅ ଛୁଟିଛି।

## ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ



ଜଳେଶ୍ୱର, ୨୨।୨ (ସମିସ) : ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ, ପ୍ରାକ୍ତନ ଅଧ୍ୟକ୍ଷ ତଥା ସିନେଟ ସଦସ୍ୟ, ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ, ସାରସ୍ୱତ ସାଧକ ବିପିନ ବିହାରୀ ବିଶ୍ୱାଳଙ୍କ ୮୪ତମ ପୂର୍ତ୍ତି ଅଭିନନ୍ଦନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଶାଳିକୋଠାସ୍ଥିତ ବାଗିଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟରେ ଅଭିନନ୍ଦନ କମିଟି ପକ୍ଷରୁ ଅନୁଷ୍ଠିତ ଉତ୍ସବରେ ସଭାପତି ଡ. ରମାକାନ୍ତ ଭଂଜ ପୌରହିତ୍ୟ କରି ସୀମାନ୍ତରେ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଉଜ୍ଜିବୀତ କରିବାପାଇଁ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରିଆସୁଥିବା ବିବି ବିଶ୍ୱାଳ ଜଳେଶ୍ୱର ପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ। ମୁଖ୍ୟ ଅତିଥି କବି କାଳିଙ୍କିକର ଦାସ ଓ ମୁଖ୍ୟ ବକ୍ତା ସଂପାଦକ ବ୍ରଜେନ୍ଦ୍ର ନାଥ ଗିରି ଯୋଗଦେଇ ବି.ବି. ବିଶ୍ୱାଳଙ୍କ ଜୀବନବ୍ୟାପି ସାରସ୍ୱତ ସାଧନା ଅନନ୍ୟ ହୋଇଥିବା ବେଳେ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିବାରୁ ତାଙ୍କର ଆଶୁ ଆରୋଗ୍ୟ ଲାଗି ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ନାଟ୍ୟକାର ଡ. ପଦ୍ମଲାଭ ପ୍ରଧାନ, ଶିକ୍ଷାବିତ୍ ଡ. ଅଜିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୁଗେଶ ରାଉଳ ମଂଚ ଆହ୍‌ୱାନ କରିଥିବା ବେଳେ ଗଣେଶଚନ୍ଦ୍ର ପରିଡା ଧନ୍ୟବାଦ ଓ ରବିନାରାୟଣ ମିଶ୍ର ବେଦପାଠ କରିଥିଲେ। ଏଥିରେ ବିବି ବିଶ୍ୱାଳଙ୍କ ବହୁ ଶୁଭେଚ୍ଛୁ, ପ୍ରଶଂସୁ, କବି, ଲେଖକ, ଶିକ୍ଷାବିତ୍ ଯୋଗଦେଇ ତାଙ୍କର ଦୀର୍ଘଜୀବନ କାମନା କରିଥିଲେ।

## ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ

ବାଲେଶ୍ୱର,୨୨।୨(ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଇଂ ବନମାଳୀ ନାୟକଙ୍କ ସଭାପତିତ୍ୱରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ୧୬ଟି ଶାଖା ସଂଘର ସଭାପତି ଓ ସମ୍ପାଦକମାନେ ଯୋଗଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ସାଧାରଣ ଅଧିବେଶନକୁ ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଡାକ ସେବା ବୋର୍ଡର ଅବସରପ୍ରାପ୍ତ ସଦସ୍ୟ ଓ ପୂର୍ବତନ ମୁଖ୍ୟ ମହାଡାକପାଳ ଡ ସନ୍ତୋଷ କୁମାର କାମିଲା ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାଂଚଳ ରାଜସ୍ୱ କମିଶନରଙ୍କ ସଚିବ ନିହାର ରଞ୍ଜନ ଦାଶ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଯୁବ ଓ କ୍ରୀଡା ବିକାଶ ବିଭାଗର ଜାତୀୟ ସେବାସଂସ୍ଥାର ଆଂଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ, ବରିଷ୍ଠ ସାମ୍ବାଦିକ କୁଳମଣି ବାରିକ ପ୍ରମୁଖ ଯୋଗଦେଇଥିଲେ। ଉପସଭାପତି ସୁଦର୍ଶନ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ଇଂ ହୃଷିକେଶ ସାହୁ ଧନ୍ୟବାଦ ଦେଇଥିଲେ।

## ହନୁମାନ ମନ୍ଦିର ପ୍ରାଙ୍ଗଣରେ ହିନ୍ଦୁ ସମ୍ମିଳନୀ

କାଳିପଦା, ୨୨।୨ (ସମିସ): ବାଲେଶ୍ୱର ଜିଲ୍ଲା ଓ ବାଲିଆପାଳ ବ୍ଲକ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ବାଲିଆପାଳ ବ୍ଲକ ବେତଗଡିଆ ହନୁମାନ ମନ୍ଦିର ପ୍ରାଙ୍ଗଣରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସ୍ୱାମୀ ରୁଦ୍ର ବେସ୍ରା ନନ୍ଦ ଗିରି ମହାରାଜ ମୁଖ୍ୟ ଅତିଥି ଆରଏସଏସ ଜିଲ୍ଲା ସହ ବୌଦ୍ଧିକ ପ୍ରମୁଖ ବିମ୍ବାଧର ମହାନ୍ତି ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ସମ୍ମିଳନୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମଞ୍ଚ ପରିଚାଳନା ସୁଧାଂଶୁ କୁମାର ପଣ୍ଡା କରିଥିଲେ। ଏହି ଅବସରରେ କାଶୀପୁର ମହାଦେବ ମନ୍ଦିର ଠାରୁ ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନଶିକ୍ଷକ ଧୀରେନ୍ଦ୍ର ନାଥ ହାଜିରା ଅଧ୍ୟକ୍ଷତା କରିଥିଲେ। ଏଥିରେ ଅରବିନ୍ଦ ବେହେରା, ମନ୍ମଥ ପାତ୍ର, ଗୌରହରି ଦେ, ଅଜିତ କର, ହେମନ୍ତ ମୁଖି, ଗଙ୍ଗାଧର ମହାନ୍ତି, ହରିପଦ ଦାସ, ଦେବାନନ୍ଦ ପିଳା, ନାରାୟଣ ଜେନା, ପୀତବାସ ଗିରି ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଯୋଗ ଦେଇ ଥିଲେ।

## ଲୟନ୍ସ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଲୟନ୍ସ କ୍ଲବ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣର ମିଳିତ ଆନୁକୂଲ୍ୟରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର କୋର୍ଟ ଏଡିଆର ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଭୁବନେଶ୍ୱରସ୍ଥିତ ମନିପାଲ ହେଲଥ ରିବୋଟର ହୃଦରୋଗ ବିଶେଷଜ୍ଞ ଡା. ମିଳନ କୁମାର ଘଡେଇ, ଅସ୍ଥିଶଲ୍ୟ ରୋଗ ବିଶେଷଜ୍ଞ ପ୍ରୀୟାଂଶୁ



ଅଗ୍ରୱାଲ, ପେଟ ରୋଗ ବିଶେଷଜ୍ଞ ଡ ସୌଭାଗ୍ୟ ସେନାପତି,ମେଡିସିନ ବିଭାଗର ବିଶେଷଜ୍ଞ ଡ ସଦାଶିବ ମିଶ୍ର ଓ ହାଡ ସାନ୍ଦ୍ରତା ମାପ ପାଇଁ ବିଶେଷଜ୍ଞ କର୍ମଚାରୀ ଓ ମଧୁମେହ ରୋଗ ନିରୂପଣ ପାଇଁ ରକ୍ତଚାପ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଜିଲ୍ଲା ଓ ଦୌରା ଜଜ ସତ୍ୟନାରାୟଣ ମିଶ୍ର ଉଦଘାଟନ କରିଥିଲେ। ଲୟନ୍ସ କ୍ଲବର ସଭାପତି ହରେକୃଷ୍ଣ ଦାଶ, ଉପଦେଷ୍ଟା ରଘୁନାଥ ପ୍ରଧାନ, ସମ୍ପାଦକ ସାଇରୁଲ ହକଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ତାଳକୁରୁଣିଆରେ ଯୁବକଙ୍କୁ ହତ୍ୟା ଘଟଣା

# ଅଭିଯୋଗକାରୀଙ୍କ ମୋବାଇଲରୁ ପ୍ରମାଣ ନଷ୍ଟ କରିଛି ପୁଲିସ!

ବାଲେଶ୍ୱର, ୨୨।୨(ସମିସ)

ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ତାଳ କୁରୁଣିଆ ଠାରେ ଗତ ୧୪ ତାରିଖ ରାତିରେ ଘଟିଥିବା ହତ୍ୟାକାଣ୍ଡ ଘଟଣାରେ ବର୍ତ୍ତମାନ ସୁଦ୍ଧା ୨ ଜଣ ଗିରଫ ହୋଇଥିବା ବେଳେ ବିବାଦ ଘେରକୁ ଆସିଛି ଗୋପାଳପୁର ଥାନା ପୁଲିସ। ଅଭିଯୋଗକାରୀ ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଧରି ହତ୍ୟାକାଣ୍ଡ ସମ୍ପର୍କିତ ତଥ୍ୟ ସହ ଅଭିଯୁକ୍ତଙ୍କ ବୟାନ ରେକର୍ଡିଂ କରି ପ୍ରମାଣ ସହ ଅଭିଯୁକ୍ତଙ୍କୁ ଗୋପାଳପୁର ଥାନାରେ ଜିମା ଦେଇଥିବା ବେଳେ ଗୋପାଳପୁର ଥାନା ସବ ଇନିସ୍ପେକ୍ଟର ଅଭିଯୁକ୍ତକୁ ଛାଡ଼ି ଅଭିଯୋଗକାରୀଙ୍କ ୨ ଜଣ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏମିତି କି ଅଭିଯୁକ୍ତଙ୍କ ବୟାନ ସହ ପ୍ରମାଣକୁ ମୋବାଇଲରୁ ଡିଲିଟ୍ କରି ଧମକ ଦେଇଥିଲେ ଗୋପାଳପୁର ଥାନାର କାର୍ଯ୍ୟରତ ଏସ୍‌ଆଇ ଚନ୍ଦ୍ରଶେଖର ମହାନ୍ତି। ହତ୍ୟାକାରୀଙ୍କ ସହ ପୁଲିସ ଅଧିକାରୀଙ୍କ ସମ୍ପର୍କକୁ ନେଇ ଅଞ୍ଚଳବାସୀ ସନ୍ଦେହ ପ୍ରକାଶ କରିଛନ୍ତି।

ଗୋପାଳପୁର ଥାନା ତାଳ କୁରୁଣିଆ ଗାଁର ହେମନ୍ତ ମହାରଣାଙ୍କ ପୁଅ ଜୀବନ ଜ୍ୟୋତି ମହାରଣା (୩୦)ଙ୍କୁ ଗତ ଡିସେମ୍ବର ୧୫ ତାରିଖ ଦିନ ଗୋପାଳପୁର ଅନନ୍ତପୁର ସଲଟ ରୋଡ଼ର ଝାଡ଼ତା ଏବଂ ତାଳକୁରୁଣିଆ ରାସ୍ତା ପାର୍ଶ୍ୱରେ ମୃତ ଅବସ୍ଥାରେ ପଡ଼ି ରହିଥିବା ବେଳେ ତାଙ୍କ ଉପରେ ସାଇକେଲ ଲଦା ଯାଇଥିବାର ସ୍ଥାନୀୟ ଲୋକେ ଦେଖିଥିଲେ। ଏମିତି କି ମୃତକ ଜୀବନଜ୍ୟୋତିଙ୍କ ମୁଣ୍ଡରେ କ୍ଷତ ଚିହ୍ନ ଥିବାର ଦେଖି ହତ୍ୟା ସନ୍ଦେହ କରି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଗୋପାଳପୁର ପୁଲିସ ଘଟଣା ସ୍ଥଳରେ ପହଂଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇ ପଠାଇବା ସହ ଥାନାରେ ୧୨/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ ବସିଥିଲା। ହେଲେ ମୃତ ଯୁବକଙ୍କ ମାଆ ଶୁଭଲକ୍ଷ୍ମୀ ଏହାକୁ ସହଜରେ ସ୍ୱାଭାବିକ ମୃତ୍ୟୁ ବୋଲି ଗ୍ରହଣ କରିପାରିନଥିଲେ। ସେ ଓଡ଼ିଶା ବାହାରେ ରହୁଥିବା ବେଳେ ଘରକୁ ଫେରି ତାଙ୍କର ପୁଅର ସାଙ୍ଗସାଥୀଙ୍କୁ ପଚରାଉଚୁରା କରିଥିଲେ। ଗତ ଡିସେମ୍ବର ୨୦ ତାରିଖ ଦିନ ମୃତକଙ୍କ ମାଆ ପୁଅର ସାଙ୍ଗ ତାଳକୁରୁଣିଆ ଗାଁର ଜୟ ନାରାୟଣ ଦାଶଙ୍କୁ ପଚରାଉଚୁରା କରିଥିଲେ। ପରେ ଯୁବକ ଜଣକ କିଭଳି ତାଙ୍କ ପୁଅକୁ ହତ୍ୟା କରାଯାଇଥିଲା, ହତ୍ୟାକାଣ୍ଡର ସମ୍ପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥିଲେ। ତାଙ୍କର ବୟାନର ଭିଡିଓକୁ ମୋବାଇଲରେ କଏଦ କରି ସେହି ଯୁବକଙ୍କ ସହ ଥାନାରେ ପହଁଚିଥିଲେ। ହେଲେ ଘଟଣାକୁ ହାଲୁକା ଭାବେ ନେଇ ବ୍ୟକ୍ତିଗତ ସ୍ୱାର୍ଥ କାରଣରୁ ଅଭିଯୋଗକାରୀ ମାଆଙ୍କୁ ଗୋପାଳପୁର ଥାନାର ସବ ଇନିସ୍ପେକ୍ଟର ଚନ୍ଦ୍ରଶେଖର ମହାନ୍ତି ଦୁର୍ବ୍ୟବହାର କରିବା ସହ ଧମକ ଦେଇ ହତ୍ୟାକାଣ୍ଡର ବୟାନକୁ ଅଭିଯୋଗକାରୀଙ୍କ ମୋବାଇଲରୁ ଡ଼ିଲିଟି କରି ପ୍ରମାଣ ନଷ୍ଟ କରିଥିଲେ। ଏମିତି କି ଏହି ଘଟଣା ବାବଦରେ କାହାକୁ କହିଲେ ଗିରଫ କରି କୋର୍ଟ ଚାଲାଣ କରି ଦେବାର ଧମକ ମଧ୍ୟ ଦେଇଥିଲେ ଏସଆଇ ଶ୍ରୀ ମହାନ୍ତି। ଯୁବକଙ୍କୁ ଅପହରଣ କରିଥିବା ଦର୍ଶାଇ ପୁଲିସ ମୃତ ଯୁବକଙ୍କ ମାଆଙ୍କର ୨ ଜଣ ସମ୍ପର୍କୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ। ହେଲେ ସତ କେବେ ଲୁଚି ରହେନା ଭଳି ମୃତ ଯୁବକଙ୍କ ବ୍ୟବଚ୍ଛେଦ ରିପୋର୍ଟରେ ଏକ ଶକ୍ତ ପ୍ରହାର ଯୋଗୁଁ ମୃତ୍ୟୁ ହୋଇଥିବାର ରିପୋର୍ଟ ଆସିବା ପରେ ପୁଲିସର ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା। ସାଇଣ୍ଟିଫିକ ଟିମ ସହ ସନ୍ଧାନୀ କୁକୁର ସହାୟତାରେ ମୃତ୍ୟୁର ୪୭ ଦିନ ପରେ ପୁଣିଥରେ ଆରମ୍ଭ ହୋଇଥିଲା ତଦନ୍ତ। ତଦନ୍ତରେ ଟଙ୍କା ପଇସା ନେଣଦେଣକୁ ନେଇ ଏକ ଲୁହା ରଡରେ ହତ୍ୟା କରାଯାଇଥିବାର ପ୍ରମାଣ ପାଇଥିଲା ପୁଲିସ। ମୃତ ଯୁବକଙ୍କ ମାଆ ମଧ୍ୟ ନିଜ ସ୍ୱାମୀ ସହ ୫ ଜଣଙ୍କ ନାମରେ ହତ୍ୟା ଅଭିଯୋଗ ଆଣିଥିଲେ। ବିଭିନ୍ନ ଦିଗକୁ ଆଧାର କରି ପୁଲିସ ୨୯/୨୬ ରେ ୬ ଜଣଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ଗୋପାଳପୁର ଥାନା ପୁଲିସ ୨ ଜଣଙ୍କୁ ଏହି ଘଟଣାରେ ଗିରଫ କରି କୋର୍ଟ ଚାଲାଣ କରିଛି। ହେଲେ ଅଭିଯୋଗକାରୀଙ୍କ ମୋବାଇଲରୁ ପ୍ରମାଣ ନଷ୍ଟ କରି ହତ୍ୟାକାଣ୍ଡର ଅଭିଯୁକ୍ତଙ୍କୁ ଛାଡ଼ି ଅଭିଯୋଗକାରୀଙ୍କ ସମ୍ପର୍କୀୟଙ୍କୁ ଜେଲ ପଠାଇଥିବା ଏସ.ଆଇ ଚନ୍ଦ୍ରଶେଖର ମହାନ୍ତିଙ୍କ ଉପରେ ଦୀର୍ଘ ୨ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍। ଏତଲା କପିରେ ପୁଲିସ ପ୍ରମାଣ ନଷ୍ଟ କଥା ଅଭିଯୋଗକାରୀ ସ୍ପଷ୍ଟ ଭାବେ ଲେଖିଥିବା ବେଳେ ଜିଲ୍ଲା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ନେଇ ବାଲେଶ୍ୱର ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିୱାକରଙ୍କୁ ପଚାରିବାରୁ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ପଞ୍ଚାୟତ ମହିଳା କର୍ମଚାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର, ୨୨।୨ (ସମିସ): ଜଳେଶ୍ୱର ବ୍ଲକରେ କାର୍ଯ୍ୟ କରୁଥିବା ମହିଳା କର୍ମଚାରୀମାନଙ୍କୁ ଗ୍ରାମ ପଂଚାୟତ ମାନଙ୍କରେ ବାରମ୍ବାର ଖରାପ ବ୍ୟବହାର ପରେ ମଧ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ କୌଣସୀ କାର୍ଯ୍ୟାନୁଷ୍ଠାନ ନ ନେବାରୁ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ। ସୂଚନାନୁଯାୟୀ ଗୋପିମୋହନପୁର ଗ୍ରାମ ପଂଚାୟତର ପଞ୍ଚାୟତ ଅଧିକାରୀଭାବେ କାର୍ଯ୍ୟରତ ମହିଳା କର୍ମଚାରୀ ଉକ୍ତ ଗ୍ରାମ ପଞ୍ଚାୟତର ମହିଷାମୁଣ୍ଡା ଗ୍ରାମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟର ସର୍ଭେ କରିବା ଯାଇଥିବା ବେଳେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଖରାପ ବ୍ୟବହାର କରିଥିଲେ। ଏହାର କିଛିଦିନ ପୂର୍ବରୁ ମଧ୍ୟ ଉକ୍ତ ଗ୍ରାମକୁ ଗୃହର ସର୍ଭେ ପାଇଁ ଯାଇଥିବା ବେଳେ ଉକ୍ତ ବ୍ୟକ୍ତି ମହିଳା ଅଧିକାରୀଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିନେଇ ଜଳେଶ୍ୱର ଥାନାରେ ଉକ୍ତ ବ୍ୟକ୍ତିଙ୍କ ନାମରେ ଅଭିଯୋଗ କରିବା ପାଇଁ ଯାଇଥିବା ବେଳେ ଥାନା ତରଫରୁ ତାଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ଅଭିଯୋଗ କରିବା ପାଇଁ ମତାମତ ଦେଇଥିଲେ। ଫଳରେ ମହିଳା ଅଧିକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସବୁକଥା କହିଥିଲେ। ମାତ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଥାନାରେ ଅଭିଯୋଗ ନକରି ଆପୋସ ସମାଧାନ କରିବା ପାଇଁ କହି କୌଣସୀ ପଦକ୍ଷେପ ନେଇ ନ ଥିବା ମହିଳା ଅଧିକାରୀ କହିଛନ୍ତି।



ବୁମ୍ରାଙ୍କୁ ସର୍ବାଧିକ ବିଶ୍ୱକପ୍ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-238 ◆MONDAY ◆23 FEBRUARY 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୨୩୮ ◆ସୋମବାର ◆୨୩ ଫେବୃଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଆଫଗାନିସ୍ତାନ ସୀମାରେ ପାକିସ୍ତାନର ଏୟାର ଷ୍ଟ୍ରାଇକ୍

# ଗୋଟିଏ ପରିବାରର ୧୬ ମୃତ



■ ଇସଲାମାବାଦ୍/କାବୁଲ, ୨୨।୨ (ଏଜେନ୍ସି): ପୁଣିଥରେ ପାକିସ୍ତାନ ବାୟୁସେନା ପକ୍ଷରୁ ଆଫଗାନିସ୍ତାନ ସୀମାରେ ଥିବା ଆବାସିକ ଅଞ୍ଚଳକୁ ଲକ୍ଷ୍ୟ କରି ଏୟାର ଷ୍ଟ୍ରାଇକ କରାଯାଇଛି। ରବିବାର ଭୋର ସମୟରେ ହୋଇଥିବା ଏହି ଆକ୍ରମଣରେ ଅନେକ ସାଧାରଣ ନାଗରିକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଆହତ ହୋଇଛନ୍ତି। ଆମେରିକାର ମାନବାଧିକାର ସଂଗଠନ ଅନୁସାରେ, ଏହି ଆକ୍ରମଣରେ ଗୋଟିଏ ପରିବାରର ୧୬ ଜଣଙ୍କର ମୃତ୍ୟୁ ଘଟିଛି। ୨୩ଜଣ ଧ୍ୱଂସାବଶେଷ ତଳେ ଫସି ରହିଥିବା ବେଳେ ୪ ଜଣଙ୍କୁ ଉଦ୍ଧାର

**ଧ୍ୱଂସାବଶେଷ ତଳେ ଦବି ରହିଛନ୍ତି ୨୩**

କରାଯାଇଛି। ପାକିସ୍ତାନ ଏହାକୁ ପ୍ରତିଶୋଧମୂଳକ 'ଜବାବୀ କାର୍ଯ୍ୟାନୁଷ୍ଠାନ' ବୋଲି ଦାବି କରିଛି। ପାକିସ୍ତାନ ସୂଚନା ମନ୍ତ୍ରୀ ଅତାଉଲ୍ଲା ତରାରଙ୍କ ଅନୁସାରେ, ତେହେରିକ-ଇ- ତାଲିବାନ ପାକିସ୍ତାନ (ଟିଟିପି) ଓ ଇସ୍‌ଲାମିକ ଷ୍ଟେଟ୍ ଖୋରାସାନ ପ୍ରୋଭିନ୍ସ (ଆଇଏସ୍‌କେପି) ସହ ଜଡ଼ିତ ୭ଟି ଆତଙ୍କବାଦୀ କ୍ୟାମ୍ପକୁ ଲକ୍ଷ୍ୟ କରି ଏହି ଆକ୍ରମଣ କରାଯାଇଛି।

ତେବେ ଆଫଗାନିସ୍ତାନ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଇଛି। ଆଫଗାନିସ୍ତାନ ସରକାରୀ ମୁଖପାତ୍ର ଜବିଉଲ୍ଲା ମୁଜାହିଦ କହିଛନ୍ତି ଯେ, ପାକିସ୍ତାନୀ ସେନା ନାଙ୍ଗରହାର ଓ ପ୍ରାକ୍ତିକା ରାଜ୍ୟରେ ସାଧାରଣ ▶ପୃଷ୍ଠା-୯

**ସାମରିକ ଢାଞ୍ଚାରେ ହେବ ପରିବର୍ତ୍ତନ**

## ଜଏଣ୍ଟ ଥିଏଟର କମାଣ୍ଡ ଅଧୀନରେ ରହିବ ୩ ସେନା ବାହିନୀ

■ ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଦେଶର ସାମରିକ ଢାଞ୍ଚାରରେ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ପରିବର୍ତ୍ତନ ପାଇଁ ରୂପରେଖ ପ୍ରସ୍ତୁତ ହୋଇଛି। ସ୍ଥଳ, ବାୟୁ ଓ ନୌସେନା ଏବେ ଏକ ଜଏଣ୍ଟ ଥିଏଟର କମାଣ୍ଡ ଅଧୀନରେ କାର୍ଯ୍ୟ କରିବେ। ଦୀର୍ଘ ୫ ବର୍ଷ ଧରି ଏହି ବ୍ୟବସ୍ଥା ଉପରେ ଚାଲିଥିବା ଆଲୋଚନା ପରେ, ଆସନ୍ତା ୩ ମାସ ମଧ୍ୟରେ ଏହି ନୂତନ ସଂରଚନା ଆନୁଷ୍ଠାନିକ ଭାବେ କାର୍ଯ୍ୟକରୀ ହେବ। ଏହାଦ୍ୱାରା ଭାରତୀୟ ସାମରିକ ଶକ୍ତି ଏକୀକୃତ ଓ ଦ୍ରୁତ ହେବ। ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ୬୦ରୁ ୭୦ ପ୍ରତିଶତ ଶୀଘ୍ର ହେବା ସହ ୧୫-୨୦ ପ୍ରତିଶତ ସମ୍ବଳ ସଞ୍ଚୟ ହେବ। ଏହା ପାକିସ୍ତାନ ଓ ଚୀନ୍ ସୀମାରେ ଭାରତର ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବ। ସୂଚନାଯୋଗ୍ୟ ଯେ, ଆମେରିକା (୧୧ କମାଣ୍ଡ) ଓ ଚୀନ୍ (୫ କମାଣ୍ଡ) ଭଳି ଦେଶରେ ପୂର୍ବରୁ ଏହି ବ୍ୟବସ୍ଥା ରହିଛି। ବିଗତ ୧୦ ବର୍ଷର ଅଭିଜ୍ଞତାରୁ ଏହି ରଣନୀତି ପ୍ରସ୍ତୁତ କରାଯାଇଛି। ଏହାକୁ ସ୍ୱାଧୀନତା ପରେ ସବୁଠାରୁ ବଡ଼ ସଂସ୍କାର ବୋଲି କୁହାଯାଉଛି।

**୩ ମାସ ମଧ୍ୟରେ ଲାଗୁ ହେବ ନୂଆ ବ୍ୟବସ୍ଥା**

## ପୁଲିସ ଗାଡ଼ି ଉପରେ ଚଢ଼ିଗଲା ଟ୍ରେଲର୍

# ରାଜପଥରେ ଚାଲିଗଲା ୫ ଜୀବନ

■ ଝାରସୁଗୁଡ଼ା, ୨୨।୨ (ସମିସ): ରକ୍ତମୁଖା ୪୯ ନମ୍ବର ଜାତୀୟ ରାଜପଥ। ଗୋଟିଏ କି ଦୁଇଟି ନୁହେଁ, ଏକା ସାଙ୍ଗେ ପାଞ୍ଚ ପାଞ୍ଚଟି ମୁଣ୍ଡ ନେଇଛି। ରବିବାର ଭୋର୍ ପ୍ରାୟ ୩ଟାରେ ଝାରସୁଗୁଡ଼ା ସଦର ଥାନା ସମ୍ମୁଖ ଦେଇ ଯାଇଥିବା ରାଜପଥରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୫ଜଣ ପୁଲିସ କର୍ମଚାରୀଙ୍କ ଜୀବନ ନେଇଛି। ମୃତ ପୁଲିସ କର୍ମଚାରୀମାନେ ହେଲେ, ଲିଙ୍ଗରାଜ ଧୁରୁଆ (୫୦), ଭକ୍ତବନ୍ଧୁ ମିର୍ଧା (୪୦), ନିରଞ୍ଜନ କୁଜୁର (୫୫), କାଶୀରାମ ଭୋଇ (୪୦), ଦେବଦତ୍ତ ସା (୪୦)। ସେହିପରି ଏହି ଦୁର୍ଘଟଣାରେ ଅନ୍ୟ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦୁଇଜଣଙ୍କୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଆହତମାନେ ହେଲେ, ଦୁବରାଜ ମିରିଗି (୩୫), ରାଜୀବ ଭରାସାଗର (୩୦) ଏବଂ ଆକାଶ ନାଇକ (୩୦)। ଝାରସୁଗୁଡ଼ାରୁ କନକତୋରା ପର୍ଯ୍ୟନ୍ତ ଏହି ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ହେଉଥିବା ବେଳେ ଆଜିର ଏହି ଲୋମଟାଙ୍କୁରା ଦୁର୍ଘଟଣା ପୂରା ରାଜ୍ୟକୁ ସ୍ତବ୍ଧ କରିଦେଇଛି। ପୁଲିସ ଗାଡ଼ିକୁ ଏକ ଟ୍ରେଲର୍ ଚାପିଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ରବିବାର ପାହାନ୍ତାରେ ବିବାହ ଭୋଜି ଖାଇ ବ୍ରଜରାଜନଗର ପଟୁ ୮ ଜଣ ପୁଲିସ କର୍ମଚାରୀ ଏକ ବୋଲେରୋ ▶ପୃଷ୍ଠା-୯

**୪୯ ନମ୍ବର ଜାତୀୟ ରାଜପଥ ରକ୍ତରଞ୍ଜିତ**

**୩ ଗୁରୁତର, ବିବାହ ଭୋଜି ଖାଇ ଫେରୁଥିଲେ**



## ଶୋକପ୍ରକାଶ କଲେ ମୋହନ, ନବୀନ

■ ଭୁବନେଶ୍ୱର, ୨୨।୨ (ସମିସ): ଝାରସୁଗୁଡ଼ାରେ ସଡ଼କ ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ଜୀବନ ଯାଇଥିବା ବେଳେ ଏନେଇ ଶୋକପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡ଼ାରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ୫ ଜଣ କର୍ତ୍ତବ୍ୟରତ ପୁଲିସ କର୍ମଚାରୀଙ୍କ ଅକାଳ ବିୟୋଗ ବିଷୟରେ ଜାଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଏହି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟମାନଙ୍କର ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ▶ପୃଷ୍ଠା-୯

**ରାଜକନିକା ଲଜ୍ଜା**

## ରେଡ୍ ଫ୍ଲାଗ୍ ଘୋଷଣା, ତଦନ୍ତ କରିବ ସିବିଆଇ



**ସମସ୍ତ ୪ ଅଭିଯୁକ୍ତ କୋର୍ଟ ଚାଲାଣ**

**ସ୍କୁଲରେ ସାଇଣ୍ଟିଫିକ ଟିମ୍‌ର ତନାଘନା**

**ସ୍କୁଲ ସପକ୍ଷରେ ଅଭିଭାବକଙ୍କ ଥାନା ଘେରଉ**

■ ରାଜକନିକା, ୨୨।୨ (ସମିସ): ରାଜକନିକା ଥାନା ଅନ୍ତର୍ଗତ ଓଲାଭରଠାରେ ଥିବା ଏକ ଘରୋଇ ଇଂରାଜୀ ମାଧ୍ୟମ ସ୍କୁଲରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଗିରଫ ୪ ଅଭିଯୁକ୍ତଙ୍କୁ ଆଜି କଡ଼ା ସୁରକ୍ଷା ବଳୟରେ ଡାକ୍ତରୀମାଇନା କରାଯାଇ କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ, ଶିକ୍ଷକ ଚନ୍ଦନ ପୃଷ୍ଟି, ବିଶ୍ୱରଞ୍ଜନ ସାହୁ, ରଶ୍ମିକାନ୍ତ ବିଶ୍ୱାଳ, ଶିକ୍ଷୟିତ୍ରୀ ମିନତି ବାଇ ଓ ପିଅନ ରଶ୍ମିରଞ୍ଜନ ରଣା। ଅପରପକ୍ଷେ ଏହି ମାମଲାକୁ ରେଡ୍ ଫ୍ଲାଗ୍ ଘୋଷଣା କରାଯିବା ସହ ସିବିଆଇକୁ ତଦନ୍ତ ହସ୍ତାନ୍ତର କରାଯାଇଛି। ଗତ ଦୁଇଦିନ ଧରି ସାରା ରାଜ୍ୟରେ ହଟଚମଟ ସୃଷ୍ଟି କରିଥିବା ଏହି ଘଟଣା ଏବେ ଜାତୀୟ ଗଣମାଧ୍ୟମରେ ପ୍ରସାରିତ ହେବା ଓ ରେଡଫ୍ଲାଗ ଘୋଷଣା ପରେ ୬୦ ଦିନ ପରେ ଘଟଣାର ଚାର୍ଜସିଟ ଦାଖଲ ହେବ ବୋଲି ଜଣାପଡ଼ିଛି। ଅନ୍ୟପକ୍ଷରେ, ବିଦ୍ୟାଳୟକୁ ବଦନାମ କରାଇବାକୁ ଏଭଳି ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ କରି ଆଜି ସକାଳେ ୨ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଥାନା ଘେରଉ କରିଥିଲେ। ଅଭିଯୁକ୍ତମାନେ ନିର୍ଦ୍ଦୋଷ ଏବଂ ସେମାନଙ୍କୁ ଖଲାସ କରିବାକୁ ଦାବି କରିଥିଲେ। ଏସ୍‌ଡିପିଓ ସୁଶାନ୍ତ ପାତ୍ରଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ସେମାନଙ୍କୁ ବୁଝାସୁଝା କରିବା ପରେ ଘେରଉ ହଟିଥିଲା।

## କାର୍-ବାଇକ୍ ମୁହାଁମୁହିଁ; ୨ ମୃତ



■ ତେଲକୋଇ, ୨୨।୨ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ କୁନ୍ତଳା ପୂର୍ତ୍ତ ରାସ୍ତାର ଗୋଳବନ୍ଧ ଗ୍ରାମ ଛକ ନିକଟରେ କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଦ୍ୱୟ ହେଲେ, ତେଲକୋଇ ଥାନା ସିରିଗିଡ଼ା ଗ୍ରାମର ମହେଶ୍ୱର ନାୟକ (୩୪) ଓ ମହାବିରୋଡ୍ ଥାନା ତୁରୁଡ଼ା ନାଳି ଗ୍ରାମର ଜିତୁ ନାୟକ (୨୪)। ଏହି ଦୁର୍ଘଟଣାରେ କାର୍ ଚାଳକ ଦେବଗଡ଼ କଲା ଗ୍ରାମର ଶୁଭାଶିଷ ଦଳବେହେରା ଆହତ ହୋଇଛନ୍ତି। ତେଲକୋଇ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, କଲା ଗ୍ରାମର ଶୁଭାଶିଷ ଏକ କାର୍ (ଓଡି-୧୪ଇ ୬୮୬୮)ରେ ତେଲକୋଇ ଅଭିମୁଖେ ଆସୁଥିଲେ। ଏହି ସମୟରେ ମହେଶ୍ୱର ଓ ଜିତୁ ଏକ ବାଇକ୍‌ରେ ବିପରୀତ ଦିଗରୁ ଯାଉଥିବା ବେଳେ ଗୋଳବନ୍ଧ ଗ୍ରାମ ଛକ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଉଭୟଙ୍କୁ ପ୍ରଥମେ ତେଲକୋଇ ଏବଂ ପରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କର ମୃତ୍ୟୁ ଘଟିଥିଲା।

## ବରଗାଡ଼ିରୁ କନିଆକୁ ଟେକିନେଲେ

**ସ୍ୱାମୀଙ୍କୁ ବନ୍ଧୁକ ଦେଖାଇ ଅପହରଣ**

■ ବଲାଙ୍ଗିର/ତରଭା/କଣ୍ଟାମାଳ, ୨୨।୨ (ସମିସ): ବାହାଘର ସରିଲା। ନବବଧୂକୁ ସାଙ୍ଗରେ ଧରି ବର ଗାଁ ଅଭିମୁଖେ ବାହାରିଲା। ହେଲେ ଶଶୁର ଘରେ ପହଞ୍ଚିବା ଆଗରୁ ବାଟରୁ ଅପହରଣ ହୋଇଗଲେ ନବବଧୂ। ଅଧା ବାଟରେ ବନ୍ଧୁକ ଦେଖାଇ କିଛି ଯୁବକ ନବବଧୂକୁ ଉଠାଇ ନେଇଛନ୍ତି। ସୁବର୍ଣ୍ଣପୁର ଜିଲ୍ଲା ତରଭା ନିକଟରେ ରବିବାର ଏଭଳି ଏକ ସାଂଘାତିକ ଘଟଣା ଘଟିଛି। ଅପହୃତା ନବବଧୂ ହେଲେ, ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବନ୍ଧପାଲିର ସର୍ଜନ ପୁଟେଲଙ୍କ ଦ୍ୱିତୀୟ ଝିଅ ରଶ୍ମି। ଏନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ତରଭା ପୁଲିସ କଣ୍ଟାମାଳ ଯାଇ ତଦନ୍ତ ଚଳାଇଛି। ଏହି ଅପହରଣ ପଛରେ ରଶ୍ମିଙ୍କୁ ଭଲ ପାଉଥିବା ଯୁବକଙ୍କ ହାତ ଥିବା ଆଲୋଚନା ହେଉଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।




**ପୂର୍ବତନ ପ୍ରେମିକର ହାତ ସନ୍ଦେହ**

ସୂଚନାନୁଯାୟୀ, ରଶ୍ମିଙ୍କ ସହ ବଲାଙ୍ଗିର କାମାକ୍ଷାନଗରରେ ଗର୍ଜନ ପୁଟେଲଙ୍କ ପୁଅ ହରିବନ୍ଧୁ ପୁଟେଲଙ୍କ ବିବାହ ଠିକ୍ ହୋଇଥିଲା। ଶନିବାର ହରିବନ୍ଧୁ ବରଯାତ୍ରୀଙ୍କ ସହ ବନ୍ଧପାଲିକୁ ଆସିଥିଲେ। ବିବାହ ଧୁମ୍‌ଧାମ୍‌ରେ ସମ୍ପନ୍ନ ହୋଇଥିଲା। ବିବାହ ସମ୍ପନ୍ନ ପରେ କାର୍ (ଓଡି-୦୨-ଏଜେ୩୮୫୬)ରେ ବର-କନ୍ୟା ଫେରୁଥିଲେ। ଗାଡ଼ିରେ ବର, କନ୍ୟା, ବରର ବଡ଼ ଭଉଣୀ ଓ କନ୍ୟାର ଆଈ ବସିଥିଲେ। ନବବଧୂକୁ ସ୍ୱାଗତ ପାଇଁ ମଧ୍ୟ ଶଶୁର ▶ପୃଷ୍ଠା-୯

**ବିଜେପି କୋର୍ କମିଟି ବୈଠକରେ ରାଜ୍ୟସଭା ନିର୍ବାଚନ**

## ପ୍ରାର୍ଥୀ ଚୂଡ଼ାନ୍ତ କରିବ ସଂସଦୀୟ ବୋର୍ଡ



■ ଭୁବନେଶ୍ୱର, ୨୨।୨ (ସମିସ): ରବିବାର ଅନୁଷ୍ଠିତ ହୋଇଛି ରାଜ୍ୟ ବିଜେପିର ଗୁରୁତ୍ୱପୂର୍ଣ୍ଣ କୋର କମିଟି ବୈଠକ। ପ୍ରାୟ ଅଢ଼େଇ ଘଣ୍ଟା ଧରି ଚାଲିଥିବା ଏହି ମାରାଥନ ବୈଠକରେ ମୁଖ୍ୟତଃ ବୋର୍ଡ, ନିଗମ ନିଯୁକ୍ତି, ରାଜ୍ୟସଭା ନିର୍ବାଚନ, ଆଗାମୀ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ବିଶଦ ଭାବରେ ଆଲୋଚନା ହୋଇଛି। ରାଜ୍ୟସଭା ନିର୍ବାଚନ ସଂକ୍ରାନ୍ତ ସମ୍ଭାବ୍ୟ ନାମ ସୂଚୀ ରାଜ୍ୟ ପକ୍ଷରୁ ଦିଲ୍ଲୀ ପଠାଯିବ ଏବଂ ସଂସଦୀୟ ବୋର୍ଡ ଏ ସଂକ୍ରାନ୍ତରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ। ଏହା ସହିତ ଉଭୟ ସଂଗଠନ ଏବଂ ସରକାରରେ କେତେଗୁଡ଼ିଏ ପରିବର୍ତ୍ତନ ସହ ନୂଆ ନିଯୁକ୍ତି ଦେଖିବାକୁ ମିଳିବ ବୋଲି ବିଜେପିର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

**ବୋର୍ଡ, ନିଗମ ନିଯୁକ୍ତି ବିଳମ୍ବକୁ ନେଇ ବୈଠକରେ ଉଦ୍‌ବେଗ**

ରାଜ୍ୟରେ ବିଜେପି ସରକାର ଗଠନ କରିବାକୁ ୨୦ ମାସ ବିତିସାରିଲାଣି। ମାତ୍ର ଏଯାବତ୍ ଅଧାଗଢ଼ା ମନ୍ତ୍ରିମଣ୍ଡଳକୁ ନେଇ ସରକାର ଚାଲୁଛି। ଫଳରେ ସରକାର ଚାଲିବା ବେଳେ ବେଶୀ ଝୁଣ୍ଟୁଛନ୍ତି। ନିଗମ, ବୋର୍ଡ ବିଭିନ୍ନ ଅକାଦେମୀରେ ଏବେସୁଦ୍ଧା ନିଯୁକ୍ତି ଦିଆଯାଇ ପାରିନଥିବା ବେଳେ ଏହାକୁ ନେଇ ଆଶାୟୀଙ୍କ ଅସନ୍ତୋଷ ▶ପୃଷ୍ଠା-୯

## ପୁଣି ଓଡ଼ିଶା ସୀମାରେ ପଶ୍ଚିମବଙ୍ଗର ଦାଦାଗିରି

**ବିରୋଧ ପରେ ଅଟକିଲା ବେଆଇନ ରାସ୍ତା ନିର୍ମାଣ**

■ ଚନ୍ଦନେଶ୍ୱର/ଭୋଗରାଇ, ୨୨।୨ (ସମିସ): ପୁଣି ପଶ୍ଚିମବଙ୍ଗର ଦାଦାଗିରି। ଓଡ଼ିଶା ସୀମା ଭିତରକୁ ଧସେଇ ପଶିବା ସହ ବେଆଇନ ଭାବେ ରାସ୍ତା ନିର୍ମାଣ କରିଛି ପଶ୍ଚିମବଙ୍ଗ ପ୍ରଶାସନ। ତେବେ ସ୍ଥାନୀୟ ଲୋକଙ୍କ ପ୍ରବଳ ବିରୋଧ ପରେ ରାସ୍ତା କାମ ଅଟକିଛି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସାହାବାଜିପୁରଠାରେ ଆଜି ଏପରି ଦୃଶ୍ୟ ଦେଖିବାକୁ ମିଳିଛି। ୫୭ ନମ୍ବର ରାଜ୍ୟ ରାଜପଥ ନିକଟରେ ପଶ୍ଚିମବଙ୍ଗ ସରକାର ଓଡ଼ିଶା ରାସ୍ତାକୁ ଭାଙ୍ଗି ପଶୁଥିବା ବେଳେ ସ୍ଥାନୀୟ ଲୋକଙ୍କ ବିରୋଧ ପରେ କାମ ଅଟକିଛି। ଅପରପକ୍ଷେ, ଭୋଗରାଇ ବ୍ଲକ୍ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ରୋଲର୍ ମେସିନକୁ ଜବତ କରିବା ସହ



ବେଆଇନ ବାଲି ଗାଡ଼ି ଜବତ କରି ତାଳସାରି ସାମୁଦ୍ରିକ ଥାନାରେ ଅଟକ ରଖିଛି।

ଖବର ପାଇ ବିଧାୟକ ଗୌତମବୁଦ୍ଧ ଦାସ ଭୋଗରାଇ ତହସିଲଦାର ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଫୋନ ଯୋଗେ ଅବଗତ କରିବା ସହ ପଶ୍ଚିମବଙ୍ଗର ସୀମା ଅତିକ୍ରମଣ ଉଦ୍ୟମକୁ ପ୍ରତିହତ କରିବାକୁ କହିଛନ୍ତି। ଆବଶ୍ୟକ ହେଲେ, ପୁଲିସ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପଶ୍ଚିମବଙ୍ଗର ଏଭଳି ଅନୈତିକ କାର୍ଯ୍ୟକୁ କୌଣସି ପରିସ୍ଥିତିରେ ମଧ୍ୟ ବରଦାସ୍ତ କରାଯିବ ନାହିଁ ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ସୂଚନାନୁଯାୟୀ, ବ୍ଲକ୍ ଓ ଜିଲ୍ଲା ପ୍ରଶାସନର ଅବହେଳା ଯୋଗୁ ଓଡ଼ିଶା ସମ୍ପତ୍ତି ଉପରେ ପଡ଼ୋଶୀ ପଶ୍ଚିମବଙ୍ଗର ନଜର ପଡ଼ିଛି। ଦିନରାତି ଶହ ଶହ ବାଲି ବୋଝେଇ ହାଇୱା ଓଡ଼ିଶା ସୀମା ପାର ହୋଇ ପଶ୍ଚିମବଙ୍ଗକୁ ଯାଉଥିବା ବେଳେ ସ୍ଥାନୀୟ ତାଳସାରୀ ପୁଲିସ ଓ ଖଣି ବିଭାଗ ଚୁପ ବସିଛି। ତେବେ ଆଜି ଏକ ବାଲି ବୋଝେଇ ଗାଡ଼ି ଭଦ୍ରକରୁ ଉଦୟପୁର ପର୍ଯ୍ୟନ୍ତ ନକଲି କାଗଜପତ୍ର ନେଇ ସୀମା ପାର ହେଉଥିବା ବେଳେ ସ୍ଥାନୀୟ ଲୋକେ ଅଟକାଇ ପୁଲିସ ଓ ଖଣି ବିଭାଗକୁ ଖବର ଦେଇଥିଲେ। କିନ୍ତୁ, ଦୀର୍ଘ ଘଣ୍ଟା ପରେ ଖଣି ବିଭାଗ ଘଟଣାସ୍ଥଳରେ ନ ପହଞ୍ଚିବା ପରେ ପୁଲିସ୍ ଗାଡ଼ିକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷ ମନର ସ୍ୱାଭାବିକ ପ୍ରତିକ୍ରିୟା ହେଉଛି ଅଧିକରୁ ଅଧିକ ହାସଲ କରିବାର ଇଚ୍ଛା।
-ପ୍ରଫେସର ୟୁଭାଲ୍ ନୋହ ହରାରି

## ବିକାଶର ଭେଲିକି

୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ସରକାର ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍ ପ୍ରସ୍ତାବ ଆଗତ କରିଛନ୍ତି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ମୋଟ ବ୍ୟୟବରାଦ ପରିମାଣ ପାଖାପାଖି ୭% ବୃଦ୍ଧି ହୋଇଥିଲେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି ପରି ଅଗ୍ରାଧିକାର କ୍ଷେତ୍ରରେ ବଜେଟ୍ ବ୍ୟୟବରାଦ ଆଶାନୁରୂପ ହୋଇପାରିନାହିଁ। ଅଧିକନ୍ତୁ ରାଜ୍ୟ ସରକାର ଯେଉଁ ବିକାଶ ସ୍ୱପ୍ନ ଦେଖାଇଛନ୍ତି ତାହା ଋଣ ଓ ଅନୁଦାନ ଉପରେ ନିର୍ଭରଶୀଳ। କେତେକ ଆଖିଝଲସା ଯୋଜନାକୁ ବଜେଟ୍‌ରେ ଦର୍ଶାଇ ମୂଳ ବା ବାସ୍ତବ କ୍ଷେତ୍ରରୁ ସରକାର ଦୂରେଇ ଯିବାର ଚତୁର ଚେଷ୍ଟା କରିଛନ୍ତି। ମୋଟ ଉପରେ ସରକାର ରାଜସ୍ୱ ନିଅଣ୍ଟ ଭରଣା ପାଇଁ ୬୧ ହଜାର କୋଟି ଟଙ୍କାର ଋଣ କରିବାକୁ ଯାଉଥିବା ବେଳେ ପ୍ରତିଟି ଓଡ଼ିଆଙ୍କ ମୁଣ୍ଡଉପରେ ଋଣ ବୋଝ ୨୭, ୬୨୫ ଟଙ୍କା ପଡ଼ିବ।

ଆଶା କରାଯାଉଥିଲା ଯେ ଡବଲ୍ ଇଞ୍ଜିନ୍ ସରକାରରେ ଓଡ଼ିଶା ଅଧିକ ଲାଭବାନ ହେବ। ଚିର ଅବହେଳିତ ଓଡ଼ିଶା ଏଥର ନ୍ୟାୟ ପାଇବ। କିନ୍ତୁ ଇଞ୍ଜିନ୍‌ର ଓଲଟା ଗତି ଦେଖିବାକୁ ମିଳିଛି। ଷୋଡ଼ଶ କେନ୍ଦ୍ରୀୟ ଅର୍ଥ ଆୟୋଗର ସୁପାରିସ ଆଧାରରେ ଓଡ଼ିଶା ଆଗାମୀ ପାଞ୍ଚବର୍ଷ ପର୍ଯ୍ୟନ୍ତ ପ୍ରାୟ ୭୦ ହଜାର କୋଟି ଟଙ୍କା କେନ୍ଦ୍ରୀୟ ଅନୁଦାନ ହରାଇବ। ତେଣୁ ଏହାର ପ୍ରଭାବ ରାଜ୍ୟ ବଜେଟ୍ ଉପରେ ପଡ଼ିଛି ଏବଂ ରାଜସ୍ୱ ସଂଗ୍ରହ ପାଇଁ ସରକାର ଅଧିକରୁ ଅଧିକ ଅବକାରୀ କ୍ଷେତ୍ର ଉପରେ ନିର୍ଭର କରିବାକୁ ବାଧ ହୋଇଛନ୍ତି, ଯାହା ବଜେଟ୍‌ରେ ଦର୍ଶାଯାଇଛି। ଅର୍ଥାତ୍ ମଦମୁକ୍ତ ଓଡ଼ିଶା ଗଠନର ନାରା ଦେଇ କ୍ଷମତାକୁ ଆସିଥିବା ସରକାର ଏବେ ରାଜ୍ୟ ଚଳାଇବା ପାଇଁ ଅଧିକରୁ ଅଧିକ ମଦ ବିକ୍ରି କରିବା ଏକପ୍ରକାର ଥୟ। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ରାଜସ୍ୱ ଓ ଅନ୍ୟାନ୍ୟ ଆୟ ବାବଦରେ ଓଡ଼ିଶା ସରକାର ୧ କୋଟି ୪୧ ଲକ୍ଷ ଟଙ୍କା ପାଇବେ ବୋଲି ଲକ୍ଷ୍ୟ ରଖିଥିବା ବେଳେ ସେଥିରୁ ୫୩ ହଜାର କୋଟି ଟଙ୍କା ଖଣିଜ ରାଜସ୍ୱ, ଅବକାରୀରୁ ୧୦, ୯୦୦ କୋଟି ଟଙ୍କା, ଯାନବାହନ ଟିକସରୁ ୩୬୦୦ କୋଟି ଟଙ୍କା, ଷ୍ଟାମ୍ପ ଓ ରେଜିଷ୍ଟ୍ରେସନ ଫି ବାବଦରେ ୩୪୦୦ କୋଟି ଟଙ୍କା, ଅନ୍ୟାନ୍ୟ ଟିକସ ଓ ବିଦ୍ୟୁତରୁ ୫୧୦୦ କୋଟି ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖିଛନ୍ତି। ଅର୍ଥାତ୍ ଉପଭୋକ୍ତା ଆହୁରି ଅଧିକ ଶୋଷିତ ହେବେ। କିନ୍ତୁ ଦୀର୍ଘମିଆଦୀ ଆୟ ବିଷୟରେ ବଜେଟ୍‌ରେ ସ୍ପଷ୍ଟ ଉଲ୍ଲେଖ ନାହିଁ।

କୃଷି ପ୍ରଧାନ ରାଜ୍ୟ ଓଡ଼ିଶାରେ କୃଷକମାନେ ଚିର ଅବହେଳିତ। କ୍ୱିଣ୍ଟାଲ୍ ପିଛା ୮୦୦ ଟଙ୍କାର ଇନ୍‌ପୁଟ୍ ସବ୍‌ସିଡି ଘୋଷଣା କରି ପରବର୍ତ୍ତୀ ସମୟରେ ସେଥିରୁ ଓହରି ଯାଇଥିବା ରାଜ୍ୟ ସରକାରଙ୍କ କୃଷକଙ୍କ ପ୍ରତି ଦରଦ କେତେ ତାହା ବଜେଟ୍ ପୂର୍ବରୁ ଜଣା ପଡ଼ିଯାଇଥିଲା। ଏଥର ତାହା ବଜେଟ୍‌ରେ ପ୍ରତିଫଳିତ ହୋଇଛି। ପୂର୍ବବର୍ଷ ତୁଳନାରେ ଚଳିତ ବଜେଟ୍‌ରେ କୃଷି କ୍ଷେତ୍ର ପାଇଁ ସାମଗ୍ରିକ ଭାବେ ମାତ୍ର ୬୮ ଲକ୍ଷ ଟଙ୍କା ବଢ଼ିଛି। ଏପଟେ ମଣ୍ଡିରେ ଦିନ ଦିନ ଧରି ଧାନ ପଡ଼ି ରହିଥିବା ବେଳେ ବିଧାନସଭାରେ ବଜେଟ୍ ଆଗତ ହୋଇଛି। ଆଶା କରାଯାଉଥିଲା ଯେ ଧାନ କିଣା ସମସ୍ୟା ସମାଧାନର କିଛିଟା ଆଶା ବଜେଟ୍‌ରେ ପ୍ରତିଫଳିତ ହେବ। କିନ୍ତୁ ଚାଷୀ ସହିତ ଜନସାଧାରଣଙ୍କୁ ନିରାଶ ହେବାକୁ ପଡ଼ିଛି।

ସେହିପରି ଦାଦନ ସମସ୍ୟାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବା ପାଇଁ ହାତକୁ କାମ ନିଶ୍ଚିତ କରିବା ସରକାରଙ୍କ କର୍ତ୍ତବ୍ୟ ଥିଲେ ହେଁ ରୋଜଗାର କିମ୍ବା କର୍ମସଂସ୍ଥାନ ସୃଷ୍ଟି କରିବା ଭଳି କୌଣସି ଯୋଜନା ବଜେଟ୍‌ରେ ନାହିଁ। ଅନ୍ୟାନ୍ୟ କ୍ଷେତ୍ରରେ ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଭିତ୍ତି ପଡ଼ିସାରିଥିବା ମେଟ୍ରୋ ପ୍ରକଳ୍ପକୁ ବନ୍ଦ କରି ସରକାର ବିଶ୍ୱସ୍ତରୀୟ ସଂଗ୍ରାହଳୟର ସ୍ୱପ୍ନ ଦେଖାଇଛନ୍ତି। ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ମେଡିକାଲ୍ କଲେଜ୍‌ମାନଙ୍କରେ ଅଧ୍ୟାପକ ଅଭାବ ଉତ୍କଟ ହୋଇଛି। ଏହି ସମସ୍ୟାର ସମାଧାନ ବଦଳରେ ସରକାର ଆଉ ଚାରିଟି ମେଡିକାଲ୍ କଲେଜ୍, ଚାରିଟି ବର୍ଣ୍ଣ ୟୁନିଟ୍ ଓ ଚାରିଟି ନୂଆ ବିଶ୍ୱବିଦ୍ୟାଳୟ ଖୋଲି କେବଳ ଲୋକଙ୍କୁ ଜଳକା କରିବାକୁ ଚେଷ୍ଟା କରିଛନ୍ତି। ସେହିପରି ସରକାରଙ୍କ ନୂଆ ବିଶ୍ୱବିଦ୍ୟାଳୟ ତାଲିକାରୁ ରାଜ୍ୟର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଭାବେ ଖ୍ୟାତ ପାରଳାଖେମୁଣ୍ଡିର ଏମ୍‌କେସିଜି କଲେଜ ଏବଂ ଭାରତର ଦ୍ୱିତୀୟ ମହିଳା କଲେଜ୍ ଭାବେ ଖ୍ୟାତ କଟକର ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବାଦ୍ ଦିଆଯାଇଥିବାରୁ ଆଞ୍ଚଳିକ ସ୍ତରରେ ଏବଂ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ତୀବ୍ର ହେଉଛି। ଖାଲିଥିବା ଅଧ୍ୟାପକ ପଦବୀ ପୂରଣ କରିପାରୁ ନଥିବା ସରକାର ନୂଆ ବିଶ୍ୱବିଦ୍ୟାଳୟରେ ମାନବ ସମ୍ବଳ କିଭଳି ସୃଷ୍ଟି କରିବେ ସେହି ପ୍ରଶ୍ନ ମଧ୍ୟ ଉଠିଛି। ଆସନ୍ତା ତିନିବର୍ଷରେ ୧୧ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ନିର୍ମାଣ ପାଇଁ ବଜେଟ୍‌ରେ ସୁନେଲି ସ୍ୱପ୍ନ ରହିଥିବା ବେଳେ ପୂର୍ବଘୋଷଣା ଅନୁଯାୟୀ ପ୍ରତିବ୍ଲକରେ ଶୀତଳଭଣ୍ଡାର ପ୍ରତିଷ୍ଠା ପ୍ରତିଶ୍ରୁତିର ଅଗ୍ରଗତି ବିଷୟରେ ନିରବ ରହିଛି। ତେଣୁ ଏଥିରୁ ଲୋକଙ୍କ ବାସ୍ତବ ସମସ୍ୟା ପ୍ରତି ସରକାର କେତେ ସଚେତନ ତାହା ଜଣାପଡୁଛି।

ମଧ୍ୟବିତ୍ତ ବର୍ଗକୁ ସନ୍ତୁଷ୍ଟ କରିବା ପାଇଁ ସରକାର ବୃତ୍ତି ଟିକସ ପ୍ରତ୍ୟାହାର କରିଥିଲେ ମଧ୍ୟ ଗ୍ରାମୀଣ ଓଡ଼ିଶାବାସୀଙ୍କୁ ଖୁସି କରିବା ପାଇଁ ପୂର୍ବବର୍ଷ ତୁଳନାରେ ମାତ୍ର ୨୦୦ କୋଟି ଟଙ୍କା ଅଧିକ ବ୍ୟୟ କରିବାକୁ ଇଚ୍ଛା କରିଛନ୍ତି। ଅଣୁଶିଳ୍ପ, ନାମମାତ୍ର କୃଷକ ଓ ଭାଗଚାଷୀଙ୍କ ପାଇଁ ସେଭଳି କୌଣସି ବାସ୍ତବ ଯୋଜନା ବଜେଟ୍‌ରେ ପ୍ରତିଫଳିତ ହୋଇନାହିଁ। ତେଣୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ଖାଦ୍ୟ ତାଲିକା ବେଶ୍ ଲମ୍ବା ହୋଇଥିଲେ ମଧ୍ୟ ରୋଷଘର ଶୂନ। ଅର୍ଥାତ୍ ବଜେଟ୍ ବାସ୍ତବବାଦୀ ହେବା ବଦଳରେ କେବଳ ଆଖିଦୃଶିଆ ଓ ପ୍ରଚାରଧର୍ମୀ ହେବା ଭଳି ଲାଗୁଛି। ମହଙ୍ଗା ମାଡ଼ରେ ନୟାନ୍ତ ହେବା ବ୍ୟତୀତ ଏହି ବଜେଟ୍‌ରୁ ଓଡ଼ିଶାବାସୀ ବିଶେଷକିଛି ଆଶା କରିବାର ନିରର୍ଥକ। ବିକାଶର ଭାଷା ବାସ୍ତବବାଦୀ ନ ହେଲେ ସ୍ୱପ୍ନ ଯେତେ ରଙ୍ଗୀନ ହେଲେ ମଧ୍ୟ ତାହା ନିରର୍ଥକ ଓ ଭେଲିକି ବୋଲି କୁହାଯାଏ। ଏହି ଆଧାରରେ ୨୦୨୬-୨୭ ସାଧାରଣ ବଜେଟ୍ ଏହି ପଦବାଚ୍ୟ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ।

# ଭାଗ୍ୟଦୋଷ ଓ ସାମାଜିକ ଅସମାନତା

ଡକ୍ଟର ଅବଶ ପରିଡ଼ା

‘ଯାହା ଭାଗ୍ୟରେ ଅଛି ତାହା ହିଁ ଘଟିବ। ମଣିଷ ଯେତେ ପ୍ରୟାସ କଲେ ମଧ୍ୟ ଏହାକୁ ବଦଳାଇ ପାରିବ ନାହିଁ।’ ଏହା କେବଳ ଏକ ବାକ୍ୟ ନୁହେଁ, ବରଂ ଏକ ସୁଦୃଢ଼ ବିଶ୍ୱାସ। ଅନେକଙ୍କ ପାଇଁ ଜୀବନ ହେଉଛି ବିଫଳତା, ଅନ୍ୟାୟ, ଯନ୍ତ୍ରଣା କିମ୍ବା ଅନିଶ୍ଚିତତାରେ ପୂର୍ଣ୍ଣ ଏକ ଯାତ୍ରା। ତେଣୁ ଯଦି ଏସବୁ ଦୁର୍ଦ୍ଦଶା ବା ସଙ୍କଟ ସହିତ ଆମେ ଭାଗ୍ୟକୁ ଯୋଡ଼ିବା, ବିଶ୍ୱାସ କରିବା କିମ୍ବା ଦୋଷ ଦେବା ତେବେ ଅନେକାଂଶରେ ଚାପ ଓ ଦୋଷ ହ୍ରାସ ହୋଇଯିବା ଭଳି ଲାଗେ। ସରଳରେ କହିବାକୁ ଗଲେ ଭାଗ୍ୟର ନାଁ ନେଇଗଲେ କାହାକୁ ଦାୟୀ ନକରି ବିଫଳତା, ଦାରିଦ୍ର୍ୟ, ଅସୁସ୍ଥତା କିମ୍ବା କ୍ଷତିକୁ ବିନା ସଂକୋଚରେ ବ୍ୟକ୍ତିବିଶେଷ ଗ୍ରହଣ କରିନିଏ।

ଆମେ ଯେଉଁ ସମାଜରେ ରହୁଛେ, ତାହା ଅସମାନତାରେ ପରିପୂର୍ଣ୍ଣ ଓ ନିୟନ୍ତ୍ରଣହୀନ। ଏଠାରେ ସମ୍ବଳ, ସୁଯୋଗ ଓ ସୁବିଧା ମଧ୍ୟ ସୀମିତ। ତେଣୁ ଜଣେ ସାଧାରଣ ବ୍ୟକ୍ତି ନିମନ୍ତେ ଭାଗ୍ୟକୁ ବିଶ୍ୱାସ କରିବା ହେଉଛି ଏକ ସାମୂହିକ ଭାବନା। ବ୍ୟକ୍ତି ମଧ୍ୟରେ ଏହି ‘ଭାଗ୍ୟବାଦ’ର ଧାରଣାକୁ ଅନ୍ତର୍ନିହିତ କରିବା ପାଇଁ ମୁଖ୍ୟତଃ ପରିବାର, ଧର୍ମ ଓ ସଂସ୍କୃତି ହିଁ ଦାୟୀ। ତେବେ ଏ ‘ଭାଗ୍ୟବାଦ’ କ’ଣ? ଜୀବନର ଫଳାଫଳ ପୂର୍ବନିର୍ଦ୍ଧାରିତ ଏବଂ ମାନବ ନିୟନ୍ତ୍ରଣ ବାହାରେ ବୋଲି ବିଶ୍ୱାସ ହେଉଛି ‘ଭାଗ୍ୟବାଦ’। ସମାଜଶାସ୍ତ୍ର ଅନୁସାରେ, ଏହା କେବଳ ଭାଗ୍ୟରେ ବିଶ୍ୱାସ ନୁହେଁ, ବରଂ ଏକ ସାମାଜିକ ଭାବରେ ଆକୃତିପ୍ରାପ୍ତ ମନୋଭାବ, ଯାହା ବିବଶତାରୁ ଉତ୍ପନ୍ନ ହୁଏ। ଯେତେବେଳେ ଅସମାନତାର ବ୍ୟାପକ ଭାବେ ଗ୍ରହଣୀୟତା ହୁଏ ଭାଗ୍ୟବାଦ ଏକ ସମାଧାନର ଉପକରଣ ହୋଇଯାଏ।

ସାଧାରଣ ଭାବେ ଭାଗ୍ୟବାଦ(ଫାଟାଲିଜିମ୍) ତିନି ପ୍ରକାରର। ପ୍ରଥମଟି ହେଉଛି ଧାର୍ମିକ, ଯେଉଁଠି ଭାଗ୍ୟକୁ ଆମେ ଈଶ୍ୱରଙ୍କ ଇଚ୍ଛା ବୋଲି କହିଥାଉ। ଦ୍ୱିତୀୟରେ ଦାର୍ଶନିକ, ଯାହା ନିର୍ଣ୍ଣୟବାଦ(ଡିଟରମିନିଜିମ) ଭାବେ ପରିଚିତ। ଏହା ହେଉଛି ଏକ ଦାର୍ଶନିକ ଦୃଷ୍ଟିକୋଣ, ଯାହା ଅନୁଯାୟୀ ସମସ୍ତ ଘଟଣା, ମାନବ କାର୍ଯ୍ୟ, ନିଷ୍ପତ୍ତି ଓ ଜ୍ଞାନ ଇତ୍ୟାଦି ପୂର୍ବ ବିଦ୍ୟମାନ କାରଣ ଦ୍ୱାରା ନିର୍ଣ୍ଣୟ ହୋଇଥାଏ। ଶେଷଟି ହେଉଛି ସାଂସ୍କୃତିକ, ଯାହା କର୍ମ-ଆଧାରିତ ନିୟତି ଉପରେ ବିଶ୍ୱାସ କରେ। ଏହା ଅନୁଯାୟୀ ବର୍ତ୍ତମାନର ପରିସ୍ଥିତି ଯେପରିକି ଧନ, ଦାରିଦ୍ର୍ୟ, ସୁଖ, ଦୁଃଖ, ସଫଳତା କିମ୍ବା ବିଫଳତା ଇତ୍ୟାଦି ହେଉଛି ପୂର୍ବ ଜନ୍ମର କର୍ମର ଫଳାଫଳ।

ଦୀର୍ଘ ତିନିଦଶନ୍ଧି ଧରି ସମାଜଶାସ୍ତ୍ରରେ ଏହି ଭାଗ୍ୟବାଦକୁ ନେଇ ଅନେକ ବିତର୍କ ହେଉଛି। ସମାଜବିଜ୍ଞାନୀଙ୍କ ମତରେ ବିଶ୍ୱାସ ହେଉଛି ଏକ ସାମାଜିକ ଆଚରଣ। ଅନୁଷ୍ଠାନ ଓ ସାମାଜିକ ପରିବର୍ତ୍ତନକୁ ଏହା ପ୍ରଭାବିତ କରିପାରେ। ତେଣୁ ଭାଗ୍ୟବାଦର ଆଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଆମେ ବିଶ୍ୱାସ କରିବା ଯେ ଫଳାଫଳ ସ୍ଥିର ଓ ଭାଗ୍ୟ ହେଉଛି ନିର୍ଣ୍ଣାୟକ, ତେବେ ସାମାଜିକ ଗତିଶୀଳତା ମନ୍ଥର ହୋଇଯିବା ସହିତ ପରିବର୍ତ୍ତନର ଇଚ୍ଛା ଦୁର୍ବଳ ହୋଇଯିବନି ତ? ଧାର୍ମିକ ବିଶ୍ୱାସ ଓ ଅର୍ଥନୈତିକ ଆଚରଣକୁ ନେଇ ସମାଜଶାସ୍ତ୍ରୀ ମ୍ୟାକ୍ସ ୱେବରଙ୍କ ‘ଦି ପ୍ରୋଟେଷ୍ଟାଣ୍ଟ ଏଥିକ୍ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍’ରେ ଏହାର ଉତ୍ତରରେ କୁହନ୍ତି ଯେ ଭାଗ୍ୟବାଦୀ ମନୋଭାବ ଓ କର୍ମ ପ୍ରତି ମୂଲ୍ୟବୋଧ ହେଉଛନ୍ତି ବିପରୀତ।

ବିଶିଷ୍ଟ ସମାଜ ବିଜ୍ଞାନୀ ଏମ୍.ଏନ୍. ଶ୍ରୀନିବାସ ଏକ ଅଧ୍ୟୟନରେ କହିଛନ୍ତି ଯେ କର୍ମ, ସେ କାର୍ଯ୍ୟ ହେଉ ବା ଦଣ୍ଡ ଏବଂ ଭାଗ୍ୟ -ଯାହାକୁ ପ୍ରାରବ୍ଧ ବୋଲି ମଧ୍ୟ କୁହାଯାଏ, ସେସବୁ କେବଳ ତାତ୍ତ୍ୱିକ ଧାରଣା ନୁହେଁ, ବରଂ ସାମାଜିକ ପଦାନୁକ୍ରମରେ ନିଜର ସ୍ଥିତିକୁ ଯୁକ୍ତିଯୁକ୍ତ କରିବା ପାଇଁ ଏକ ସକ୍ରିୟ ଉପକରଣ। ଭାଗ୍ୟବାଦ ଭଳି କିଛି ସାମୂହିକ ବିଶ୍ୱାସ ଦ୍ୱାରା ସାମାଜିକ ଜୀବନ ନିୟନ୍ତ୍ରଣ ହୁଏ। ଦାରିଦ୍ର୍ୟ, ଦୁଃଖ କିମ୍ବା ଅସମାନତାକୁ ଭାଗ୍ୟଫଳ ଭାବରେ ଅନେକ ପାରମ୍ପରିକ ସମାଜ ଆଜି ବି ବ୍ୟାଖ୍ୟା କରୁଛନ୍ତି।ଏହି ବିଶ୍ୱାସଗୁଡ଼ିକ ପରୋକ୍ଷରେ ଜାତି, ଲିଙ୍ଗ ଓ ଶ୍ରେଣୀର ପଦାନୁକ୍ରମକୁ ସମର୍ଥନ କରୁଛି। ଡେଭିଡ୍ ରବିନ୍ସଙ୍କ ସମ୍ପାଦିତ ପୁସ୍ତକ ‘ରିଥିଙ୍କିଂ ସୋସିଆଲ ଇନିକ୍ୱାଲିଟି’ର ଏକ ଅଧ୍ୟାୟ ହେଉଛି ‘ଫିମେଲ୍ ମ୍ୟାନୁଏଲ୍ ୱାର୍କର୍ସ’, ‘ଫାଟାଲିଜିମ୍ ଆଣ୍ଡ ଦି ରିଇନଫୋର୍ସମେଣ୍ଟ ଅଫ୍ ଇନିକ୍ୱାଲିଟିଜ୍’। କେଟ୍ ପର୍ସେଲଙ୍କ ଦ୍ୱାରା ଲିଖିତ ଏହି ଆଲେଖ୍ୟରେ ଉଲ୍ଲେଖ ଅଛି ଯେ ମହିଳା ଶ୍ରମିକମାନେ ଅସମାନତାକୁ ନିଜ ଜୀବନର ଅଂଶ ଓ ସାମାଜିକ ସ୍ଥିତି ଭାବରେ ଗ୍ରହଣ କରିସାରିଛନ୍ତି। ଏହାକୁ ନିୟତିବାଦ ବା ଭାଗ୍ୟବାଦର ସାମାଜିକ ଦୃଷ୍ଟିକୋଣ ଭାବରେ ବର୍ଣ୍ଣନା କରାଯାଇଛି। ପର୍ସେଲ୍ ଆଲୋକପାତ କରିଛନ୍ତି ଯେ ମହିଳା ଶ୍ରମିକମାନଙ୍କୁ ପ୍ରାୟତଃ କମ୍ କୁଶଳୀ ଓ ପୁନରାବୃତ୍ତିମୂଳକ ବା ଏକାପ୍ରକାରର ଚାକିରିରେ ବିଭକ୍ତ କରାଯାଏ। ବିଡ଼ମ୍ବନା ଯେ ଏହା ‘ସ୍ୱାଭାବିକ ଭାବରେ’ ଉପଯୁକ୍ତ ବୋଲି ମଧ୍ୟ ବିବେଚନା କରାଯାଏ। ତେଣୁ ସୀମିତ ସୁଯୋଗ ପାଉଥିବା ଏବଂ ଘରୋଇ ବୋଝରେ ପେଷି ହେଉଥିବା ମହିଳା ଶ୍ରମିକଟିଏ ପାଇଁ ଭାଗ୍ୟବାଦ ହେଉଛି ବଞ୍ଚିବାର ଏକ ରଣନୀତି। ଏହି ପରିସ୍ଥିତିରେ ନିଜ ଜୀବନରେ କିଛି ପରିବର୍ତ୍ତନ ହୋଇପାରିବ ନାହିଁ ବୋଲି ମହିଳା ଶ୍ରମିକମାନେ ସହଜରେ ବିଶ୍ୱାସ କରିନିଅନ୍ତି। ସମ୍ଭବତଃ ସେଥିପାଇଁ ନିମ୍ନ ଦରମା ଓ କଠୋର ସର୍ତ୍ତାବଳୀକୁ ମହିଳା ଶ୍ରମିକମାନେ ବିନା ଦ୍ୱିଧାରେ ଗ୍ରହଣ କରିନେଉଛନ୍ତି। ଏହାବ୍ୟତୀତ ‘କିଛି କରାଯାଇପାରିବ ନାହିଁ’ ଭାବନାର ଗ୍ରହଣୀୟତା ଯୋଗୁଁ ମଧ୍ୟ ପ୍ରତିରୋଧ କରିବାର କ୍ଷମତା କମିଯାଏ ବୋଲି ପର୍ସେଲ ଯୁକ୍ତି କରିଛନ୍ତି।

ସେହିପରି ‘ଦାରିଦ୍ର୍ୟ କେବଳ ଆର୍ଥିକ ନୁହେଁ ବରଂ ସାଂସ୍କୃତିକ’ ଭଳି ଏକ ଭିନ୍ନ ଧାରଣା ବିକଶିତ କରିଛନ୍ତି ସମାଜଶାସ୍ତ୍ରୀ ଅସ୍କାର ଲୁଇସ୍। ପିଢ଼ି ପରେ ପିଢ଼ି ଦାରିଦ୍ର୍ୟ କିପରି ଓ କାହିଁକି ରହିଥାଏ ତାହା ଲୁଇସ୍ ଏଥିରେ ବ୍ୟାଖ୍ୟା କରିଛନ୍ତି। କିଛି ମେକ୍ସିକୋ ପରିବାରକୁ ଅଧ୍ୟୟନ କରି ସେ ମତ ଦେଇଛନ୍ତି ଯେ ଦୀର୍ଘକାଳୀନ ଆର୍ଥିକ ଅଭାବ ଦ୍ୱାରା ପରିବାରର ସଦସ୍ୟଙ୍କ ମଧ୍ୟରେ ସମାନ ପ୍ରକାରର ମନୋଭାବ ସୃଷ୍ଟି ହୁଏ। ସେଗୁଡ଼ିକ ହେଉଛି ନିର୍ଯାତନା, ଶକ୍ତିହୀନତାର ଭାବନା ଓ ପ୍ରୟାସ ଜଣଙ୍କ ଜୀବନକୁ ପରିବର୍ତ୍ତନ କରିପାରିବ ନାହିଁ ବୋଲି ଧାରଣା। ସେହି ପରିବାରର ପିଲାମାନେ ଅସ୍ଥିରତା, ଅବହେଳା ଓ ଅସୁରକ୍ଷାରେ ବଡ଼ ହୁଅନ୍ତି ବୋଲି ଅସ୍କାର ଲୁଇସ୍ ଯୁକ୍ତି ବାଢ଼ିଛନ୍ତି। ପରବର୍ତ୍ତୀ ସମୟରେ ପିଲାମାନେ ଏହି ଧାରଣାରେ ବିଶ୍ୱାସ କରିବା ଆରମ୍ଭ କରନ୍ତି ଯେ ସେମାନଙ୍କର ଭବିଷ୍ୟତ ସୀମିତ। ତେଣୁ ଏହା ସ୍ୱାଭାବିକ ଯେ ଆର୍ଥିକ ଅନଗ୍ରସର ପରିବାର ପାଇଁ ଭାଗ୍ୟବାଦ ଉଭୟ ମନସ୍ତାତ୍ତ୍ୱିକ ସୁରକ୍ଷା ଏବଂ ସାମାଜିକ ପ୍ରତିବନ୍ଧକ ଭାବେ କାର୍ଯ୍ୟକରେ।

ଏହା ବ୍ୟତୀତ, ଲୋକପ୍ରିୟ ପୁସ୍ତକ ‘ସୁଇସାଇଡ’ରେ ଏମିଲ୍ ଦୁର୍ଖାଇମ୍ ଭାଗ୍ୟବାଦୀ ଆତ୍ମହତ୍ୟା କଥା ଉଲ୍ଲେଖ କରିଛନ୍ତି। ଏମିଲ୍‌ଙ୍କ ମତରେ ଯେତେବେଳେ ବ୍ୟକ୍ତିବିଶେଷ କଠୋର ଓ ଦମନକାରୀ ନିୟମ ଏବଂ ଅବରୋଧିତ ଭବିଷ୍ୟତ ଦ୍ୱାରା ସମ୍ପୂର୍ଣ୍ଣ ନିୟନ୍ତ୍ରିତ ଅନୁଭବ କରେ କିମ୍ବା ପରିସ୍ଥିତି ପରିବର୍ତ୍ତନର କୌଣସି ଆଶା ଦେଖେ ନାହିଁ ଏବଂ ନିଜ ଜୀବନକୁ ଅସହ୍ୟ ମନେ କରେ ସେତେବେଳେ ଭାଗ୍ୟବାଦୀ ଆତ୍ମହତ୍ୟା ଘଟେ। ଏହାସହିତ କର୍କଟ ଭଳି ରୋଗରେ ମଧ୍ୟ ଭାଗ୍ୟବାଦ ବିଶ୍ୱାସର ମାତ୍ରା ଯଥେଷ୍ଟ ଅଧିକ। ନିଦାନକୁ ପ୍ରାୟତଃ ନିର୍ଣ୍ଣୟ ସହିତ ତୁଳନା କରାଯାଏ। ‘ଯଦି ଏହା ଘଟିବାକୁ ଥାଏ, ତେବେ କିଛି ଏହାକୁ ଅଟକାଇ ପାରିବ ନାହିଁ’ ‘କର୍ମଫଳ’ ଭଳି ସାଧାରଣ ଚିନ୍ତାଧାରା ଦ୍ୱାରା କର୍କଟ ଚିକିତ୍ସା ଓ ଜୀବନଶୈଳୀ ପରିବର୍ତ୍ତନରେ ଉଭୟ ବିଳମ୍ବ ଓ ପ୍ରଭାବିତ ହେଉଛି ବୋଲି ଅନେକ ଗବେଷଣାରେ ଉଦବେଗ ପ୍ରକାଶ ପାଇଛି।

ଆମେ ଜାଣୁ ଯେ ହିନ୍ଦୁଧର୍ମର ମୁକ୍ତି ସିଦ୍ଧାନ୍ତି ମୋକ୍ଷ ଉପରେ କେନ୍ଦ୍ରିତ। ଯାହା ଜନ୍ମ ଓ ପୁନର୍ଜନ୍ମ ଚକ୍ରରୁ ମୁକ୍ତି କଥା କୁହେ। ଏହି ଢାଞ୍ଚା ମଧ୍ୟରେ କର୍ମର ନିୟମ ହେଉଛି ସବୁଠାରୁ ଶକ୍ତିଶାଳୀ। ପୂର୍ବକର୍ମର ଫଳାଫଳ ବର୍ତ୍ତମାନର ଦୁଃଖ କିମ୍ବା ସୁଖକୁ ବ୍ୟାଖ୍ୟା କରେ। ଆପଣ ଭାବୁଥିବେ ଏହା ନିୟତିବାଦକୁ ଉତ୍ସାହିତ କରିପାରେ କି? କିନ୍ତୁ ହିନ୍ଦୁ ଚିନ୍ତାଧାରା ସମ୍ପୂର୍ଣ୍ଣ ନିଷ୍କ୍ରିୟ ନୁହେଁ। ଭଗବଦ୍ ଗୀତା ପରି ଗ୍ରନ୍ଥଗୁଡ଼ିକରେ ଶୃଙ୍ଖଳିତ କାର୍ଯ୍ୟ, କର୍ମ ଯୋଗ ଏବଂ ମୁକ୍ତି ପାଇଁ ଆତ୍ମପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଛି। ତେଣୁ ପୂର୍ବଜନ୍ମର କର୍ମ ପରିଣାମକୁ ଗ୍ରହଣ କରି କେବଳ ଭାଗ୍ୟ ନିକଟରେ ଆତ୍ମସମର୍ପଣ କରିବା ପରିବର୍ତ୍ତେ ଜଣଙ୍କର ଆଧ୍ୟାତ୍ମିକ ଭବିଷ୍ୟତକୁ ପରିବର୍ତ୍ତନ କରିବା ପାଇଁ ନୈତିକ କାର୍ଯ୍ୟକୁ ଆପଣେଇବାର ଆବଶ୍ୟକତା ଅଛି। କିଛି ବର୍ଷ ତଳେ ହୋଇଥିବା ‘ପ୍ୟୁ ରିସର୍ଚ୍ଚ ସେଣ୍ଟର’ର ଏକ ଅଧ୍ୟୟନ ଅନୁସାରେ, ବିଭିନ୍ନ ଧର୍ମର ଅଧିକାଂଶ ଭାରତୀୟମାନେ କର୍ମରେ ବିଶ୍ୱାସ କରନ୍ତି ଏବଂ ଏହା ସହିତ ଜୀବନର ଘଟଣାଗୁଡ଼ିକ ଭାଗ୍ୟ କିମ୍ବା ଅତୀତର କାର୍ଯ୍ୟ ଦ୍ୱାରା ନିୟନ୍ତ୍ରିତ ହୁଏ ବୋଲି ମଧ୍ୟ ଧାରଣା ରଖନ୍ତି। ଆମ ପାଇଁ ଭାଗ୍ୟରେ ଏହି ବିଶ୍ୱାସ ହେଉଛି ନୈତିକ ଦାୟିତ୍ୱର ଏକ ଦୃଢ଼ ଭାବନା।

ଆଧୁନିକ ସମାଜରେ ବେକାରୀ, ଦାରିଦ୍ର୍ୟ, ଜଳବାୟୁ ସଙ୍କଟ ଓ ଡିଜିଟାଲ୍ ନିରୀକ୍ଷଣରେ ଭାଗ୍ୟବାଦ ଦୃଶ୍ୟମାନ। କାର୍ଯ୍ୟ କରିବା ଓ ପରିସ୍ଥିତିକୁ ପରିବର୍ତ୍ତନ କରିବାର କ୍ଷମତାର ମାଧ୍ୟମ ହେଉଛି ଭାଗ୍ୟବାଦର ସମାଧାନ। ସାମାଜିକ ଆନ୍ଦୋଳନ, ମହିଳା ଗୋଷ୍ଠୀ, ଶ୍ରମିକ ସଂଘ ଓ ପରିବେଶଗତ ସକ୍ରିୟତା ହେଉଛି ଏହି ମାଧ୍ୟମମାନଙ୍କର କିଛି ଉଦାହରଣ। ଯେତେବେଳେ ସାମାଜିକ ବ୍ୟବସ୍ଥା ସୁଯୋଗକୁ ସୀମିତ କରେ, ସେତେବେଳେ ଭାଗ୍ୟବାଦ ବୃଦ୍ଧି ପାଏ। କିନ୍ତୁ ଯେତେବେଳେ ସାମୂହିକ ସଚେତନତା ସକ୍ରିୟ ହୁଏ, ସେତେବେଳେ ସାମାଜିକ ମାଧ୍ୟମମାନେ ଅସମାନତାକୁ ପ୍ରତିରୋଧ କରନ୍ତି ଏବଂ ସମାଜକୁ ପୁନଃଆକୃତି ଦିଅନ୍ତି। ତେଣୁ ସାମାଜିକ ପରିବର୍ତ୍ତନ ସେହି ଦିନଠାରୁ ଆରମ୍ଭ ହୋଇପାରିବ, ଯେଉଁଦିନ ଆମେମାନେ ଅନ୍ୟାୟ ଓ ଅସମାନତାକୁ ‘ଲିଖିତ ଭାଗ୍ୟ’ କହିବା ବନ୍ଦ କରିବା।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଶତାୟୁ ପାହାଚରେ ଅଲ୍ ଚିକି

ରାଜେଶ୍ ରାୟ

କୁହାଯାଏ ‘ଯାହା ଅଛି ଭାରତେ ତାହା ନାହିଁ ଜଗତେ।’ ବିବିଧତାଭରା ପରମ୍ପରାକୁ ନେଇ ଭାରତ ଯେତିକି ସମୃଦ୍ଧ ସେତିକି ସ୍ୱତନ୍ତ୍ର। ସେହି ବିବିଧ ପରମ୍ପରା ମଧ୍ୟରେ ସାନ୍ତାଳ ଜନଜାତିଙ୍କ ପରମ୍ପରା ଅନନ୍ୟ। ଭାରତର ସର୍ବପୁରାତନ ଏବଂ ଅଧିକ ସଂଖ୍ୟକ ଆଦିବାସୀ ଜନଜାତିଙ୍କ ତାଲିକାରେ ସାନ୍ତାଳଙ୍କ ନାମ ଅନ୍ତର୍ଭୁକ୍ତ। ଏମାନେ ମୁଖ୍ୟତଃ ଝାଡ଼ଖଣ୍ଡ, ବିହାର, ଓଡ଼ିଶା, ଛତିଶଗଡ଼, ଆସାମ ଓ ପଶ୍ଚିମବଙ୍ଗ ନିବାସୀ। ଏହାଛଡ଼ା ବାଂଲାଦେଶ, ନେପାଳ ଓ ଭୁଟାନରେ ମଧ୍ୟ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ବସବାସ କରନ୍ତି। ବିଶ୍ୱାସ କରାଯାଏ ସାନ୍ତାଳ ଜନଜାତିଙ୍କ ମୂଳ ସ୍ଥାନ ହେଉଛି ପୂର୍ବ-ଏସିଆର କାମ୍ବୋଡ଼ିଆ, ଯେଉଁଠାରୁ ସେମାନେ ୩୫୦୦ ରୁ ୪୦୦୦ ବର୍ଷ ପୂର୍ବେ ସ୍ଥାନାନ୍ତରିତ ହୋଇ ପ୍ରଥମେ ଆସାମ ଓ ବିହାରକୁ ଆସିଥିଲେ। ବର୍ତ୍ତମାନ ଭାରତରେ ପାଖାପାଖି ୬ ନିୟୁତରୁ ଊର୍ଦ୍ଧ୍ୱ ସାନ୍ତାଳ ଜନଜାତି ଅଛନ୍ତି।

ସାନ୍ତାଳମାନେ ବ୍ୟବହାର କରୁଥିବା ଭାଷାକୁ ‘ସାନ୍ତାଳୀ’ କୁହାଯାଏ, ଯାହାକି ‘ମୁଣ୍ଡାରୀ’ ଓ ‘ହୋ’ ଭାଷା ସହିତ କେତେକାଂଶରେ ମେଳ ଖାଏ। ପୂର୍ବରୁ ସାନ୍ତାଳୀ ଭାଷାର କୌଣସି ଲିପି ନଥିଲା। ଏହା ଦେବନାଗରୀ, ବଙ୍ଗାଳୀ, ଓଡ଼ିଆ ଓ କିଛି ରୋମାନ୍ ଭାଷାରେ ପରିପ୍ରକାଶ କରାଯାଉଥିଲା। ଏହାଦ୍ୱାରା ସାନ୍ତାଳ ସମ୍ପ୍ରଦାୟ ଲୋକଙ୍କ ଭାବନା, ଉଚ୍ଚାରଣ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଥିଲା। ତେଣୁ ସାନ୍ତାଳ ଜନଜାତିର ସ୍ୱାଭିମାନ, ଗୌରବ ଓ ପରିଚୟକୁ ସମୃଦ୍ଧ କରିବା ପାଇଁ ଏକ ସ୍ୱତନ୍ତ୍ର ଲିପିର ଆବିର୍ଭାବ ହେଲା, ଯାହାର ନାମ ହେଉଛି ‘ଅଲ୍ ଚିକି’। ଏହାକୁ ‘ଅଲ୍ ସିମେଟ୍’ ବା ‘ଅଲ୍ ସ୍କ୍ରିପ୍ଟ’ ବୋଲି ମଧ୍ୟ କୁହାଯାଏ। ‘ଅଲ୍’ର ଅର୍ଥ ‘ଲେଖିବା’, ‘ସିମେଟ୍’ ର ଅର୍ଥ ‘ଶିଖିବା’ ଏବଂ ‘ଚିକି’ର ଅର୍ଥ ହେଉଛି ‘ସ୍କ୍ରିପ୍ଟ’। ତେଣୁ ‘ଅଲ୍ ଚିକି’ ହେଉଛି ‘ଲେଖିବା ଓ ଶିଖିବାର କଳାକୁ ପ୍ରତିପାଦନ କରୁଥିବା ଏକ ସ୍କ୍ରିପ୍ଟ।’

ଏହି ଲିପିର ଜନକ ହେଉଛନ୍ତି ‘ଗୁରୁ ଗୋମକେ’ ପଣ୍ଡିତ ଶ୍ରୀରଘୁନାଥ ମୁର୍ମୁ। ସେ ୧୯୦୫ ମସିହାରେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଏକ ସାନ୍ତାଳୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ସ୍କୁଲରେ ଶିକ୍ଷକତା କରୁଥିବା ସମୟରେ ପଣ୍ଡିତ ଶ୍ରୀମୁର୍ମୁ ସାନ୍ତାଳ ସମ୍ପ୍ରଦାୟର ସାମାଜିକ-ଆର୍ଥିକ ସମସ୍ୟା ଓ ସାଂସ୍କୃତିକ ଅବକ୍ଷୟକୁ ଦେଖି ଗଭୀର ଭାବେ ପ୍ରଭାବିତ ହୋଇଥିଲେ। ସେ ଅନୁଭବ କରିଥିଲେ ଯେ ସାନ୍ତାଳୀ ଭାଷାର ଧ୍ୱନିଗତ ବୈଶିଷ୍ଟ୍ୟକୁ ସଠିକ୍ ଭାବେ ପରିପ୍ରକାଶ କରିବା ପାଇଁ ଏକ ସ୍ୱତନ୍ତ୍ର ଲିପିର ନିହାତି ଆବଶ୍ୟକତା ରହିଛି। ଏହି ଭାବକୁ ନେଇ ସେ ୧୯୨୫ ମସିହାରେ ‘ଅଲ୍ ଚିକି ଲିପି’ର ଉଦ୍ଭାବନ କରିଥିଲେ, ଯାହାକି ୧୯୩୫-୩୬ ମସିହାରେ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ପାଇଲା। ‘ଅଲ୍ ଚିକି’ ଲିପି ବର୍ଣ୍ଣମାଳାରେ ସମୁଦାୟ ୩୦ ଟି ଅକ୍ଷର ଅଛି। ତନ୍ମଧ୍ୟରୁ ୬ଟି ସ୍ୱରବର୍ଣ୍ଣ ଓ ୨୪ଟି ବ୍ୟଞ୍ଜନ ବର୍ଣ୍ଣ। ଏହାବ୍ୟତୀତ ୫ଟି ଭିନ୍ନ ଭିନ୍ନ ସ୍ୱରକୁ ମଧ୍ୟ ବ୍ୟବହାର କରାଯାଏ, ଯାହା ଭାଷାର ଉଚ୍ଚାରଣକୁ ନିୟନ୍ତ୍ରଣ କରେ। ‘ଅଲ୍ ଚିକି’ ଲିପିର ପ୍ରତ୍ୟେକଟି ଅକ୍ଷର ପ୍ରାକୃତିକ ପରିବେଶ ଏବଂ ସାନ୍ତାଳ ଜନଜାତିଙ୍କ ସାମାଜିକ ଜୀବନଶୈଳୀରୁ ଆସିଛି, ଯାହା ସାନ୍ତାଳୀ ଭାଷାର ଏକ ନିର୍ଦ୍ଦିଷ୍ଟ ଧ୍ୱନିକୁ ପ୍ରତିନିଧିତ୍ୱ କରେ। ଏହା ଧ୍ୱନିମୂଳକ ଲିପି ହୋଇଥିବାରୁ ଶିଖିବା ଓ ବୁଝିବା ଅତି ସହଜ। ଅକ୍ଷରଗୁଡ଼ିକ ସାନ୍ତାଳ ସମ୍ପ୍ରଦାୟର ପାରିବାରିକ ସଂକେତ, କିଛି କ୍ରିୟା, ବସ୍ତୁ, ପାହାଡ଼, ଗଛ, ପକ୍ଷୀ, ମହୁମାଛି, ଦାଆ ଆଦି ବିଭିନ୍ନ ସାମାଜିକ କାରକରୁ ପ୍ରେରିତ। ଉଦାହରଣ ସ୍ୱରୂପ ‘ଲା’ ଅକ୍ଷରଟି ପୃଥିବୀରୁ ଆସିଥିବା ବେଳେ ବ୍ୟଞ୍ଜନ ବର୍ଣ୍ଣରେ ଥିବା ‘ଏକ’ ଅକ୍ଷରଟି ବତକର ସ୍ୱରରୁ ଏବଂ ‘ଉର୍’ ଅକ୍ଷରଟି ମହୁମାଛିର ସ୍ୱରରୁ ଆସିଛି।

ଏହି ଲିପି ପ୍ରାଥମିକ ସ୍ତରରେ ଲୋକାଦୃତ ହୋଇ ନଥିଲେ ହେଁ ସେ ବ୍ୟକ୍ତିଗତ ଭାବେ ଅନେକ କଷ୍ଟ ସହି ସାଧାନା ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଦ୍ୱାରା ଉକ୍ତ ଲିପିକୁ ଗ୍ରହଣ କରାଯାଇ ବ୍ୟକ୍ତିଗତ ଓ ଶିକ୍ଷାନୁଷ୍ଠାନ ସ୍ତରରେ ତାହାର ପ୍ରଚାର ପ୍ରସାର ହେଲା। ୧୯୩୮ ମସିହାରେ ପଣ୍ଡିତ ଶ୍ରୀମୁର୍ମୁ କାଠର ଗୋଟିଏ ହାତପ୍ରିଣ୍ଟ ପ୍ରେସ କରି ‘ଅଲ୍ ଚିକି’ ଲିପିକୁ ଛପାଇଥିଲେ, ଯାହାକୁ ସେ ୧୯୩୮ ମସିହାରେ ମୟୂରଭଞ୍ଜ ଜିଲ୍ଲାରେ ଅନୁଷ୍ଠିତ ରାଜ୍ୟ ପ୍ରଦର୍ଶନୀରେ ଲୋକଲୋଚନକୁ ଆଣିଲେ। କୁହାଯାଏ ସେହି ପ୍ରଦର୍ଶନୀରେ ଶ୍ରୀମୁର୍ମୁ ଭକ୍ତକବି ମଧୁସୂଦନ ରାଓଙ୍କ ଏକ କବିତା ‘ମାତୃଭୂମି ମାତୃଭାଷା ଉଭୟ ଜନନୀ, ସେବ ତାଙ୍କୁ ଭକ୍ତି ଭରେ ଦିବସ ରଜନୀ’ ଏବଂ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଏକ କବିତା ‘ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା’ କୁ ‘ଅଲ୍ ଚିକି’ ଲିପିରେ ପ୍ରଦର୍ଶନ କରିଥିଲେ, ଯାହାକୁ ତତ୍କାଳୀନ ମହାରାଜା ପ୍ରତାପଚନ୍ଦ୍ର ଦେବ ଭଞ୍ଜଦେଓ ଦେଖି ପଣ୍ଡିତ ଶ୍ରୀମୁର୍ମୁଙ୍କ ପ୍ରୟାସରେ ପ୍ରୀତ ହୋଇଯାଇଥିଲେ।

ପରବର୍ତ୍ତୀ କାଳରେ କୋଲକାତାର ଜଣେ ଓକିଲଙ୍କ ସହାୟତାରେ ‘ଅଲ୍ ଚିକି’ ଲିପିକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେବା ପାଇଁ ଇଂରେଜଙ୍କ ପାଖେ ସୁପାରିସ କରାଗଲା, ଯାହା ପରବର୍ତ୍ତୀ ସମୟରେ ସଫଳ ହେଲା। ୨୦୦୩ ମସିହାରେ ୯୨ ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଅନୁଯାୟୀ ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ତାଲିକାରେ ଅନ୍ତର୍ଭୁକ୍ତ କରାଗଲା ଏବଂ ଭାରତୀୟ ସମ୍ବିଧାନରେ ଥିବା ୨୨ ଗୋଟି ସାମ୍ବିଧାନିକ ଭାଷା ମଧ୍ୟରେ ତାହା ଗୋଟିଏ ସ୍ଥାନ ଅଳଙ୍କୃତ କଲା। ଚାହୁଁ ଚାହୁଁ ଅଲ୍ ଚିକି ଲିପିର ବୟସ ଏବେ ୧୦୦ ବର୍ଷରେ ପାଦ ଥାପିଛି। ଏହି ଅବସରରେ ଭାରତ ସରକାରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ଡାକ ଟିକଟ ଓ ମୁଦ୍ରା ଉନ୍ମୋଚିତ ହୋଇଛି। ଏହାକୁ ନେଇ ଭାରତୀୟ ସମ୍ବିଧାନ ମଧ୍ୟ ଅନୁବାଦ କରାଯାଇଛି ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଏହି ଲିପିରେ ପାଠ୍ୟପୁସ୍ତକ ପ୍ରସ୍ତୁତ କରାଯାଉଛି।

(ଅଧ୍ୟାପକ, ବିଦ୍ୱାନ୍ ମହାବିଦ୍ୟାଳୟ)
ଜୟପୁର(କୋରାପୁଟ), ମୋ: ୬୩୭୧୫୫୫୯୪୦

# ଆମ ବୃକ୍ଷଲତା ଆମ ଜୀବନ

## ଆଙ୍କୁଲ

(Sage-leaved Alangium Plant-Alangium salvifolium)

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ଆଙ୍କୁଲ ସାଧାରଣତଃ ଏକ ଜଣାଶୁଣା ଜଙ୍ଗଲି ଔଷଧୀୟ ଗଛ। ଏହା ଭାରତୀୟ ଉପମହାଦେଶ, ପୂର୍ବ ଉଷ୍ମମଣ୍ଡଳୀୟ ଆଫ୍ରିକାର ମୂଳ ଜାତ ଅଟେ। ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ଏହା ପ୍ରଚୁର ପରିମାଣରେ ମିଳେ। ଏହାଛଡ଼ା ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ପଶ୍ଚିମ ହିମାଳୟ, କୋମୋରୋ ଦ୍ୱୀପପୁଞ୍ଜ, କେନିଆ ଓ ତାଞ୍ଜାନିଆ ଭଳି ଅନେକ ଦେଶରେ ମଧ୍ୟ ଦେଖାଯାଏ। ଭାରତରେ ଏହାକୁ ଏକ ପବିତ୍ର ଗଛ ଭାବରେ ବିବେଚନା କରାଯାଏ।

ଆଙ୍କୁଲ ପ୍ରାୟ ୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରୁଥିବା ଏକ ଛୋଟ, ବୁଦାଳିଆ ଓ ତୀକ୍ଷ୍ଣ କଣ୍ଟାଯୁକ୍ତ ଗଛ। ଏହାର ଛାଲି ପାଉଁଶ ରଙ୍ଗର, ରୁକ୍ଷ ଓ ସାମାନ୍ୟ ଫାଟିଥାଏ। ପତ୍ରଗୁଡ଼ିକ ସରଳ, ଅଣ୍ଡାକାର କିମ୍ବା ଆୟତାକାର, ସମ୍ପୂର୍ଣ୍ଣ ଧାର ସହିତ। ପୁଷ୍ପୋଦଗମ ୪ ରୁ ୮ ଟି ଫୁଲ ଧାରଣ କରିଥାଏ। କେତେକ ସମୟରେ କେବଳ ଏକାକୀ ଗୋଟିଏ ଫୁଲ ଥାଏ। ଫୁଲ ଡେମ୍ଫ ଯୁକ୍ତ, ସୁଗନ୍ଧିତ, କ୍ରିମ୍ ରଙ୍ଗର। ଫୁଲର ପାଖୁଡ଼ାଗୁଡ଼ିକ ସାଧାରଣତଃ ପଛକୁ କୁଞ୍ଚିତ ହୋଇ ରହିଥାଏ। ଫଳଗୁଡ଼ିକ ଅଙ୍ଗୁର ଭଳି ଗୋଲାକାର କିମ୍ବା ଅଣ୍ଡାକାର, ମସୃଣ ଓ ଗାଢ଼ ବାଇଗଣୀ ବା ଈଶତ୍ କଳା ରଙ୍ଗ। ଫୁଲ ଓ ଫଳ ଧରିବା ସମୟ ହେଉଛି ଫେବୃଆରୀ-ଜୁନ୍ ମାସ। ଫୁଲ ଫୁଟିବା ସମୟରେ ପତ୍ରଗୁଡ଼ିକ ସମ୍ପୂର୍ଣ୍ଣ ଝଡ଼ି ଯାଏ ଏବଂ ଫଳ ଆସିଲେ ପୁଣି ପତ୍ର କଅଁଳିବା ଆରମ୍ଭ ହୁଏ। ଫୁଲଗୁଡ଼ିକ ମହୁମାଛି, ବଣି, ଟିକି ଫୁଲ ଛୁଇଁ ପକ୍ଷୀ, ଭାଲିଆ-ଖାଇ ବା ନାହାକ ଶୁଆ, ବଡ଼ପାଦ କାଷ୍ଠ କର୍ମୀ ମହୁମାଛି, ଲୋମଶ କାଷ୍ଠ କର୍ମୀ ମହୁମାଛି, ଇତ୍ୟାଦି ଦ୍ୱାରା ପରାଗ ପ୍ରାପ୍ତ ହୁଏ।

ଆୟୁର୍ବେଦରେ ଆଙ୍କୁଲ ଗଛର ସମସ୍ତ ଅଂଶ ବିଭିନ୍ନ ରୋଗର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ଏହା ପ୍ରାୟତଃ ଅନ୍ତଃନଳୀ ସମ୍ବନ୍ଧୀୟ ବ୍ୟାଧିର ଚିକିତ୍ସା ପାଇଁ ମହୌଷଧୀ ରୂପେ ବ୍ୟବହୃତ। ଏଥିରେ କାର୍ମିନେଟିଭ୍ ବା ହଜମ ଓ ରେଚକ ଗୁଣ ଅଛି, ଯାହା ଏହାକୁ ଦୈନନ୍ଦିନ ଗ୍ୟାଷ୍ଟ୍ରିକ୍, ପେଟ ଫୁଲିବା ସମସ୍ୟା ଇତ୍ୟାଦିର ଉପଶମ କରିଥାଏ। ଏହାକୁ ମଧ୍ୟ ଠେକୁଆ, ମୂଷା ଓ କୁକୁର କାମୁଡ଼ାର ଚିକିତ୍ସା ପାଇଁ ବ୍ୟବହାର କରାଯାଏ। ଏହାର ମୂଳ ଓ ପତ୍ର ଯନ୍ତ୍ରଣା ନିବାରକ, ଆଣ୍ଟି-ରିଉମାଟିକ୍ ଓ ଶ୍ୱାସକ୍ରିୟା ସମସ୍ୟାର ଚିକିତ୍ସା ପାଇଁ ବ୍ୟବହୃତ ହୁଏ। ମୂଳର ଛାଲିକୁ ଚର୍ମ ରୋଗ, ସାପ କାମୁଡ଼ାର ପ୍ରତିଷେଧକ, ପରଜୀବୀ କୃମି (ପ୍ଲାଟିହେଲମିନ୍ଥେସ୍) ଏବଂ ଅନ୍ୟାନ୍ୟ ଆଭ୍ୟନ୍ତରୀଣ ପରଜୀବୀ ବିନାଶ କରିବା ପାଇଁ ବ୍ୟବହାର କରାଯାଏ। ଏହାର ତେଲ କୁଣ୍ଡିଆ, ଏକଜିମା, ହର୍ପିସ୍ ଓ ଅନ୍ୟାନ୍ୟ ଚର୍ମ ରୋଗରେ ଲାଭଦାୟକ। ଏହାର ବିହନ କାମୋଦ୍ଦୀପକ ଓ ଶରୀରକୁ ଶକ୍ତି ପ୍ରଦାନ କରେ। ଖେଳାଳିମାନେ ଶକ୍ତି ବୃଦ୍ଧି କରିବା ପାଇଁ ଏହାର ବିହନ ବ୍ୟବହାର କରନ୍ତି। ଏହାର ମୂଳ ଯନ୍ତ୍ରଣା ନିବାରକ, ପ୍ରଦାହ ନିରୋଧୀ, ଆଣ୍ଠୁଗଣ୍ଠି ବାତ ଉପଶମ କାରକ ଓ କର୍କଟ ନିରୋଧୀ। ଏହାର ବିହନ ମଧୁମେହ ନିବାରଣ, ଡାଇୟୁରେଟିକ୍, ଆଣ୍ଟିମାଇକ୍ରୋବାୟକ ଚିକିତ୍ସା ଗୁଣ ବହନ କରେ। ଫଳଗୁଡ଼ିକ ଆଫ୍ରୋଡିସିଆକ୍, କଫ ନିରୋଧୀ, ସର୍ପ କାମୁଡ଼ାର ପ୍ରତିଷେଧକ, ବିଛା ଦଂଶନ ପ୍ରତିଷେଧକ। କାଣ୍ଡ ଡାଇରିଆ ତଥା ଝାଡ଼ା ରୋଗ ପ୍ରତିଷେଧକ। ମୂଳ ଓ କାଣ୍ଡ ଛାଲି ଇନଫ୍ଲୁଏଞ୍ଜା, ଜ୍ୱର, ଜଣ୍ଡିସ୍, ଡାଇରିଆ, ଗଣ୍ଠି ଯନ୍ତ୍ରଣା, ବାତ ଯନ୍ତ୍ରଣା, ପିଠି ଯନ୍ତ୍ରଣା, ଅର୍ଟିକାରିଆ, ସାଧାରଣ ଶରୀର ଯନ୍ତ୍ରଣା, ବାନ୍ତି, କୋଷ୍ଠକାଠିନ୍ୟ, ପାଇଲ୍ସ, କୃମି, ଉଚ୍ଚ ରକ୍ତଚାପ ଏବଂ ପଶୁ କାମୁଡ଼ାର ଚିକିତ୍ସାରେ ଉପଯୋଗୀ। ଆଙ୍କୁଲ ତେଲ ଶକ୍ତି ବର୍ଦ୍ଧକ ଏବଂ ବାର୍ଦ୍ଧକ୍ୟକୁ ବିଳମ୍ବ କରେ (ନାକରେ ପ୍ରୟୋଗ କରାଯାଏ)। ଫଳଗୁଡ଼ିକ ଶାରୀରିକ ଦୁର୍ବଳତା, ରକ୍ତସ୍ରାବ ରୋଗ (ନାକ ରକ୍ତସ୍ରାବ ଓ ପାକସ୍ଥଳୀ ରକ୍ତସ୍ରାବ) ଚିକିତ୍ସା ପାଇଁ ବ୍ୟବହୃତ ହୁଏ।

ଏହାର କାଠ କଠିନ ଏବଂ ବାଦ୍ୟଯନ୍ତ୍ର, ଫର୍ଣ୍ଣିଚର, ପେଷ୍ଟଲ୍ ଓ ରୋଲର୍, ଅଳଙ୍କାର କାମ ପାଇଁ ସୁଲଭ ବୋଲି ବିବେଚନା କରାଯାଏ ଏବଂ ଏହା ଜାଳେଣି କାଠ ଭାବରେ ମଧ୍ୟ ଭଲ ଅଟେ। ଏହାର କାଣ୍ଡକୁ କେନିଆରେ ବର୍ଚ୍ଛା ଭାବରେ ଏବଂ ଭାରତରେ ଏହାର କୋମଳ ଡାଳକୁ ଦାନ୍ତକାଠି ଭାବରେ ବ୍ୟବହାର କରାଯାଏ। ଆଙ୍କୁଲରେ ବିଭିନ୍ନ ସକ୍ରିୟ ଫାଇଟୋକେମିକାଲ୍ ବା ଜୈବିକ ରସାୟନ ଯେପରିକି ଆଲାଙ୍ଗିନ, ଆଙ୍କୋରିନ୍, ଟ୍ୟୁବୁଲୋସିନ୍, ଆଲାଙ୍ଗିସିନ୍, ସାଲସୋଲିନ୍, ଇତ୍ୟାଦି ରହିଛି। ତେଲରେ ପ୍ରାୟ ୯୦ ପ୍ରକାରର ଯୌଗିକ ରସାୟନ ଥାଏ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


KHIMJI TRUST SINCE 1936
Weddings by
KHIMJI
JEWELLERS SINCE 1936
Sadiyon baad bhi, tumhara saath Nibhayenge, Always
Flat
45% off
on making charges of gold jewellery.
90 YEARS
TRUST IS TIMELESS
BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar
CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road
SAMBALPUR (Opening Shortly)
BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

# ରାଜରାସ୍ତା ଉପରେ ପରିବା ହାଟ; ବିପଦକୁ ଆମନ୍ତ୍ରଣ

ଯୋଡ଼ା, ୨୨।୨(ସମିସ)





କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକାରେ ପରିବା ଚାଷୀଙ୍କୁ ନିଜ ଉତ୍ପାଦକୁ ବିକ୍ରି କରିବା ପାଇଁ ଜାଗା ଖଣ୍ଡିଏ ମିଳି ପାରୁ ନ ଥିବା ବେଳେ ବିପଦସଂକୁଳ ଭାବେ ରାଜ୍ୟ ରାଜପଥ (ରଣାଶାଳଠାରୁ କାଳିମାଟି ଦେଇ ପଲାଶପଙ୍ଗାକୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସ ୨) ଉପରେ ପରିବା ବିକ୍ରି କରିବା ଉଭୟ ଗ୍ରାହକ ଏବଂ ବିକ୍ରେତାଙ୍କ ପାଇଁ ଯନ୍ତ୍ରଣାଦାୟକ ହେଉଛି। ଏହା ଏକ ବିପଦସଙ୍କୁଳ ହାଟ ବୋଲି ସାଧାରଣରେ ଆଲୋଚନା ହେଉଛି। ଯୋଡ଼ା ଖଣି ଅଞ୍ଚଳରେ ନିକଟବର୍ତ୍ତୀ ଅଞ୍ଚଳରୁ ଦୈନିକ ଶହ ଶହ ଚାଷୀ ପରିବା ବିକ୍ରି କରିବାକୁ ଆସିଥାନ୍ତି। ଉକ୍ତ ଚାଷୀଙ୍କ ପାଇଁ ଏକ ଉତ୍କୃଷ୍ଟ ଜାଗା ପୌରପାଳିକା ପକ୍ଷରୁ ଦିଆ ଯାଇ ପାରୁ ନ ଥିବା ହେତୁ ବିପଦପୂର୍ଣ୍ଣ ଭାବେ ରାସ୍ତା ଉପରେ ବସି ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଛି। ଉକ୍ତ ରାସ୍ତାଟିରେ ସର୍ବଦା ଚାରିଚକିଆ ଯାନ, ପରିବହନ ବସ ଚଳାଚଳ କରୁଛି। ଖାସ କରି ରବିବାର ଉକ୍ତ ରାସ୍ତା ଉପରେ ପରିବା ହାଟ ବସିବା ଦ୍ୱାରା ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ପରିବା ଚାଷୀ ଯେତିକି ବିପଦପୂର୍ଣ୍ଣ ଭାବେ ପରିବା ବିକୁଛନ୍ତି ସେତିକି ଅସହଜ ଭାବେ ଜନସାଧାରଣ ପରିବା କିଣୁଛନ୍ତି ମଧ୍ୟ। ରାସ୍ତାର ଉଭୟ ପାର୍ଶ୍ୱରେ ପରିବା ବିକ୍ରି ସାଙ୍ଗକୁ ମଟରସାଇକଲ ପାର୍କିଙ୍ଗ ସ୍ଥାନଟିକୁ ଆହୁରି ଗହଳି କରି ଦେଉଛି। ଏହି ସ୍ଥାନଟି ଯୋଡ଼ା ବସଷ୍ଟାଣ୍ଡ ନିକଟ ହୋଇଥିବାରୁ ବଡ଼ବିଲକୁ ଯାଉଥିବା କିମ୍ବା ବଡ଼ବିଲରୁ ଆସୁଥିବା ବସଗୁଡିକ ପାଇଁ ସମସ୍ୟା ହେବା ସହ ଯେ କୌଣସି ମୁହୂର୍ତ୍ତରେ ଦୁର୍ଘଟଣା ହେବାର ଆଶଙ୍କା ରହିଥିବା ନେଇ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଖଣି ଅଞ୍ଚଳରେ ବସବାସ କରୁଥିବା ହଜାର ହଜାର ଲୋକ ରାତି ପାହିଲେ ବ୍ୟାଗ ଧରି ପରିବା ବଜାରକୁ ଆସିଥିବା ବେଳେ ପରିବା ଚାଷୀ ମଧ୍ୟ ଦୈନିକ ତାଜା ପରିବା ଧରି ଯୋଡ଼ା ପହଞ୍ଚିଥାନ୍ତି। ଯୋଡ଼ାର ବୁଦ୍ଧିଜୀବୀଙ୍କ କହିବାନୁଯାୟୀ, ଆଜିର ବ୍ୟସ୍ତବହୁଳ ଜୀବନ ଭିତରେ ତଥା ଅସନ୍ତୁଳିତ ଖାଦ୍ୟ ପାନୀୟ ଭିତରେ ଏହି ପରିବା ଚାଷୀ ହିଁ ଲୋକଙ୍କୁ ତାଜା ଓ ପୁଷ୍ଟିକର ପରିବା ଯୋଡ଼ା ଜନସାଧାରଣଙ୍କ ନିକଟରେ ପହଞ୍ଚାଉଛନ୍ତି। ତେଣୁ ପରିବା ଚାଷୀଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଯୋଡ଼ା ପୌରପାଳିକା ଚାଷୀଙ୍କୁ ଏକ ସୁରକ୍ଷିତ ସ୍ଥାନ ଯୋଗାଇ ଦେବା ଉଚିତ। ତେବେ ଏନେଇ ଯୋଡ଼ା ବିକାଶ ପରିଷଦର ସଭାପତି ରାସ୍ତା ଉପରେ ପରିବା ହାଟକୁ ସ୍ଥାନାନ୍ତରିତ କରିବା ପାଇଁ ବାରମ୍ବାର ପୌରପାଳିକାର ଦୃଷ୍ଟି ଆକର୍ଷଣ କରିଥିବା କଥା କହୁଥିବା ବେଳେ ସ୍ଥାନର ଅଭାବ ଥିବା ପୌରପାଳିକା କହିଛି। ଯୋଡ଼ାର ସଞ୍ଜୟ ପାତ୍ର, ନରେଶ ପାତ୍ର, ସୁଶାନ୍ତ ବାରିକ, ସତ୍ୟ ସାହୁ ପ୍ରମୁଖ ଉକ୍ତ ସ୍ଥାନରେ ପରିବା ହାଟକୁ ନେଇ ଦୁଃଖ ପ୍ରକାଶ କରିବା ସହ ଯାନ୍ତ୍ରିକ ତ୍ରୁଟି ଦ୍ୱାରା ଯେ କୌଣସି ମୁହୂର୍ତ୍ତରେ ଦୁଘଟଣା ଘଟି ଧନଜୀବନ ହାନି ହେବ ବୋଲି କହିଛନ୍ତି। ସାଂସଦ ପ୍ରତିନିଧି ବି ଏନ ଦାଶ ମଧ୍ୟ ରାସ୍ତା ଉପରେ ପରିବା ହାଟକୁ ନେଇ ଚିନ୍ତା ପ୍ରକାଶ କରି ଖୁବ କମ ଦିନ ଭିତରେ ଏମଏମଟିସି କଲୋନୀ ମଧ୍ୟକୁ ପରିବା ହାଟ ସ୍ଥାନାନ୍ତରିତ ପ୍ରସ୍ତାବ ରଖିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ଯୋଡ଼ା ପୌରପାଳିକା ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହେଉଛି।

## ● ତେଲକୋଇ ପ୍ରେସ୍‌କ୍ଲବ୍‌ରେ ନୂତନ କର୍ମକର୍ତ୍ତା

# କୈଳାସ ସଭାପତି, ଅକ୍ଷୟ ସମ୍ପାଦକ, ଅମରେଶ କୋଷାଧ୍ୟକ୍ଷ

ତେଲକୋଇ, ୨୨।୨(ସମିସ): ତେଲକୋଇ ବ୍ଲକ ସଦର ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆଜି ତେଲକୋଇ ପ୍ରେସ କ୍ଲବ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବର ବରିଷ୍ଠ ସଦସ୍ୟ ଈଶ୍ୱରଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ସାମ୍ବାଦିକ ବିରଞ୍ଚି ବେହେରାଙ୍କ ପିତୃଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏହାପରେ କ୍ଲବର୍ ସମସ୍ତ ସଦସ୍ୟଙ୍କ ଉପସ୍ଥିତି ଓ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ କୈଳାସଚନ୍ଦ୍ର ପ୍ରଧାନ, ସମ୍ପାଦକ ଭାବେ ଅକ୍ଷୟ ପ୍ରଧାନ ଓ କୋଷାଧ୍ୟକ୍ଷ ଭାବେ ଅମରେଶ ପ୍ରଧାନ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ ଈଶ୍ୱରଚନ୍ଦ୍ର ବାରିକ, ସହସମ୍ପାଦକ ଭାବେ ଅନୁକୂଳ ବିଶ୍ୱାଳ ମନୋନୀତ ହୋଇଛନ୍ତି। ଏହାସହିତ ଉପଦେଷ୍ଟାମଣ୍ଡଳୀରେ ସାମ୍ବାଦିକ ଲୋକନାଥ ସାହୁ, ଡମ୍ବରୁଧର ଖୁଣ୍ଟିଆ, ବିରଞ୍ଚି ବେହେରା, ବିଭୂତି ପ୍ରଧାନ, ଧିରେନ୍ ପରିଡ଼ା ମନୋନୀତ ହୋଇଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯିବା ସହିତ ଆଗାମୀ ୩ବର୍ଷ ପାଇଁ ଦାୟିତ୍ୱ ଅର୍ପଣ କରାଯାଇଛି। ତେଲକୋଇ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ଓ ତାର ସମାଧାନ, ଅଞ୍ଚଳ ବିକାଶ ଏବଂ ସାମ୍ବାଦିକତା କ୍ଷେତ୍ରରେ ସ୍ୱାଭିମାନକୁ ପ୍ରେସ କ୍ଲବ୍ ଗୁରୁତ୍ୱ ଦେବ ବୋଲି କୁହାଯାଇଥିଲା। ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଆର୍ଥିକ ସହାୟତା, ରାଜ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ୍ ପ୍ରଣୟନ ପାଇଁ ଦୃଢ଼ ଦାବି ହୋଇଥିଲା। ଦୁର୍ନୀତି ଭ୍ରଷ୍ଟାଚାର ବିରୋଧରେ ସାମ୍ବାଦିକମାନେ ନିଜର କଲମ ମୁନକୁ ଅଧିକରୁ ଅଧିକ ଶାଣିତ କରିବାକୁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ଅକ୍ଷୟ ପ୍ରଧାନ, ଡିଲେଶ୍ୱର ସାହୁ, ଅମରେଶ ପ୍ରଧାନ, କୈଳାସଚନ୍ଦ୍ର ପ୍ରଧାନ, ଅନୁକୂଳ ବିଶ୍ୱାଳ, ଡମ୍ବରୁଧର ଖୁଣ୍ଟିଆ, ଈଶ୍ୱରଚନ୍ଦ୍ର ବାରିକ, ବିଭୂତି ପ୍ରଧାନ, ଧିରେନ ପରିଡ଼ା, ଭୋଳେଶ୍ୱର ପାତ୍ର, ଦେବାଶିଷ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଦୁଇ ବାଇକ୍ ଧକ୍କାରେ ୩ ଗୁରୁତର ସହ ୪ ଆହତ



ବାଲିବନ୍ଧ, ୨୨।୨(ସମିସ): ରବିବାର ଝୁମ୍ପୁରା ଥାନା ନିକଟରେ ଦୁଇ ବାଇକ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଆହତଙ୍କ ସହ ଆଉ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଗୁରୁତର ୩ ଜଣ ହେଲେ ଝୁମ୍ପୁରା ଥାନା ରାମଚନ୍ଦ୍ରପୁର ଗ୍ରାମର ଡାକ୍ତର ମୁଣ୍ଡା (୧୮), କାଶିପାଳ ଗ୍ରାମର ରୋହିତ ପ୍ରଧାନ (୧୯) ଓ କଟଲପଶି ଗ୍ରାମର ଅଙ୍କିତ କୁମାର (୧୭)। ବଳରାମପୁର ଗ୍ରାମର ଶ୍ରୀରାମ ମୁଣ୍ଡା (୧୯) ଆହତ ହୋଇଛନ୍ତି। ଝୁମ୍ପୁରା ଥାନା ନିକଟରେ ଉଭୟ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇ ଜଣ ରାସ୍ତା ଉପରେ ଛିଟିକି ପଡ଼ିବାରୁ ମୁଣ୍ଡ, ମୁହଁ ଏବଂ ଛାତିରେ ଆଘାତ ଲାଗିଥିଲା। ଖବର ପାଇ ପୁଲିସ ଘଟଣାସ୍ଥଳରୁ ସେମାନଙ୍କୁ ଉଦ୍ଧାର କରି ଝୁମ୍ପୁରା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରିଥିଲେ। ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ବାଇକଦ୍ୱୟକୁ ଜବତ କରିଛି।

# ଜଳ ସମ୍ପଦ ବିଭାଗ ଅଫିସରେ ଡିଇଓ ପଦ ଖାଲି; କାର୍ଯ୍ୟ ବାଧାପ୍ରାପ୍ତ

ହାଟଡ଼ିହୀ,୨୨।୨(ସମିସ): ବୈତରଣୀ ଜଳସମ୍ପଦ ଡ଼ିଭିଜନ ତଥା ଶାଳଣିଆଁ ସବ୍‌ଡ଼ିଭିଜନ ଅଧୀନ ବନ୍ତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ କୌଣସି ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ହୋଇ ନଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବନ୍ତ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ଦୁଇଟି ସେକ୍ସନ କାର୍ଯ୍ୟ କରୁଛି। ସେଥିମଧ୍ୟରେ ସେକ୍ସନ ୨ ଓ ସେକ୍ସନ ୩ ରହିଛି। ଦୁଇଟି ସେକ୍ସନରେ ୨ ଜଣ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ସେକ୍ସନ ୨ ଅଧୀନରେ ୧୮ ଟି କେନାଲ ରହିଥିବାବେଳେ ୯ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ସେହିପରି ସେକ୍ସନ ୩ ଅଧୀନରେ ୧୯ ଟି କେନାଲ ରହିଥିବା ବେଳେ ଜଳସମ୍ପଦ ବିଭାଗର ୯ ଟି ପାଣି ପଞ୍ଚାୟତ କାର୍ଯ୍ୟ କରୁଛି। ଏହି ଦୁଇଟି ସେକ୍ସନରେ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ ପାଇଁ କୌଣସି ଡାଟା ଏଣ୍ଟ୍ରି ଅପରେଟର ନଥିବାରୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ବର୍ତ୍ତମାନ ପ୍ରାୟ ସରକାରୀ ଅଫିସଗୁଡ଼ିକରେ ସମସ୍ତ କାର୍ଯ୍ୟ କମ୍ପ୍ୟୁଟର ଓ ଅନଲାଇନ ମାଧ୍ୟମରେ କରାଯାଉଛି। ହେଲେ, ଏଠାରେ ଡାଟା ଏଣ୍ଟ୍ରି ଅପରେଟର ନଥିବାରୁ ବିଭିନ୍ନ ସରକାରୀ କାର୍ଯ୍ୟଗୁଡିକ ସଠିକ୍ ସମୟରେ ସମ୍ପାଦିତ ହୋଇପାରୁନାହିଁ। ଅପରପକ୍ଷେ କେନ୍ଦୁଝର ଜିଲ୍ଲା ଅଧୀନରେ ଡ଼ିଭିଜନ ଓ ସବ୍‌ଡିଭିଜନ ରହିଥିବା ବେଳେ ଭଦ୍ରକ ଜିଲ୍ଲା ଅଧୀନରେ ବନ୍ତ ଜଳସମ୍ପଦ ବିଭାଗର ଦୁଇଟି ସେକ୍ସନ ଅଫିସ ଉପରେ କାହାର ନଜର ପଡୁ ନଥିବା ଜଣାଯାଇଛି। ଫଳରେ ଦୁଇଟି ସେକ୍ସନରେ ସରକାରୀ କାର୍ଯ୍ୟ ଗୁଡିକରେ ବାଧା ସୃଷ୍ଟି ହେଉଛି। ରାଜ୍ୟ ସରକାର ତଥା ରାଜ୍ୟ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ବନ୍ତ ଜଳସମ୍ପଦ ବିଭାଗ ଅଫିସରେ ଜଣେ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି କଲେ ସମସ୍ତ ସରକାରୀ ଅନ୍‌ଲାଇନ କାର୍ଯ୍ୟଗୁଡିକ ସୁବିଧାରେ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେସନ୍‌ର ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ



କେନ୍ଦୁଝର, ୨୨।୨(ସମିସ): କେନ୍ଦୁଝର ସହରର ଅଡିଟୋରିଅମ ହଲରେ ଏଆଇଟିୟୁସି ସହବନ୍ଧିତ ବିଦ୍ୟୁତ୍ କର୍ମଚାରୀ ଫେଡେରେସନର ୫୧ତମ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଫେଡେରେସନ ଅଧ୍ୟକ୍ଷ ସାଥୀ ରାମକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦୁଇଦିନିଆ ସମ୍ମିଳନୀରେ ରାଜ୍ୟର ୩୦ଟି ଜିଲ୍ଲାର ବିଦ୍ୟୁତ କର୍ମଚାରୀ ୟୁନିୟନର ୫ ଶହ ନିର୍ବାଚିତ ପ୍ରତିନିଧି ଯୋଗଦେଇଥିଲେ। ଅଧ୍ୟକ୍ଷ ସାଥୀ ପଣ୍ଡା ବିଧିବଦ୍ଧ ଭାବେ ସମ୍ମିଳନୀକୁ ଉଦଘାଟନ କରିବା ପରେ ଦିବଂଗତ ନେତା ଓ କର୍ମୀ ମାନଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷା ତଥା କେନ୍ଦୁଝର ପୌରପରିଷଦର ଅଧ୍ୟକ୍ଷା ନିକୁ ସାହୁ ସ୍ୱାଗତ ଅଭିଭାଷଣ ରଖିଥିଲେ। ବିଦ୍ୟୁତ୍ ଫେଡେରେସନ ସର୍ବଭାରତୀୟ ସାଧାରଣ ସମ୍ପାଦକ ସାଥୀ ମୋହନ ଶର୍ମା, ଉତ୍ତର ପୂର୍ବାଞ୍ଚଳ ସମ୍ପାଦକ ସାଥୀ ବୈଦ୍ୟନାଥ ସିଂ, ଉପ ସାଧାରଣ ସମ୍ପାଦକ ଅରୁଣ ଛୋଟରାଜ, ଏଆଇଟିୟୁସି, ଓଡ଼ିଶା ରାଜ୍ୟ କାର୍ଯ୍ୟକାରି ସଭାପତି ସାଥୀ ମହେଶ୍ୱର ରାଉତ ସାଧାରଣ ସମ୍ପାଦକ ସାଥୀ ବିଜୟ ଜେନା ନିଜ ନିଜର ବକ୍ତବ୍ୟ ରଖିଥିଲେ। ଫେଡେରେସନ ପରିଚାଳନା ପାଇଁ ଏକ ୧୦୧ ଜଣିଆ ରାଜ୍ୟ ପରିଷଦ ଓ ୩୫ ଜଣିଆ କମିଟି ନିର୍ବାଚିତ କରାଯାଇଥିଲା। ସାଥୀ ରାମକୃଷ୍ଣ ପଣ୍ଡା ପୁନର୍ବାର ଅଧ୍ୟକ୍ଷ ଓ ସାଥୀ ସତ୍ୟବାଦୀ ବାଘ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଏହା ବ୍ୟତୀତ ଉପ ସାଧାରଣ ସମ୍ପାଦକ ଭାବରେ ସାଥୀ ଶମ୍ଭୁପ୍ରସାଦ ମହାପାତ୍ର, ସୁକାନ୍ତ କୁମାର ବେହେରା କୋଷାଧ୍ୟକ୍ଷ ସହିତ ୫ ଜଣ ଉପଦେଷ୍ଟା, ୭ ଜଣ ଭାଇସ ଚେୟାରମ୍ୟାନ, ୫ ଜଣ ଉପ ସାଧାରଣ ସମ୍ପାଦକ, ୧୪ ଜଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଥିଲେ। ଆୟୋଜକ କମିଟିର କନଭେନର ସାଥୀ ପଙ୍କଜ କୁମାର ଜେନାଙ୍କ ସମେତ ସମସ୍ତ ସାଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# କର୍କଟ ରୋଗୀଙ୍କୁ ସହାୟତା



ଆନନ୍ଦପୁର, ୨୨।୨ (ସମିସ): ହାଟଡିହି ବ୍ଲକ ଅନ୍ତର୍ଗତ କପୁଣ୍ଡି ଗ୍ରାମରେ କର୍କଟ ରୋଗରେ ପୀଡ଼ିତ କୁନି ଜେନାଙ୍କ ଉଚ୍ଚତର ଚିକିତ୍ସା ପାଇଁ ବିଜେପି ନେତା ବିଶ୍ୱନାଥ ପ୍ରତାପ ଆର୍ଥିକ ସହଯୋଗ କରିଛନ୍ତି। କର୍କଟ ରୋଗରେ ବାପା ଅପରେସନ ହୋଇଥିବା ବେଳେ ପୁଅ ମଳକଣ୍ଟକ ରୋଗରେ ଅପରେସନ ହୋଇ ଅର୍ଥ ଅଭାବରୁ ଯନ୍ତ୍ରଣାରେ ଜର୍ଜରିତ ହେଉଥିବାରୁ ସହାୟତା ପାଇଁ ଅନୁରୋଧ କରିଥିଲେ। ସୁନା ଗହଣା ବିକି ବାପ ପୁଅଙ୍କ ମେଡିକାଲ ଖର୍ଚ୍ଚକରିବା ସହ ସାହି-ପଡିଶା ବନ୍ଧୁ-ବାନ୍ଧବ ଯଥା ସମ୍ଭବ ସାହାଯ୍ୟ କରିଛନ୍ତି। ଗୋଟିଏ ପୁଅ ବଳରାମ ଜେନା ଏକ ମେଡ଼ିସିନ ଷ୍ଟୋରରେ କାମକରି ଯାହା ରୋଜଗାର କରନ୍ତି। ସେଥିରେ ଘର ଚଳେ କିନ୍ତୁ ସେ ବି ୩ମାସ ହେବ ଅପରେସନ ହୋଇ ଘରେ ଅସୁସ୍ଥ ଅବସ୍ଥାରେ ପଡିରହିଛନ୍ତି।

# ବିଦ୍ୟାଳୟସ୍ତରୀୟ ବିଶ୍ୱ ଚିନ୍ତନ ଦିବସ



କେନ୍ଦୁଝର, ୨୨।୨(ସମିସ): ମୋଚିବନ୍ଧ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଶ୍ୱ ଚିନ୍ତନ ଦିବସ ପାଳିତ ହୋଇଯାଇଛି। ସ୍କାଉଟ-ଗାଇଡ ପ୍ରତିଷ୍ଠାତାଙ୍କ ଜନ୍ମଦିନ ଅବସରରେ ବିଶ୍ୱ ଚିନ୍ତନ ଦିବସର ବିଷୟବସ୍ତୁ ଆମ ବନ୍ଧୁତ୍ୱଅ ଉପରେ ଉତ୍ସବର ମୁଖ୍ୟଅତିଥି କେନ୍ଦୁଝର ସ୍କାଉଟ କମିସନର ସୁଶୀଲ ନାୟକ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସ୍କାଉଟ ମାଷ୍ଟର ତଥା କେନ୍ଦୁଝର ସ୍କାଉଟ ଗାଇଡ଼ ସହସମ୍ପାଦକ ଫକୀର ମୋହନ ମହାନ୍ତ ଚିନ୍ତନ ଦିବସର ଉଦ୍ଦେଶ୍ୟ ଏବଂ ଇତିହାସ ସମ୍ବନ୍ଧରେ ସୂଚନା ଦେବା ସହ ପିଲାମାନେ କିପରି ଶୃଙ୍ଖଳିତ ହୋଇପାରିବେ ସେ ଦିଗରେ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ସ୍କାଉଟ ଗାଇଡ଼ କିପରି ଜଣେ ଜଣେ ସମାଜର ସେବକ ହୋଇପାରିବେ, ସେ ସମ୍ବନ୍ଧରେ ସମସ୍ତଙ୍କଠାରୁ ଚିନ୍ତନ ସଂଗ୍ରହ କରାଯାଇଥିଲା। ସମସ୍ତଙ୍କ ମଧ୍ୟରେ ସେବା ମନୋଭାବ ଜାଗ୍ରତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତେଜସ୍ୱିନୀ ପାତ୍ର ସ୍କାଉଟ ଗାଇଡ଼ଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ଗୋ-ମାଂସ ଚାଲାଣ; ଟ୍ରକ୍ ଅଟକ



ତୁରୁମୁଙ୍ଗା, ୨୨।୨(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ନିକଟରୁ ରବିବାର ଓଡି୦୯ ସି୮୨୫୨ ନମ୍ବର ବିଶିଷ୍ଟ ଏକ ଟ୍ରକର ଡ୍ରାଇଭର ଗାଡ଼ିରେ ପଲିଥିନ ସାହାଯ୍ୟରେ ଗୋ ମାଂସ ନେଉଥିବା ସନ୍ଦେହରେ ସ୍ଥାନୀୟ ଲୋକେ ଟ୍ରକକୁ ଅଟକ ରଖିବା ସହ ଡ୍ରାଇଭରକୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ତୁରୁମୁଙ୍ଗା ପୁଲିସ ପହଞ୍ଚି ଡ୍ରାଇଭରକୁ ଥାନାକୁ ଆଣିଥିବା ବେଳେ ଟ୍ରକକୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିବା ସହ ପୁଲିସ ଉକ୍ତ ମାଂସକୁ ଜବତ କରିଛି। ଏନେଇ ତୁରୁମୁଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି।

# ତେଲକୋଇ ସାମ୍ବାଦିକଙ୍କ ପିତୃ ବିୟୋଗ



ତେଲକୋଇ,୨୨।୨(ସମିସ): ତେଲକୋଇ ବ୍ଲକ୍‌ରେ କାର୍ଯ୍ୟରତ ସାମ୍ବାଦିକ ବିରଞ୍ଚି କୁମାର ବେହେରାଙ୍କ ପିତା ଗୌରହରି ବେହେରାଙ୍କ ବିୟୋଗ ଘଟିଯାଇଛି। ଗତକାଲି ରାତି ୯ଟା ୪୫ ମିନିଟ୍ ସମୟରେ ଖୁଣ୍ଟାପଡାସ୍ଥିତ ବାସଭବନରେ ତାଙ୍କ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। ସେ ଖୁଣ୍ଟାପଡା ବ୍ରହ୍ମେଶ୍ୱର ମକର ମେଳା କମିଟି, ଅଷ୍ଟପ୍ରହରୀ କମିଟି, ଦୋଳ ଉତ୍ସବ କମିଟି, ବ୍ରହ୍ମେଶ୍ୱର ହାଇସ୍କୁଲର ପ୍ରତିଷ୍ଠାତା ସଦସ୍ୟ, ୩ ନଂ ୱାର୍ଡର ପୂର୍ବତନ ମେମ୍ବର ତଥା ନିଖିଳ ଉତ୍କଳ ତଅଁଳା ସମାଜ ତେଲକୋଇ ଶାଖାର ପୂର୍ବତନ ସଭାପତି ରହିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ନାତିନାତୁଣୀ ତଥା ସମ୍ପର୍କୀୟ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ଅମର ଆତ୍ମାର ସଦଗତି ନିମନ୍ତେ ତେଲକୋଇ ପ୍ରେସ କ୍ଲବ ପକ୍ଷରୁ ଗୋଟିଏ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପାର୍ଥିବ ଶରୀର ଶେଷ ଦର୍ଶନ କରିଥିଲେ। ଗାଁରେ ଥିବା ତାଙ୍କ ନିଜସ୍ୱ ଜମିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ମିଳିତ ସାହିତ୍ୟ ମଞ୍ଚର ପ୍ରତିଭା ସମ୍ବର୍ଦ୍ଧନା



ଆନନ୍ଦପୁର, ୨୨।୨ (ସମିସ): ମିଳିତ ସାହିତ୍ୟ ମଞ୍ଚ ଦ୍ୱାରା ବରିଷ୍ଠ ଲେଖକ ରତ୍ନାକର ଦାସଙ୍କ ସମ୍ମାନାର୍ଥେ ଅଭିନନ୍ଦନ ଗ୍ରନ୍ଥ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାଳକୃଷ୍ଣ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା, ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡକ୍ଟର ରାମଚନ୍ଦ୍ର ନାୟକ, ସ୍ୱତନ୍ତ୍ର ଅତିଥି ଭାବେ ପ୍ରଫେସର ରମାକାନ୍ତ ନାୟକ, ସ୍ୱତନ୍ତ୍ର ବକ୍ତା ଭାବେ ପ୍ରଫେସର ଡକ୍ଟର ନାରାୟଣ ସେନାପତି, ସମ୍ମାନିତ ଅତିଥି ଭାବେ ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, କବି ଡ.ଅଶୋକ ପୁହାଣ ସମ୍ବର୍ଦ୍ଧିତ ପ୍ରତିଭା ରତ୍ନାକର ଦାସଙ୍କ ସାହିତ୍ୟ କୃତି ଓ ସାଙ୍ଗଠନିକ ଦକ୍ଷତା ସଂପର୍କିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଭିନନ୍ଦନ ଗ୍ରନ୍ଥ "ସମାଦର ରତ୍ନାକର'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଚତୁର୍ଭୁଜ ଜେନାଙ୍କ ପୁସ୍ତକ "ଭିଟା ମାଟିର ମୋହ' ବିଦ୍ୟୁତପ୍ରଭା ଦେଓଙ୍କ "ସେକାଳ ଏକାଳ' ବାମନ ଚରଣ ବେହେରାଙ୍କ "କବିତା ପୀୟୂଷ' ଚିନ୍ତାମଣି ଦାସଙ୍କ "ଅନ୍ୟ ଏକ ମେଘଦୂତ' ସମେତ ମୁଖପତ୍ର "ଶିଶୁ ବିଭବ' ଲୋକାର୍ପିତ ହୋଇଥିଲା। ମିଳିତ ମଞ୍ଚ ଦ୍ୱାରା ବରିଷ୍ଠ ବିଦ୍ୱାନ ବାଳକୃଷ୍ଣ ରାଉତ ଓ ଜୟନାରାୟଣ ଜଗଦ୍ଦେବ ମହାପାତ୍ର ଓ ଶିଶୁ ସାହିତ୍ୟ ଗବେଷକ ଡକ୍ଟର ଅନ୍ତର୍ଯ୍ୟାମୀ ପ୍ରଧାନଙ୍କୁ ଫଳକ ଉତ୍ତରୀୟ ଅର୍ପଣ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମିଳିତ ମଞ୍ଚ ତରଫରୁ କବି ମୁରଲୀଧର ବେହେରା ପ୍ରାକ୍ ସୂଚନା, ଅନ୍ତର୍ଯ୍ୟାମୀ ରାଉତ ଅତିଥି ପରିଚୟ ଚତୁର୍ଭୁଜ ପହି ମଞ୍ଚ ସଂଯୋଜନା କରିଥିବା ବେଳେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ରୁଙ୍ଗଟା ଏକାଦଶକୁ ହରାଇ ବଡ଼ବିଲ ପୁଲିସ ଟିମ୍ ଚାମ୍ପିଅନ

ଯୋଡ଼ା,୨୨।୨ (ସମିସ)



ଗତ ଫେବୃଆରୀ ୧୭ ତାରିଖରେ ଆରମ୍ଭ ହୋଇଥିବା ପ୍ରଥମ ସଂସ୍କରଣ ଟି-୧୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୫ ଦିନିଆ ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବଡ଼ବିଲ ଆଖପାଖ ଅଞ୍ଚଳର ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବଡବିଲ ପୁଲିସ ଟିମ୍ ଓ ରୁଙ୍ଗଟା ଏକାଦଶ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବଡବିଲ ପୁଲିସ ଟିମ୍ ଟସ୍ ଜିତି ବ୍ୟାଟିଂର ନିଷ୍ପତ୍ତି ନେଇ ୯୨ ରନ ସଂଗ୍ରହ କରିଥିଲା ବେଳେ ରୁଙ୍ଗଟା ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୮୨ ରନ କରି ପରାଜିତ ହୋଇଥିଲେ। ବଡବିଲ ପୁଲିସ ଟିମ୍ ୧୦ ରନ ବ୍ୟବଧାନରେ ବିଜୟ ହାସଲ କରିଥିବା ବେଳେ ଅଧିନାୟକ ପ୍ରଶାନ୍ତ ସାମଲ ନିଜର ବ୍ୟକ୍ତିଗତ ୭ ରନ ସହିତ ୨ଟି ୱିକେଟ୍ ହାସଲ କରିବା ସହ ପ୍ଲେୟାର ଅଫ ଦ ମ୍ୟାଚରେ ପୁରସ୍କୃତ ହୋଇଥିଲେ। ନିଜ ଚମତ୍କାର ବ୍ୟାଟିଂ ଏବଂ ବୋଲିଂ ବଳରେ ରୁଙ୍ଗଟା ଏକାଦଶର ସତ୍ୟବାନ ଆପଟ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୫୭ ରନ୍ ସହିତ ୫ ୱିକେଟ୍ ସଂଗ୍ରହ କରି ସର୍ବଶ୍ରେଷ୍ଠ ଖେଳାଳିର ଟାଇଟଲ୍ ହାସଲ କରିଥିଲେ। ସେହିଭଳି ବଡବିଲ ପୁଲିସ ଟିମର ରାଜନ୍ ଟୁର୍ଣ୍ଣାମେଣ୍ଟର ବେଷ୍ଟ ବ୍ୟାଟର ଏବଂ ପ୍ରଶାନ୍ତ ସାମଲ ବେଷ୍ଟ ବୋଲରର ଟାଇଟଲ୍ ଜିତିଥିଲେ। ରାଜନ୍ ଟୁର୍ଣ୍ଣାମେଣ୍ଟରେ ୧୨୦ ରନ୍ କରିଥିବା ବେଳେ ପ୍ରଶାନ୍ତ ସାମଲ ସମୁଦାୟ ୪ଟି ଇନିଂସରେ ୮ ଟି ୱିକେଟ୍ ହାସଲ କରିଥିଲେ। ରୁଙ୍ଗଟା ଏକାଦଶ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ସହ ସର୍ବୋତ୍ତମ ଅନୁଶାସନ ଟିମ୍ ଭାବରେ ପୁରସ୍କୃତ ହୋଇଥିଲା। ରୁଙ୍ଗଟା ମାଇନ୍ସ ଲିମିଟେଡ ପକ୍ଷରୁ ନିଗମ ସାମାଜିକ ଦାୟିତ୍ୱ(ସଏଆର) ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଆସିଥିବା ଦଳ ଏବଂ ଖେଳାଳିଙ୍କ ପ୍ରଦର୍ଶନ ଏବଂ ଉତ୍ସାହ ଚର୍ଚ୍ଚାର ବିଷୟ ଥିଲା। ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଦଳକୁ ୩୦ ହଜାର ଟଙ୍କା ଓ ରନର୍ସ ଅପ ଟିମକୁ ୨୦ ହଜାର ଟଙ୍କାର ପୁରସ୍କାର ପ୍ରଦାନ ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାଂସଦ ପ୍ରତିନିଧି ଗଣେଶ୍ୱର ମହାନ୍ତ, ସିଏମ ପ୍ରତିନିଧି ରାଜୁ ମହାନ୍ତ, ପୌରସଭ୍ୟା ବବିରାଣୀ ମହାନ୍ତ, ସମାଜସେବୀ ଲକ୍ଷ୍ମଣ ମହାନ୍ତ, ବଡବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ବଡ଼ବିଲ ଆଇଆଇସି ଅଶୋକ ନାୟକ, ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ, ସିଜିଏମ ବିଶ୍ୱରଞ୍ଜନ ପାଢ଼ୀ, ସିଜିଏମ୍, ମାନବ ସମ୍ବଳ ଆନନ୍ଦ ଚରଣ ସାହୁ, ପ୍ଲାଣ୍ଟ ମୁଖ୍ୟ ସୁରେଶ ମହାପାତ୍ର, କାରଖାନା ପରିଚାଳକ ଭି.ଏନ.ଝା, କଲ୍ୟାଣ କମଲ ଭୂୟାଁ, କେ.ସି. ପାତ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟରେ ସୁନୀଲ ଗୁପ୍ତା, ପୁରେନ୍ଦ୍ର ମହାନ୍ତ, ଜେଠୁରାମ ପାତ୍ର ପରିଚାଳନା କରିଥିବା ବେଳେ ବିଘ୍ନେଶ ପରିଡ଼ା, ସୁବଳ ଜେନା ସ୍କୋର ବୋର୍ଡ କାର୍ଯ୍ୟ ତୁଲାଇଥିଲେ। ସୁରେଶ ସାଣ୍ଡିଲ, ବିନ୍ନୀ କର ଧାରା ବିବରଣୀ ପ୍ରବେଶ କରେଇଥିଲେ। କମ୍ପାନୀ ନିର୍ଦ୍ଦେଶକ ପ୍ରଣୟ ଦେଓ ଏବଂ ସମାଜସେବୀ ଲକ୍ଷ୍ମଣ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମଟି ପରିଚାଳିତ ହୋଇଥିଲା।


KHIMJI TRUST SINCE 1936
Weddings by
KHIMJI®
JEWELLERS SINCE 1936
Riwaazon se badhkar,
tumhara saath
Nibhayenge,
Always
Flat
45% off
on making charges
of gold jewellery.
90 YEARS
TRUST IS TIMELESS
BHUBANESWAR: Janpath | Chandrasekharpur | Samantarapur | Soubhagya Nagar | ANGUL: Shankar Cinema Hall Road BERHAMPUR: Venkatraju Arcade, Sano Bazar
CUTTACK: 558/834, Cantonment Road JAJPUR ROAD: Bank Street Road JHARSUGUDA: Sarbahal Road, Marwari Para PURI: Opp. Police Line, VIP Road ROURKELA: Kesar Bhawan, Main Road
SAMBALPUR (Opening Shortly)
100% BIS Hallmarked HUID Pure Gold Jewellery
Fair Price Policy
Tested And Certified Diamonds
Lifetime Buyback Guarantee
100% Exchange Of Old Gold
Free Insurance On Diamonds
Safe Gold Purchase Scheme
Khimjijewellers.com
1800 3131 777
FOLLOW US ON:
SCAN TO KNOW MORE

# ଆତଙ୍କବାଦୀ ଆକ୍ରମଣ ପାଇଁ ଷଡ଼ଯନ୍ତ୍ର; ୮ ଗିରଫ



ଚେନ୍ନଇ,୨୨ ।୨(ଏଜେନ୍ସି):

ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ ରବିବାର ୮ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ଗିରଫ କରିଛି। ଏମାନଙ୍କ ମଧ୍ୟରୁ ୬ ଜଣ ତାମିଲନାଡୁ ଓ ୨ ଜଣ ପଶ୍ଚିମବଙ୍ଗରୁ ଗିରଫ ହୋଇଛନ୍ତି। ପାକିସ୍ତାନ ଗୁଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଓ ବାଂଲାଦେଶ ଆତଙ୍କବାଦୀ ସଂଗଠନର ନିର୍ଦ୍ଦେଶରେ ଏହି ଗୋଷ୍ଠୀ ଭାରତରେ ଆକ୍ରମଣ ପାଇଁ ଯୋଜନା କରୁଥିବା ପୁଲିସ ସୂଚନା ଦେଇଛି। ଏହି ଅପରେସନ ବେଳେ ପୁଲିସ ୧୨ରୁ ଅଧିକ ମୋବାଇଲ ଫୋନ୍ ଓ ୧୬ଟି ସିମ୍ କାର୍ଡ ଜବତ କରିଛି। ତାମିଲନାଡୁ ଗିରଫ ହୋଇଥିବା ୬ ଜଣ ବ୍ୟକ୍ତି ହେଲେ ମିଜାନୁର ରହମାନ, ମହମ୍ମଦ ଶବତ, ଓମାର, ମହମ୍ମଦ ଲିଟନ, ମହମ୍ମଦ ଶାହିଦ ଓ ମହମ୍ମଦ ଉଜ୍ଜଲ। ପୁଲିସ ତଦନ୍ତରୁ ଜଣପଡ଼ିଛି ଯେ, ଏହି ବ୍ୟକ୍ତିମାନେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନଗୁଡ଼ିକୁ ସମର୍ଥନ କରି ବିଭିନ୍ନ ପୋଷ୍ଟ କରୁଥିଲେ। ଏମାନେ ତିରୁପୁରର ଗାର୍ମେଣ୍ଟ ଶିଳ୍ପରେ ଶ୍ରମିକ ଭାବେ କାମ କରୁଥିଲେ ଓ ନିଜର ପରିଚୟ ଲୁଚାଇବା ପାଇଁ ନକଲି ଆଧାରକାର୍ଡ ବ୍ୟବହାର କରୁଥିଲେ।

ଦିଲ୍ଲୀ ପୁଲିସ ଅନୁଯାୟୀ, ଗିରଫ ହୋଇଥିବା ସନ୍ଦିଗ୍ଧମାନେ ଆତଙ୍କବାଦୀଙ୍କୁ ସାହାଯ୍ୟ କରିବା ପାଇଁ ବିଭିନ୍ନ ସହର ବୁଲି ତଥ୍ୟ ସଂଗ୍ରହ କରୁଥିଲେ। ଦିଲ୍ଲୀରେ 'ଫ୍ରି କଶ୍ମୀର' ପୋଷ୍ଟର ଲଗାଇବା ଘଟଣାରେ ମଧ୍ୟ ସେମାନଙ୍କର ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନେ ସେମାନଙ୍କୁ ଟ୍ରେନ୍ ଯୋଗ ଦିଲ୍ଲୀ ଅଣାଯାଉଛି। ପୂର୍ବରୁ ଶନିବାର କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦେଶର ପ୍ରମୁଖ ଧାର୍ମିକ ଓ ଐତିହାସିକ ସ୍ଥାନଗୁଡ଼ିକରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ନେଇ ସତର୍କ ସୂଚନା ଜାରି କରିଥିଲେ। ଏହାପରେ ଦିଲ୍ଲୀର ଲାଲକିଲ୍ଲା ଓ ଚାନ୍ଦିନୀ ଚୌକରେ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୫ ନଭେମ୍ବର ୧୦ରେ ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ କାର୍ ବୋମା ବିସ୍ଫୋରଣ ଘଟିଥିଲା। ଏଥିରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଅଧିକ ଲୋକ ଆହତ ହୋଇଥିଲେ। ଏହି ଘଟଣା ପରଠାରୁ ସୁରକ୍ଷା ଏଜେନ୍ସିଗୁଡ଼ିକ ଅଧିକ ସତର୍କ ରହିଛନ୍ତି। ସୂଚନା ଅନୁଯାୟୀ, ପାକିସ୍ତାନର ଆତଙ୍କବାଦୀ ସଂଗଠନ ଲସ୍କର-ଇ- ତୋଇବା (ଏଲଇଟି) ଭାରତରେ ଏକ ବଡ଼ ଧରଣର ଆକ୍ରମଣ ପାଇଁ ଯୋଜନା କରୁଛି।

**କଶ୍ମୀରରେ ଗୁଳିବିନିମୟ**

## ୩ ଆତଙ୍କବାଦୀ ନିହତ

ଶ୍ରୀନଗର: ଜାମ୍ମୁ-କଶ୍ମୀରର କିସ୍ତୱାର ଜିଲ୍ଲା ଛାତ୍ରୁ ଅଞ୍ଚଳରେ ରବିବାର ସକାଳୁ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଛି। ଏଥିରେ ତିନିଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ପାକିସ୍ତାନଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨/୩ ଜଣ ଆତଙ୍କବାଦୀ ସେଠାରେ ଲୁଚି ରହିଥିବା ସୂଚନା ମିଳିବା ପରେ ସର୍ଚ୍ଚ ଅପରେସନ ଆରମ୍ଭ ହୋଇଥିଲା। ଭାରତୀୟ ସେନା (ହ୍ୱାଇଟ୍ ନାଇଟ୍ କର୍ପ୍ସ), ଜମ୍ମୁ-କଶ୍ମୀର ପୁଲିସ ଓ ସିଆରପିଏଫ୍ ମିଳିତ ଭାବେ ଏହି ଅପରେସନ ଚଳାଇଛନ୍ତି। ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳକୁ ସୁରକ୍ଷାବଳ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦେଇଛନ୍ତି। ଘଟଣାସ୍ଥଳରୁ ୨ଟି ଏକେ-୪୭ ରାଇଫଲ, ବିପୁଳ ପରିମାଣର ଯୁଦ୍ଧ ସାମଗ୍ରୀ ଜବତ କରାଯାଇଛି। ଆମର ଅଭିଯାନ ଜାରି ରହିଛି ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଉଛି। ପୂର୍ବରୁ ଫେବୃଆରୀ ୪ରେ ଉଧାମ୍ପୁର ଜିଲ୍ଲାର ଏକ ଗୁମ୍ଫା ଭିତରେ ଲୁଚି ରହିଥିବା ଦୁଇଜଣ ଜୈଶ ଆତଙ୍କବାଦୀଙ୍କୁ ଗ୍ରେନେଡ୍ ଲଞ୍ଚର ସାହାଯ୍ୟରେ ଆକ୍ରମଣ କରାଯାଇ ନିହତ କରାଯାଇଥିଲା। ପ୍ରାର ୨୦ ଘଣ୍ଟାର ସଂଘର୍ଷ ପରେ ସୁରକ୍ଷାବଳ ଏହି ଗୁମ୍ଫାର ଏକ ଅଂଶକୁ ଉଡ଼ାଇ ଦେଇଥିଲେ। ଜାନୁଆରୀ ୧୮ରୁ କସ୍ତୱାର ଓ ଉଧମପୁରର ଜଙ୍ଗଲ ଅଞ୍ଚଳରେ ଆତଙ୍କବାଦୀ ବିରୋଧୀ ଅଭିଯାନ 'ଅପରେସନ ତ୍ରାଶ-୧' ଜାରି ରହିଛି।

# ଶରଦ ପାୱାର

## ପୁଣି ହସ୍ପିଟାଲରେ ଶରଦ ପାୱାର

ପୁଣେ,୨୨ ।୨(ଏଜେନ୍ସି): ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ପୁଣି ଥରେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ରବିବାର ଡିହାଇଡ୍ରେସନ କାରଣରୁ ତାଙ୍କୁ ପୁଣେର ଏକ ଘରୋଇ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ୮୫ ବର୍ଷୀୟ ରାଜ୍ୟସଭା ସଦସ୍ୟ ଶରଦଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରମାନେ ସୂଚନା ଦେଇଛନ୍ତି। ଡାକ୍ତରଖାନାର ମୁଖ୍ୟ ହୃଦ୍‌ରୋଗ ବିଶେଷଜ୍ଞ ତଥା ଅଧ୍ୟକ୍ଷ ଡାକ୍ତର ପରଭେଜ୍ ଗ୍ରାଣ୍ଟ ଏକ ବିବୃତ୍ତିରେ କହିଛନ୍ତି ଯେ ସାମାନ୍ୟ ଡିହାଇଡ୍ରେସନ କାରଣରୁ ତାଙ୍କୁ ରୁବି କ୍ଲିନିକ୍‌ରେ ଭର୍ତ୍ତି କରାଯାଇଛି। ତାଙ୍କୁ ଇଣ୍ଟ୍ରାଭେନସ୍ ଫ୍ଲୁଇଡ୍ସ ଦେବା ଆବଶ୍ୟକ। ତାଙ୍କ ଅବସ୍ଥା ସ୍ଥିର ରହିଛି। ସେ ଦୁଇଦିନ ଡାକ୍ତରଖାନରେ ରହିବେ ଓ ତା'ପରେ ଡିସଚାର୍ଜ ହେବେ ବୋଲି ଆଶା କରାଯାଉଛି। ପୂର୍ବରୁ ସେ ଫେବୃଆରୀ ୯ରେ ଛାତିରେ ସଂକ୍ରମଣ ଯୋଗୁଁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ ଓ ୧୪ରେ ଡିସ୍‌ଚାର୍ଜ ହୋଇଥିଲେ।

## ଇରାନୀ ଜାହାଜରୁ ୫ କୋଟି ଟଙ୍କାର ବିଦେଶୀ ସିଗାରେଟ୍ ଜବତ

ପୋରବନ୍ଦର,୨୨ ।୨(ଏଜେନ୍ସି): ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି) ଗୁଜରାଟ ଉପକୂଳରେ ଏକ ସନ୍ଦିଗ୍ଧ ବିଦେଶୀ ଜାହାଜକୁ ଅଟାକାଇ ପ୍ରାୟ ୫ କୋଟି ଟଙ୍କାର ଚୋରା ଚାଲାଣ ହେଉଥିବା ବିଦେଶୀ ବ୍ରାଣ୍ଡର ସିଗାରେଟ୍ ଜବତ କରିଛି। ଏହି ଜାହଜରେ ଥିବା ୪ ଜଣ ଇରାନୀ ନାଗରିକଙ୍କୁ ଅଟକ ରଖାଯାଇଛି। ସୂଚନା ଅନୁଯାୟୀ, ଫେବୃଆରୀ ୨୧ରେ ଦ୍ୱାରକାଠାରୁ ପ୍ରାୟ ୧୧୫ ନଟିକାଲ ମାଇଲ ପଶ୍ଚିମରେ ଭାରତୀୟ ବିଶେଷ ଅର୍ଥନୈତିକ କ୍ଷେତ୍ର (ଇଇଜେଡ୍) ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଗୁପ୍ତଚର ସୂଚନା ଆଧାରରେ, 'ଅଲ୍ ମୁକ୍ତାର' ନାମକ ଏହି ଜାହଜକୁ ଅଟକାଇ ଯାଞ୍ଚ କରାଯାଇଥିଲା। ଜାହାଜର ଏକ ଗୁପ୍ତ କୋଠାରୀରେ ଲୁଚାଇ ରଖାଯାଇଥିବା ୨୦୦ କାର୍ଟୁନ ବିଦେଶୀ ସିଗାରେଟ ଜବତ କରାଯାଇଛି। ଏଥିରେ ପ୍ରାୟ ଏକ ଲକ୍ଷ ପ୍ୟାକେଟ ସିଗାରେଟ୍ ରହିଛି, ଯାହାର ଆନୁମାନିକ ମୂଲ୍ୟ ୫ କୋଟି ଟଙ୍କା। ଜାହଜ ସହ ଅଟକ ୪ ଜଣ ଇରାନୀ ନାଗରିକଙ୍କୁ ପୋରବନ୍ଦର ଅଣାଯାଇଛି। ସେମାନଙ୍କୁ ବିଭିନ୍ନ ତଦନ୍ତକାରୀ ସଂସ୍ଥା ପଚରାଉଚରା କରୁଛନ୍ତି। ଏହି ଚୋର ଚାଲାଣ ପଛରେ କୌଣସି ବଡ଼ ସଂଗଠିତ ଗୋଷ୍ଠୀ ହାତ ଅଛି କି ନା, ତାହାର ଖୋଳତାଡ଼ ଚାଲିଛି। ପୂର୍ବରୁ ଫେବୃଆରୀ ୧୭ ତାରିଖ ରାତିରେ ଗୁଜରାଟ ଏଟିଏସ୍ ଆଉ ଏକ ଜାହଜକୁ ଜବତ କରିଥିଲା ଓ ସେଥିରୁ ୨୦୩ କେଜି ସନ୍ଦିଗ୍ଧ ନିଶାଦ୍ରବ୍ୟ ଉଦ୍ଧାର କରାଯାଇଥିଲା।

## ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣା, ୨୮ ରେ ଆସିବ ତଦନ୍ତ ରିପୋର୍ଟ

ନୂଆଦିଲ୍ଲୀ,୨୨ ।୨(ଏଜେନ୍ସି): ଗତ ଜାନୁଆରୀ ୨୮ରେ ବାରାମତୀ ବିମାନ ବନ୍ଦରରେ ଏକ ବିମାନ ଦୁର୍ଘଟଣାରେ ଏନ୍‌ସିପି ନେତା ଅଜିତ ପାୱାରଙ୍କ ପରଲୋକ ହୋଇଥିଲା। ଏହି ବିମାନ ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟ ଆସନ୍ତା ୨୮ ତାରିଖ ସୁଦ୍ଧା ପ୍ରକାଶ ପାଇବ। ଏ ନେଇ ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ମୁରଲୀଧର ମୋହୋଲ ସୂଚନା ଦେଇଛନ୍ତି। ଅନ୍ୟପଟେ, ବିରୋଧୀ ଦଳଗୁଡ଼ିକ ଏହି ଘଟଣାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଛନ୍ତି ଏବଂ ବଜେଟ ଅଧିବେଶନ ପୂର୍ବରୁ ଆୟୋଜିତ ହାଇ-ଟି ପାର୍ଟିକୁ ବର୍ଜନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ବିମାନ ଦୁର୍ଘଟଣାରେ ଅଜିତଙ୍କ ସମେତ ଅନ୍ୟ ୩ ଜଣଙ୍କର ମୃତ୍ୟୁ ଘଟିଥିଲା। ଶିବସେନା (ୟୁବିଟି) ନେତା ଭାସ୍କର ଯାଦବ ଅଭିଯୋଗ କରିଛନ୍ତି ଯେ, ଏହି ମାମଲାରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। ପୂର୍ବରୁ ଏହି ଦୁର୍ଘଟଣା ନେଇ ଅଜିତଙ୍କ ପୁତୁରା ତଥା ଏନ୍‌ସିପି ବିଧାୟକ ରୋହିତ ପାୱାରା ଷଡ଼ଯନ୍ତ୍ର ହୋଇଥିବା ଦାବି କରିଛନ୍ତି। ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚିଠି ଲେଖି ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁଙ୍କ ଇସ୍ତଫା ଦାବି କରିଛନ୍ତି।

## ସିରିଆରେ ଆଇଏସ୍ ସହ ସମ୍ପୃକ୍ତ ୨୦ ହଜାର ବ୍ୟକ୍ତି ନିଖୋଜ

ଦାମାସକସ୍,୨୨ ।୨(ଏଜେନ୍ସି): ଯୁଦ୍ଧବିଧ୍ୱସ୍ତ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଆମେରିକାର ଗୁପ୍ତଚର ସଂସ୍ଥା ଅନୁଯାୟୀ, ଖାସ୍ ଏହି କାରଣରୁ ସିରିଆର ଅଲ୍- ହୋଲ୍ କ୍ୟାମ୍ପରୁ ୧୫,୦୦୦ରୁ ୨୦,୦୦୦ ଲୋକ ଫେରାର ହୋଇଯାଇଛନ୍ତି। 'ଦି ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ'ର ପ୍ରକାଶିତ ରିପୋର୍ଟ ଅନୁସାରେ ସିରିଆର ସରକାରୀ ସେନା କ୍ୟାମ୍ପକୁ ନିଜ ଦଖଲକୁ ନେବା ପରେ ସେଠାରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟାସ୍ତ ହୋଇପଡ଼ିଛି। ୨୦୧୯ରେ ଇସଲାମିକ ଷ୍ଟେଟ୍‌ର ପତନ ପରେ ପୂର୍ବ ସିରିଆର ଏହି କ୍ୟାମ୍ପରେ ୭୦,୦୦୦ରୁ ଅଧିକ ଲୋକ ରହୁଥିଲେ। ୨୦୨୫ ସୁଦ୍ଧା ଏଠାରେ ୨୩,୦୦୦ ବାସିନ୍ଦା ରହୁଥିଲେ। କିନ୍ତୁ ଗତ କିଛି ସପ୍ତାହ ମଧ୍ୟରେ ସିରିଆ ସରକାର ଆମେରିକା ସମର୍ଥିତ ସିରିଆନ ଡେମୋକ୍ରାଟିକ ଫୋର୍ସ (ଏସ୍‌ଡିଏଫ୍)କୁ ପରାସ୍ତ କରିବା ପରେ କ୍ୟାମ୍ପର ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିଲା। ଏସ୍‌ଡିଏଫ୍ କହିଛିଯେ ଅନ୍ତର୍ଜାତୀୟ ଅବହେଳା କାରଣରୁ ସେମାନେ ଅଲ-ହୋଲରୁ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏବେ ଦଙ୍ଗା ଓ ଖସିଯିବାକୁ ପ୍ରୟାସ କରି ମାତ୍ର କିଛି ଦିନ ମଧ୍ୟରେ ୨୦,୦୦୦ରୁ ଅଧିକ ଲୋକ ଫେରାର ହୋଇଛନ୍ତି। ବର୍ତ୍ତମାନ ସେଠାରେ ୩୦୦ରୁ ୪୦୦ ପରିବାର ରହୁଛନ୍ତି।

## ନେପାଳରେ ୪.୧ ତୀବ୍ରତାର ଭୂକମ୍ପ

କାଠମାଣ୍ଡୁ,୨୨ ।୨(ଏଜେନ୍ସି): ନେପାଳର କୋଶୀ ରାଜ୍ୟରେ ରବିବାର ସକାଳେ ୪.୧ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଛି। ନ୍ୟାସନାଲ ଆର୍ଥକ୍ୱେକ୍ ମନିଟରିଂ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଅନୁଯାୟୀ, ସକାଳ ୭.୩୧ ମିନିଟ୍‌ରେ ଏହି ଭୂକମ୍ପ ରେକର୍ଡ କରାଯାଇଥିଲା। ଏହାର କେନ୍ଦ୍ରସ୍ଥଳ ସଂଖୁବାସଭା ଜିଲ୍ଲାର ରିତାକ ଅଞ୍ଚଳରେ ଥିଲା, ଯାହା ରାଜଧାନୀ କାଠମାଣ୍ଡୁଠାରୁ ପ୍ରାୟ ୪୭୫ କିମି ଦୂରରେ ଅବସ୍ଥିତ। ଭୂକମ୍ପର ଝଟ୍‌କା ତପଲେଜୁଙ୍ଗ୍ ଓ ଭୋଜପୁର ଜିଲ୍ଲାରେ ମଧ୍ୟ ଅନୁଭୂତ ହୋଇଛି। ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ଧନଜୀବନ ହାନି କିମ୍ବା କ୍ଷୟକ୍ଷତିର ସୂଚନା ମିଳିନାହିଁ। ପୂର୍ବରୁ ଗତ ଜାନୁଆରୀ ୧୧ରେ ଲମଜୁଙ୍ଗ ଜିଲ୍ଲାର ବନସର ଅଞ୍ଚଳରେ ୩.୯ ତୀବ୍ରତାର ଏକ ଭୂକମ୍ପ ଅନୁଭୂତ ହୋଇଥିଲା। ସୂଚନାଯୋଗ୍ୟ ଯେ, ବିଶ୍ୱର ସବୁଠାରୁ ଭୂକମ୍ପ ପ୍ରବଣ ଦେଶଗୁଡ଼ିକ ମଧ୍ୟରେ ନେପାଳ ଏକାଦଶ ସ୍ଥାନରେ ରହିଛି। ହିମାଳୟ କ୍ଷେତ୍ରରେ ଟେକ୍ଟୋନିକ ପ୍ଲେଟ୍‌ର ସକ୍ରିୟତା କାରଣରୁ ଏଠାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ।

# କ୍ଷୀର ବିଷାକ୍ତ; ଜୀବନ ବଦଳରେ ମୃତ୍ୟୁ ଭୟ

ନୂଆଦିଲ୍ଲୀ, ୨୨।୨ (ଏଜେନ୍ସି): ଜୀବନ ରକ୍ଷାକାରୀ କ୍ଷୀର ମୃତ୍ୟୁର କାରଣ ପାଲଟି ପାରେ। ପୁଷ୍ଟି ଯୋଗାଇବା ପରିବର୍ତ୍ତେ ମନୁଷ୍ୟକୁ ରୋଗଗ୍ରସ୍ତ କରିଦେଇପାରେ। କାରଣ ଅମୃତ କୁହାଯାଉଥିବା କ୍ଷୀର ଆଉ ବିଶୁଦ୍ଧ ହୋଇ ନାହିଁ। ଅଧିକ ଲାଭ ଆଶାରେ ମୁନାଫାଖୋର ବ୍ୟବସାୟୀ କ୍ଷୀରରେ ଅପମିଶ୍ରଣ କରୁଛନ୍ତି। ଏହା ନାନା ବିପଦକୁ ଡାକି ଦେଉଛି। ବିଶ୍ୱର ସବୁଠାରୁ ବଡ଼ କ୍ଷୀର ଉତ୍ପାଦକ ଭାରତରେ ଏହି ଅପମିଶ୍ରଣ ଗମ୍ଭୀର ହେବାରେ ଲାଗିଛି। ମଣିଷ ଆଧୁନିକ ହୋଇଥିଲେ ମଧ୍ୟ ଅପମିଶ୍ରଣକୁ ରୋକିବାର ସକ୍ଷମ ହୋଇପାରୁ ନାହିଁ। ଏଥିପାଇଁ ବଜାରେ ଅପମିଶ୍ରିତ କ୍ଷୀରର ବନ୍ୟା ଆସିଛି। ଏଥିରେ ଭାରତ ଆଗରେ ରହିଛି। ନିକଟରେ ସାରା ଦେଶରେ ଯାଞ୍ଚ କରାଯାଇଥିବା କ୍ଷୀର ନମୁନାରୁ ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ପ୍ରତି ତିନୋଟିରୁ ଗୋଟିଏ କ୍ଷୀର ନମୁନା ଗଣବତା ଯାଞ୍ଚରେ ବିଫଳ ହୋଇଛି। ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ନିୟନ୍ତ୍ରଣ କର୍ତ୍ତୃପକ୍ଷ (ଏଫଏସଏସଆଇ)ର ଯାଞ୍ଚରୁ ଗତ ବର୍ଷ ୩୮ ପ୍ରତିଶତ ନମୁନା ଅପମିଶ୍ରିତ ଥିଲା ବୋଲି ଜଣାପଡ଼ିଛି।

ଏଫଏସଏସଆଇ ରିପୋର୍ଟ ଅନୁଯାୟୀ, ୨୦୧୫ ଏବଂ ୨୦୧୮ ମଧ୍ୟରେ କ୍ଷୀର ଅପମିଶ୍ରଣ ନମୁନା ସଂଖ୍ୟା ୧୬.୭୪ ପ୍ରତିଶତ ବୃଦ୍ଧି ପାଇଛି। ୨୦୨୨ରେ ୭୮୯ ନମୁନାରୁ ଅଧା ଅପମିଶ୍ରିତ ଥିବା ଜଣାପଡ଼ିଥିଲା। ୨୦୧୫ ପରେ ଏହା ସର୍ବାଧିକ ସ୍ତର ଥିଲା। ଗତ ସପ୍ତାହରେ 'ଟ୍ରଷ୍ଟିଫାଏଡ' ନାମକ ଏକ ସ୍ୱତନ୍ତ୍ର ରେଟିଂ ଏଜେନ୍ସି ପ୍ଲାଟଫର୍ମ ଦାବି କରିଥିଲା ଯେ ଦେଶର ବଡ଼ ବଡ଼ ବ୍ରାଣ୍ଡର ପ୍ୟାକେଟ କ୍ଷୀରରେ କୋଲିଫର୍ମ ନାମକ ବିପଜ୍ଜନକ ଜୀବାଣୁର ସଂଖ୍ୟା ଧାର୍ଯ୍ୟ ସୀମାଠାରୁ ୯୮ ଗୁଣ ଅଧିକ ରହିଛି।

> **ତିନିରୁ ଗୋଟିଏ ନମୁନା ପରୀକ୍ଷଣରେ ବିଫଳ**
>
> **ସନ୍ଦେହଘେରରେ ବଡ଼ ବଡ଼ ବ୍ରାଣ୍ଡ**
>
> **୩୮ ପ୍ରତିଶତ କ୍ଷୀର ନମୁନା ଅପମିଶ୍ରିତ**

ଏହି ରିପୋର୍ଟରେ ପ୍ୟାକେଟ ଖାଦ୍ୟର ସୁରକ୍ଷାକୁ ନେଇ ଚିନ୍ତା ବଢ଼ାଇଦେଇଛି। ଭାରତରେ କୋହଳ ଆଇନ ଅପମିଶ୍ରଣକାରୀଙ୍କୁ ସୁହାଉଛି। ତେଣୁ ସେମାନେ ବେଧଡ଼କ ଭାବେ ଅପମିଶ୍ରଣ କରି ଲୋକଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟ ସହ ଖେଳୁଛନ୍ତି।

କିଛି ଦିନ ତଳେ ଇଣ୍ଡିଆନ ଜର୍ଣ୍ଣାଲ ଅଫ କମ୍ୟୁନିଟି ମେଡିସିନ ଦ୍ୱାରା କ୍ଷୀର ନମୁନା ଯାଞ୍ଚ କରାଯାଇଥିଲା। ଏଥିରେ ୩୩୦ କ୍ଷୀରରୁ ୨୩୩ ତଥା ୭୦.୬ ପ୍ରତିଶତର ନମୁନାରେ ଏକାଧିକ ଅପମିଶ୍ରଣ ହୋଇଥିବା ଜଣା ପଡ଼ିଥିଲା। ୧୯୩ ନମୁନାରେ ପାଣି, ୨୩.୯ ପ୍ରତିଶତରେ ଡିଟରଜେଣ୍ଟ ଏବଂ ୯.୧ ପ୍ରତିଶତରେ ୟୁରିଆ ମିଶିଥିବା ଜଣା ପଡ଼ିଥିଲା। ଆଉ କିଛି ନମୁନାରେ ନ୍ୟୁଟ୍ରାଲାଇଜର, ଆରାରୋଟ ଭଳି ପଦାର୍ଥ ଥିବା ଜଣା ପଡ଼ିଥିଲା। ଏଫଏସଏସଆଇ ରିପୋର୍ଟରେ କୁହାଯାଇଛି ଯେ ଉତ୍ତର ଭାରତୀୟ ରାଜ୍ୟରେ ପ୍ରାୟ ୪୭ ପ୍ରତିଶତ ନମୁନା ଖରାପ ଜଣାପଡ଼ିଥିଲା। ଦକ୍ଷିଣ ଭାରତରେ ଏହା ୧୮ ପ୍ରତିଶତ ଥିଲା। ସେହିପରି ପଶ୍ଚିମ ଭାରତରେ ୨୩ ପ୍ରତିଶତ ଏବଂ ପୂର୍ବ ଭାରତରେ ୧୩ ପ୍ରତିଶତ କ୍ଷୀର ନମୁନା ଅପମିଶ୍ରିତ ଥିବା ଜଣାପଡ଼ିଥିଲା।

## ଆମେରିକାରେ ହିନ୍ଦୁମାନେ ସବୁଠାରୁ ଶିକ୍ଷିତ ଧାର୍ମିକ ଗୋଷ୍ଠୀ

ନ୍ୟୁୟର୍କ,୨୨ ।୨(ଏଜେନ୍ସି): ଆମେରିକାରେ ହିନ୍ଦୁମାନେ ସବୁଠାରୁ ଶିକ୍ଷିତ ଧାର୍ମିକ ସମ୍ପ୍ରଦାୟ ଭାବେ ଉଭା ହୋଇଛନ୍ତି। ପ୍ୟୁ ରିସର୍ଚ୍ଚ ସେଣ୍ଟରର ୨୦୨୩-୨୪ 'ରିଲିଜିୟସ ଲ୍ୟାଣ୍ଡସ୍କେପ୍ ଷ୍ଟଡ଼ି' (ଆରଏଲ୍‌ଏସ୍) ଅନୁଯାୟୀ, ୭୦ ପ୍ରତିଶତ ହିନ୍ଦୁଙ୍କ ପାଖରେ ବ୍ୟାଚଲର କିମ୍ବା ତାଠାରୁ ଉନ୍ନତ ଡିଗ୍ରୀ ରହିଛି। ହିନ୍ଦୁଙ୍କ ପରେ ୬୫ ପ୍ରତିଶତ ୟିହୁଦୀଙ୍କ ପାଖରେ ବ୍ୟାଚଲର ଡିଗ୍ରୀ କିମ୍ବା ଉଚ୍ଚଶିକ୍ଷା ରହିଛି। ଏହି ସଂଖ୍ୟା ସମଗ୍ର ଆମେରିକାର ବୟସ୍କଙ୍କ ହାରାହାରି (୩୫ ପ୍ରତିଶତ) ତୁଳନାରେ ଯଥେଷ୍ଟ ଅଧିକ। ଅପରପକ୍ଷରେ ମୁସଲିମ, ବୌଦ୍ଧ ଓ ଅର୍ଥୋଡକ୍ସ ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟର ପ୍ରାୟ ୪୦ ପ୍ରତିଶତରୁ ଅଧିକ ଲୋକ ଶିକ୍ଷିତ। ମେନଲାଇନ୍ ପ୍ରୋଟେଷ୍ଟାଣ୍ଟମାନେ ଜାତୀୟ ହାରଠାରୁ ଉପରେ ରହିଥିବା ବେଳେ ଇଭାଞ୍ଜେଲିକାଲ ପ୍ରୋଟେଷ୍ଟାଣ୍ଟ, କ୍ୟାଥଲିକ ଓ ବ୍ଲାକ ପ୍ରୋଟେଷ୍ଟାଣ୍ଟ ଚର୍ଚ୍ଚର ସଦସ୍ୟଙ୍କଠାରେ କଲେଜ ଗ୍ରାଜୁଏଟ୍‌ଙ୍କ ସଂଖ୍ୟା ଜାତୀୟ ହାରଠାରୁ କମ୍ ରହିଛି। ପ୍ୟୁ ରିସର୍ଚ୍ଚ ଅନୁଯାୟୀ, ଏହି ଶିକ୍ଷାଗତ ପାର୍ଥକ୍ୟର ମୁଖ୍ୟ କାରଣ ହେଉଛି, ପ୍ରବାସ ଓ ଜନସାଂଖ୍ୟିକ ପ୍ୟାଟର୍ଣ୍ଣ। ହିନ୍ଦୁ, ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟର ଅନେକ ଲୋକ ଉଚ୍ଚଶିକ୍ଷା କିମ୍ବା 'ସ୍କିଲ୍ଡ ୱାର୍କର' କାର୍ଯ୍ୟକ୍ରମ ମାଧ୍ୟମରେ ଆମେରିକା ଯାଇଛନ୍ତି। ଏହି କାରଣରୁ ଏହି ସମ୍ପ୍ରଦାୟଗୁଡ଼ିକରେ ଉଚ୍ଚଶିକ୍ଷିତ ଜନସଂଖ୍ୟାର ଅନୁପାତ ଅଧିକ ରହିଛି। ଏହି ସର୍ଭେ ତଥା ସର୍ବେକ୍ଷଣ ୨୦୨୩ ଜୁଲାଇ ୧୭ରୁ ଆରମ୍ଭ ହୋଇ ୨୦୨୪ ମାର୍ଚ୍ଚ ୪ ପର୍ଯ୍ୟନ୍ତ ଚାଲିଥିଲା, ଯେଉଁଥିରେ ସମୁଦାୟ ୩୬,୯୦୮ ଜଣ ଆମେରିକୀୟ ବୟସ୍କ ଅଂଶଗ୍ରହଣ କରିଥିଲେ। ଫେବୃଆରୀ ୧୯ରେ ଏହି ରିପୋର୍ଟ ସାର୍ବଜନୀନ କରାଯାଇଛି। ଆମେରିକାରେ ଧର୍ମ, ଶିକ୍ଷା ଓ ସାମାଜିକ ଜୀବନ ମଧ୍ୟରେ ଥିବା ସମ୍ପର୍କକୁ ବୁଝିବାରେ ଏହି ରିସର୍ଚ୍ଚ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

## ପ୍ରେମିକାର ଗୁପ୍ତାଙ୍ଗ ଜାଳିଦେଲା ଲିଭ୍-ଇନ୍ ପାର୍ଟନର

ଗୁରୁଗ୍ରାମ, ୨୨।୨ (ଏଜେନ୍ସି): ହରିୟାଣା ଗୁରୁଗ୍ରାମରୁ ମାନବିକତାକୁ ଲଜ୍ଜିତ କଲାଭଳି ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଲିଭ-ଇନ ପାର୍ଟନର ୧୯ ବର୍ଷୀୟା ବିଏସ୍‌ସି ଛାତ୍ରୀଙ୍କୁ ଅକଥନୀୟ ଯୌନ ନିର୍ଯାତନା ଦେଇଛି। ଯୁବତୀଙ୍କ ଗୁପ୍ତାଙ୍ଗରେ ସାନିଟାଇଜର ପକାଇ ଜାଳି ଦେଇଛି। ଏହା ସହିତ ନିର୍ଦ୍ଦୁମ ମାଡ଼ ମାରି ଉଲଗ୍ନ ଭିଡିଓ ରେକର୍ଡିଂ କରିଛି। ପୁଲିସ ପୀଡ଼ିତାଙ୍କୁ ଉଦ୍ଧାର କରି ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଅନ୍ୟପଟେ ଅଭିଯୁକ୍ତ ଶିବମକୁ ଗିରଫ କରାଯାଇଛି। ଏବେ ତାକୁ ଜେରା କରାଯାଉଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ଅଭିଯୁକ୍ତ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖି ମାରପିଟ କରୁଥିଲା। ଯୁବତୀ କୌଣସି ପ୍ରକାରରେ ନିଜ ମାଆଙ୍କୁ କଲ୍ କରିବାରେ ସକ୍ଷମ ହୋଇଥିଲେ। ପରେ ମା' ସ୍ଥାନୀୟ ଥାନା ସହ ଯୋଗାଯୋଗ କରି ଝିଅକୁ ଉଦ୍ଧାର କରିଥିଲେ। ଯୁବତୀଙ୍କ ମା' ଜଣେ ପୁଲିସ ଅଧିକାରୀ। ସେ ତ୍ରିପୁରାରେ କାର୍ଯ୍ୟରତ। ସେ ଗୁରୁଗ୍ରାମରେ ପହଞ୍ଚିଛନ୍ତି। ଅଭିଯୁକ୍ତ ଝିଅକୁ ତିନି ଦିନ ପର୍ଯ୍ୟନ୍ତ ବନ୍ଦୀ କରି ରଖିଥିଲା ବୋଲି ସେ କହିଛନ୍ତି। ସୂଚନା ଅନୁଯାୟୀ, ପୀଡ଼ିତା ତ୍ରିପୁରାର ବାସିନ୍ଦା। ସେ ଗୁରୁଗ୍ରାମର ଏକ ପିଜିରେ ରହି ବିଏସସି କରୁଥିଲେ। ଏକ ଅନଲାଇନ ମୋବାଇଲ ଆପ୍ ମାଧ୍ୟମରେ ସେ ଦିଲ୍ଲୀ ନରେଲାର ଶିବମଙ୍କୁ ଭେଟିଥିଲେ।

> **ଉଲଗ୍ନ ଭିଡିଓ କରି ପରିସ୍ରା ପିଆଇ ଥିଲା**
>
> **ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର**

## ସୀମାରେ ଦୁଇ ପଞ୍ଜାବ ପୁଲିସଙ୍କୁ ଗୁଳି କରି ହତ୍ୟା

ଗୁରୁଦାସପୁର, ୨୨।୨ (ଏଜେନ୍ସି): ପଞ୍ଜାବ ଗୁରୁଦାସପୁର ଜିଲ୍ଲା ଡୋରଙ୍ଗଲା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଦୁଇ ଜଣ ପୁଲିସ କର୍ମଚାରୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଏହି ଗାଁ ପାକିସ୍ତାନ ସୀମାକୁ ଲାଗିଛି। ତେଣୁ ଏମାନଙ୍କୁ ପାକିସ୍ତାନ ସେନା କିମ୍ବା ଆତଙ୍କବାଦୀ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପ୍ରାରମ୍ଭିକ ରିପୋର୍ଟରେ କୌଣସି ଝଗଡ଼ାକୁ ନେଇ ଦୁଇ ଯବାନ ପରସ୍ପର ଉପରକୁ ଗୁଳି ଚଳାଇଥିବା ସନ୍ଦେହ କରାଯାଉଥିଲା। ମାତ୍ର ମୃତକଙ୍କ ପରିବାର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଉଭୟଙ୍କ ସର୍ଭିସ ବନ୍ଧୁକ ସମ୍ପୂର୍ଣ୍ଣ ଲୋଡ୍ ଥିଲା। ତେଣୁ ଉଭୟେ ପରସ୍ପରକୁ ଗୁଳି କରିନାହାନ୍ତି। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ତେହେରିକ-ଇ-ତାଲିବାନ ହିନ୍ଦୁସ୍ତାନ' (ଟିଟିଏସ) ନାମକ ଏକ ସଂଗଠନ ଏହି ହତ୍ୟାକାଣ୍ଡ ପାଇଁ ନିଜକୁ ଦାୟୀ କରି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛି। ମାତ୍ର ପୁଲିସ ଏହାକୁ ସେତେ ଗୁରୁତ୍ୱ ଦେଇନାହିଁ।ଏସପି ଦେବିନ୍ଦର କୁମାର ଚୌଧୁରୀଙ୍କ ସୂଚନା ଅନୁଯାୟୀ, ପୁଲିସ ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ସଠିକ କାରଣ ଜଣାପଡ଼ିବ।

## ବିବାହ ଦିନ ଦୁଇ ଭଉଣୀଙ୍କ ଆତ୍ମହତ୍ୟା

ଯୋଧପୁର, ୨୨ ।୨(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ଅଭାବନୀୟ ତଥା ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଶନିବାର ଦିନ ଯେଉଁ ସମୟରେ ଦୁଇ ଭଉଣୀଙ୍କର ବିବାହ ହେବାର ଥିଲା, ତାହାର କିଛି ଘଣ୍ଟା ପୂର୍ବରୁ ଦୁହେଁ ଆତ୍ମହତ୍ୟା କରିଛନ୍ତି। ଯେଉଁ ଘରେ ଦୁଇ ଝିଅଙ୍କ ବିବାହ ଉତ୍ସବ ପାଇଁ ଉତ୍ସବର ମାହୋଲ ଥିଲା ଓ ପ୍ରସ୍ତୁତି ଜୋରଦାର ଚାଲିଥିଲା, ସେହି ଘର ଏବେ ଶୋକସନ୍ତପ୍ତ ହୋଇପଡ଼ିଛି। ଯୋଧପୁରର ମାନାଇ ଗ୍ରାମରେ ବିବାହ ଦିନ ହିଁ ୨୫ ବର୍ଷୀୟା ଶୋଭା ଓ ୨୩ ବର୍ଷୀୟା ବିମଳା ଦୁଇ ଭଉଣୀ ବିଷ ପିଇ ପ୍ରାଣ ହରାଇଛନ୍ତି। ଶନିବାର ଦିନ ସେମାନଙ୍କ ବିବାହ ହେବାର ଥିଲା, କିନ୍ତୁ ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣା ଘଟିଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ, ଦୁଇ ଭଉଣୀ କୌଣସି ବିଷାକ୍ତ ଦ୍ରବ୍ୟ ସେବନ କରିଥିଲେ। ଏଡିସିପି (ପଶ୍ଚିମ) ରୋଶନ ମିନାଙ୍କ ସୂଚନା ଅନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରେ ବିବାହର ସମସ୍ତ ରୀତିନୀତି ଓ ଉତ୍ସବ ଚାଲିଥିଲା। ମଧ୍ୟରାତ୍ରିରେ ଦୁଇ କନ୍ୟା ଶୋଇବାକୁ ଯାଇଥିଲେ। ଭୋର ୪ଟାରେ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ହଠାତ ବିଗିଡ଼ି ଯାଇଥିଲା। ପରିବାର ଲୋକେ ଦୁଇଜଣଙ୍କୁ ତୁରନ୍ତ ଯୋଧପୁରର ଏକ ଘରୋଇ ମେଡ଼ିକାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଆସିବା ପରେ ପରବରା ଲୋକେ ଅନ୍ତିମ ସଂସ୍କାର ପାଇଁ ପ୍ରସ୍ତୁତି କରୁଥିଲେ। ମାତ୍ର ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ସତ୍କାର ବନ୍ଦ କରିଥିଲା। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା ଓ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଘଟଣାସ୍ଥଳରୁ କୌଣସି ସୁସାଇଡ୍ ନୋଟ ମିଳିନାହିଁ। ମୃତ୍ୟୁର ପ୍ରକୃତ କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି କୁହାଯାଇଛି।

**ଏପଷ୍ଟିନ କଳା ସାମ୍ରାଜ୍ୟର ପର୍ଦ୍ଦାଫାସ**

# ଯୌନ ଶୋଷଣରେ କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତି

ନୂଆଦିଲ୍ଲୀ,୨୨ ।୨(ଏଜେନ୍ସି):

ଆମେରିକା କୁଖ୍ୟାତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ୍ ନିଜର ଅର୍ଥ ଓ ପ୍ରଭାବ ବଳରେ ଏକ ବିଶାଳ ରହସ୍ୟମୟ ତଥା କଳା ସାମ୍ରାଜ୍ୟ ଗଢ଼ିଥିଲା ଓ ଏହା ପଛରେ ସେ ଏକ ଭୟଙ୍କର ଯୌନ ଶୋଷଣ ନେଟୱର୍କ ଚଳାଉଥିଲା। ୨୦୧୯ରେ ଜେଲରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିଲେ ମଧ୍ୟ ଏହି ମାମଲାର ପ୍ରଭାବ ଏବେ ବି ବିଶ୍ୱର ବଡ଼ ବଡ଼ ନେତା ଓ କୋଟିପତିଙ୍କ ଉପରେ ପଡୁଛି। ଏଥିରେ ବହୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପୃକ୍ତି ରହିଥିଲା ବୋଲି ସମୟକ୍ରମେ ଜଣାପଡୁଛି। ଏପଷ୍ଟିନ ସହ ବିଶ୍ୱର ବଡ଼ବଡ଼ ରାଷ୍ଟ୍ରପତି, ରାଜକୁମାର ଓ ଶିଳ୍ପପତିଙ୍କ ସମ୍ପର୍କ ଥିଲା। ଏହି ବିଶିଷ୍ଟ ବ୍ୟକ୍ତିମାନେ ଦିନେ ଏପଷ୍ଟିନ୍‌ଙ୍କ ଦୁନିଆରେ ଅବାଧରେ ବିଚରଣ କରୁଥିଲେ। ଅତି ଚତୁରତାର ସହ ଏପଷ୍ଟିନ ତାଙ୍କର ଏହି ବିଶାଳ ସାମ୍ରାଜ୍ୟ ଗଢ଼ିଥିଲା।



ଯୌନ ଚାଲାଣରେ ନାମ ଆସିବା ପୂର୍ବରୁ ଏପଷ୍ଟିନ ନିଜକୁ ଜଣେ ବୁଦ୍ଧିମାନ, କୋଟିପତି ଓ ପ୍ରଭାବଶାଳୀ ବ୍ୟକ୍ତିଭାବେ ଉପସ୍ଥାପନ କରିଥିଲା। ସେ ରାଷ୍ଟ୍ରପତି, ରାଜକୁମାର, ବଡ଼ ବଡ଼ ବ୍ୟକ୍ତି ଓ ନୋବେଲ ବିଜେତାଙ୍କ ଗହଣରେ ରହୁଥିଲା। ନ୍ୟୁୟର୍କ ଓ ପାମ୍ ବିଚ୍‌ରେ ତାର ବିଶାଳ ବାସଭବନ ସହ କାରିବିଆନ ସାଗରରେ ଏକ ଘରୋଇ ଦୀପ ମଧ୍ୟ ଥିଲା। ୧୯୫୩ରେ ବ୍ରୁକଲିନ୍‌ରେ ଜନ୍ମିତ ଏପଷ୍ଟିନ କୌଣସି କଲେଜ ଡିଗ୍ରୀ ହାସଲ କରି ନଥିଲେ, ତଥାପି ସେ ଶିକ୍ଷକତା କରିଥିଲା ଏବଂ ପରେ ନିଜର ଏକ ଆର୍ଥିକ ପରିଚାଳନା ସଂସ୍ଥା ପ୍ରତିଷ୍ଠା କରି ବେଶ ସଫଳତା ଲାଭ କରିଥିଲା। ତେବେ ତାଙ୍କର ଏହି ସଫଳତା ପଛରେ ଏକ ଅନ୍ଧକାରମୟ ଦୁନିଆ ରହିଥିଲା, ଯେଉଁଠାରେ ଅଳ୍ପ ବୟସର ଝିଅମାନଙ୍କୁ ଯୌନ ଶୋଷଣ କରାଯାଉଥିଲା।

ଏପଷ୍ଟିନର ମୁଖ୍ୟ ସହଯୋଗୀ ଥିଲେ ବ୍ରିଟିନର ପୂର୍ବତନ ସମାଜସେବୀ ଘିସଲେନ ନୋଏଲ ମାରିଅନ ମ୍ୟାକ୍ସୱେଲ। ସେ ଏପଷ୍ଟିନଙ୍କ ପାଇଁ ଅଳ୍ପ ବୟସର ଝିଅ ଖୋଜିବା ଏବଂ ସେମାନଙ୍କୁ ଶୋଷଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ୨୦୨୧ରେ ମ୍ୟାକ୍ସୱେଲ ଯୌନ ଶୋଷଣ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିଲେ ଓ ତାଙ୍କୁ ୨୦ ବର୍ଷର ଜେଲ ଦଣ୍ଡାଦେଶ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ଅନୁଯାୟୀ, ଏପଷ୍ଟିନଙ୍କ ଏଭଳି ନେଟ୍‌ୱର୍କ ଏକ 'ପିରାମିଡ୍ ସ୍କିମ' ଭଳି କାର୍ଯ୍ୟ କରୁଥିଲା। ଅଳ୍ପ ବୟସର ଝିଅଙ୍କୁ ମସାଜ ସେବା ବଦଳରେ ଅର୍ଥ ଦେବାର ଲୋଭ ଦେଖାଇ ଡକାଯାଉଥିଲା, ଯାହା ପରେ ଯୌନ ଶୋଷଣରେ ପରିଣତ ହେଉଥିଲା। ଅନ୍ୟ ଝିଅମାନଙ୍କୁ ଏହି କାମରେ ସାମିଲ କରିବା ପାଇଁ ପୀଡିତାମାନଙ୍କୁ ଉତ୍ସାହିତ କରାଯାଉଥିଲା। ଫଳରେ ଏହି ନେଟ୍‌ୱର୍କ ବଢ଼ିବାରେ ଲାଗିଥିଲା। ସେ ବିଶେଷ କରି ସେହି ଝିଅମାନଙ୍କୁ ଟାର୍ଗେଟ କରୁଥିଲେ ଯେଉଁମାନଙ୍କର ପାରିବାରିକ ଆର୍ଥିକ ଅବସ୍ଥା ଭଲ ନଥିଲା କିମ୍ବା ସେମାନେ ମାନସିକସ୍ତରରେ ଦୁର୍ବଳ ଥିଲେ। ସେମାନଙ୍କୁ ଭଲ ପାଠପଢ଼ା କିମ୍ବା କ୍ୟାରିଅର ଗଢ଼ିବାର ମିଥ୍ୟା ପ୍ରତିଶ୍ରୁତି ଦିଆଯାଉଥିଲା। ୨୦୧୯ରେ ଏପଷ୍ଟିନ ଆତ୍ମହତ୍ୟା କରିଥିଲେ ମଧ୍ୟ ଏହି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ନିକଟରେ ବ୍ରିଟେନର ପୂର୍ବତନ ରାଜକୁମାର ଆଣ୍ଡ୍ରୁ ମାଉଣ୍ଟବାଟେନ- ୱିଣ୍ଡରସଙ୍କୁ ଗିରଫ କରାଯାଇଛି। ଆଗାମୀ ଭବିଷ୍ୟତରେ ଆହୁରି କେତେକ ବିଶିଷ୍ଟ ବ୍ୟକ୍ତି ଏହି ମାମଲାରେ ଜଡ଼ିତ ହେବା କାରଣରୁ ବଳି ପଡିବେ ବୋଲି ଅନୁମାନ କରାଯାଉଛି ଓ ଏହି ତାଲିକା ଯଥେଷ୍ଟ ଲମ୍ବା ରହିଛି।

## ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି

# ବିଜ୍ଞପ୍ତିର ବୈଧତାକୁ ନେଇ ପ୍ରଶ୍ନ

ଭୁବନେଶ୍ୱର, ୨୨।୨(ସମିସ): ରାଜ୍ୟର ୧୪ଟି ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। ଭାରପ୍ରାପ୍ତ କୁଳପତିଙ୍କ ଭରସାରେ ଉଚ୍ଚ ଶିକ୍ଷାନୁଷ୍ଠାନ ଚାଲିଛି। ଭାରପ୍ରାପ୍ତ କୁଳପତିମାନେ କୌଣସି ପ୍ରମୁଖ ନିଷ୍ପତ୍ତି ନେଇ ପାରିବେ ନାହିଁ ବୋଲି ସେମାନଙ୍କ ନିଯୁକ୍ତି ସମୟରେ ରାଜ୍ୟପାଳ ସ୍ପଷ୍ଟ କରିଥିଲେ। ମାତ୍ର ଏହାକୁ ଅଣଦେଖା କରି ନିୟମିତ ଅଧ୍ୟାପକ ନିଯୁକ୍ତି ପରି ପ୍ରମୁଖ ନିଷ୍ପତ୍ତି ନିଆଯାଇଥିବା ଅଭିଯୋଗ ହୋଇଛି। ଯାହା ବିଶ୍ୱବିଦ୍ୟାଳୟଗୁଡ଼ିକରୁ ପ୍ରକାଶ ପାଉଥିବା ନିଯୁକ୍ତି ବିଜ୍ଞପ୍ତିର ବୈଧତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।

■ ସ୍ୱୟଂଶାସିତ ସଂସ୍ଥାକୁ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକୁ ନେଇ ପ୍ରଶ୍ନ
■ ଏକାଡେମିକ୍ ସମୀକ୍ଷା ବିନା ନିଯୁକ୍ତି, ଶୈକ୍ଷିକ କ୍ଷତି କରିବ: ଶିକ୍ଷାବିତ

ଗତ ୧୬ ତାରିଖରେ ରାଜ୍ୟର ୩ ପ୍ରମୁଖ ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୬ଟି ପ୍ରଫେସର, ୧୨ଟି ସହଯୋଗୀ ପ୍ରଫେସର, ୩୨ଟି ସହକାରୀ ପ୍ରଫେସର ପଦରେ ନିଯୁକ୍ତି ପାଇଁ ମାର୍ଚ୍ଚ ୧୭ ସୁଦ୍ଧା ଆବେଦନ କରିପାରିବେ। ସେହିପରି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନିୟମିତ ଅଧ୍ୟାପକ ନିଯୁକ୍ତି ପାଇଁ ୨୮ ତାରିଖଠାରୁ ବିଶ୍ୱବିଦ୍ୟାଳୟ ୱେବ୍‌ସାଇଟ୍‌ରେ ଆବେଦନ ଫର୍ମ ଉପଲବ୍ଧ ହେବ ଓ ଏପ୍ରିଲ ୧୩ ପର୍ଯ୍ୟନ୍ତ ଆଶାୟୀମାନେ ଆବେଦନ କରିପାରିବେ। ଅନୁରୂପ ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଖାଲିପଡ଼ିଥିବା ଅଧ୍ୟାପକ ପଦ ପୂରଣ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅବଶିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନେଇ ପ୍ରକ୍ରିୟା ଜାରି ରହିଛି। ୨୦୨୨ ପରେ ପ୍ରଥମ ଥର ପାଇଁ ବିଭିନ୍ନ ବିଶ୍ୱବିଦ୍ୟାଳୟରେ ନିୟମିତ ପ୍ରଫେସର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ଆରମ୍ଭ ହୋଇଛି।

ନିୟମିତ ଅଧ୍ୟାପକ ନିଯୁକ୍ତି ଆରମ୍ଭ ହେବା ପରେ ବିଜ୍ଞପ୍ତିର ବୈଧତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାରଣ ଏସବୁ ବିଶ୍ୱବିଦ୍ୟାଳୟରେ ନିୟମିତ କୁଳପତି ନାହାନ୍ତି। କିଛି ବିଶ୍ୱବିଦ୍ୟାଳୟରେ ଭାରପ୍ରାପ୍ତ କୁଳପତି ନିଯୁକ୍ତ ହୋଇଥିବାବେଳେ ଆଉ କିଛି ବିଶ୍ୱବିଦ୍ୟାଳୟର କୁଳପତିଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଭାରପ୍ରାପ୍ତ କୁଳପତିଙ୍କ ନିଯୁକ୍ତି ସମୟରେ ସେମାନେ କୌଣସି ପ୍ରମୁଖ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି କୁହାଯାଇଛି। ଜାନୁଆରି ୩୧ରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ପାଇଥିବା କହିଥିଲେ ମଧ୍ୟ ତାକୁ ନେଇ ପ୍ରଶ୍ନ ଉଠିଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ହେଉଛନ୍ତି ସ୍ୱୟଂଶାସିତ। ତହିଁରେ ନିଯୁକ୍ତି ପାଇଁ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ବିନା ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇପାରିବ ନାହିଁ ବୋଲି ଶିକ୍ଷାବିତମାନେ ମତବ୍ୟକ୍ତ କରିଛନ୍ତି। ଆଗକୁ ଏହି ମାମଲା ଆଇନ୍ ଜାଲରେ ଛନ୍ଦି ହେବା ସହ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ଅଧାରେ ଲଟକିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ କରିଛନ୍ତି।

ଶିକ୍ଷାବିତ ସତ୍ୟକାମ ମିଶ୍ର କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପୂର୍ବରୁ ଏକାଡେମିକ୍ କାଉନସିଲ୍ ବିସ୍ତୃତ ଭାବେ ବିଚାରବିମର୍ଶ କରିବା କଥା। ଯଦ୍ୱାରା ଛାତ୍ରଛାତ୍ରୀଙ୍କ ଆଗ୍ରହ ନ ଥିବା ବା ସାମ୍ପ୍ରତିକ ସ୍ଥିତିରେ ଆବଶ୍ୟକ ନ ଥିବା ବିଷୟକୁ ବାଦ୍ ଦେଇ ଅତ୍ୟାଧୁନିକ ବିଷୟକୁ ପାଠ୍ୟକ୍ରମରେ ସାମିଲ କରାଯାଇପାରିବ। ମାତ୍ର ଏହାର ସମୀକ୍ଷା କରା ନଯାଇ ତରବରିଆ ଭାବେ ଖାଲିଥିବା ପଦରେ ନିଯୁକ୍ତି ଦିଆଗଲେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କ୍ଷତି ହେବ। ନିୟମିତ କୁଳପତି ନିଯୁକ୍ତି ପରେ ସମସ୍ତ ବିଷୟକୁ ଏକାଡେମିକ୍ କାଉନସିଲ୍ ସମୀକ୍ଷା କରି ନିଯୁକ୍ତି ପ୍ରକ୍ରିୟା କରାଗଲେ ଛାତ୍ରଛାତ୍ରୀ ଉପକୃତ ହେବା ସହ ଶୈକ୍ଷିକ ମାନ ବଢ଼ିବ ବୋଲି ଶ୍ରୀ ମିଶ୍ର ମତବ୍ୟକ୍ତ କରିଛନ୍ତି।

## ରାଜନଗର ନାବାଳିକା ଗଣଦୁଷ୍କର୍ମ ଘଟଣା

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲା ବିଜେଡି

ଭୁବନେଶ୍ୱର,୨୧।୨(ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡିଯିବା ସହିତ ମହିଳା ସୁରକ୍ଷା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଛି। ମାତ୍ର ସରକାର ଏହାକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିଜ ମିଛ ସଫଳତା ବଖାଣି ଆତ୍ମପ୍ରଚାରରେ ବିଭୋର ଅଛନ୍ତି। ପରିସ୍ଥିତିରେ ସୁଧାର ଆସିବା ପରିବର୍ତ୍ତେ ଦିନକୁ ଦିନ ଅଧିକ ବିଗୁଡୁଛି ବୋଲି ଅଭିଯୋଗ କରିଛି ବିଜେଡି।



■ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ
■ ୧୯ ମାସରେ ୪୦, ୦୦୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନା
■ ୪୦୦୦ ମହିଳା ଓ ୨୦୦ ନାବାଳିକା ଦୁଷ୍କର୍ମ ଶିକାର

ଶଙ୍ଖ ଭବନରେ ରବିବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜନୈତିକ ବ୍ୟାପାର କମିଟି ସଦସ୍ୟ ତଥା ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମହିଳା କମିସନର ମିନତୀ ବେହେରା, ଜ୍ୟୋସ୍ନାମୟୀ ପରିଡା ଓ ରୀତାଞ୍ଜଳି ପରିଡା ପ୍ରମୁଖ ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମହିଳା ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଟୁକୁନି ସାହୁ କହିଛନ୍ତି ଯେ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକର ଏକ ଘରୋଇ ବିଦ୍ୟାଳୟରେ ଗୋଟିଏ ସପ୍ତମ ଶ୍ରେଣୀର ଛାତ୍ରୀକୁ ପାଞ୍ଚ ଜଣ ଶିକ୍ଷକଙ୍କ ଦ୍ୱାରା ଗଣଦୁଷ୍କର୍ମ ଘଟଣା ଲୋକଲୋଚନକୁ ଆସିଛି, ଯାହା ପ୍ରତ୍ୟେକ ରାଜ୍ୟବାସୀଙ୍କ ମନକୁ ଗଭୀର ଆଘାତ ଦେଇଛି । ଦୁଃଖ ଓ ପରିତାପର ବିଷୟ ଯେ ବିଜେପି ରାଜ୍ୟରେ କ୍ଷମତାସୀନ ହେବା ପରଠାରୁ ବିଦ୍ୟାଳୟ ଏପରିକି ସରକାରୀ ଆବାସିକ ହଷ୍ଟେଲ ଗୁଡିକରେ ରହୁଥିବା ନାବାଳିକା ଛାତ୍ରୀମାନେ ଦୁଷ୍କର୍ମ, ନିର୍ଯାତନା ଓ ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମରେ ଶିରୋନାମା ପାଲଟୁଛି । ବିରୋଧୀ ଦଳ ବିଶେଷକରି ବିଜେଡି ପକ୍ଷରୁ ମହିଳାମାନଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ଆସୁଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ନିଦ୍ରାଭଙ୍ଗ ହେଉନାହିଁ । ସରକାର ମିଛ ସଫଳତା ବଖାଣି ନିଜ ପ୍ରଚାରରେ ବ୍ୟସ୍ତ ଅଛନ୍ତି । ସରକାରଙ୍କ ଉଦାସୀନତା କାରଣରୁ ମହିଳା ନିର୍ଯାତନା ଥମିବାର ନାଁ ନେଉନାହିଁ। ରାଜକନିକା ଘଟଣାରେ ବିଜେଡି ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ ପୀଡ଼ିତାଙ୍କ ପରିବାର ବର୍ଗଙ୍କୁ ଭେଟି ସାନ୍ତ୍ୱନା ଜଣାଇବା ସହିତ ପୁଲିସ ଅଧିକାରୀଙ୍କୁ ଭେଟି ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ଦାବି ରଖିଛନ୍ତି। ବରିଷ୍ଠ ନେତ୍ରୀ ମିନତୀ ବେହେରା କହିଥିଲେ ଯେ ଯଦିଓ ବିଜେଡି ପ୍ରତିନିଧି ମଣ୍ଡଳୀର ଗସ୍ତ ପରେ ଅଭିଯୁକ୍ତମାନଙ୍କୁ ପୁଲିସ ଦ୍ୱାରା ଗିରଫ କରା ଯାଇଛି, ଏହି ନାବାଳିକା ଗଣ ଦୁଷ୍କର୍ମ ଘଟଣାର ସବିଶେଷ ତଦନ୍ତ ହେବା ସହିତ ଏହାକୁ ଫାଷ୍ଟ ଟ୍ରାକ କୋର୍ଟରେ ଶୁଣାଣି କରାଯାଉ ବୋଲି ବିଜେଡି ଦାବି କରୁଛି । ଶ୍ରୀମତୀ ବେହେରା କହିଥିଲେ ଯେ ଗତ ୧୯ମାସର ବିଜେପି ଶାସନରେ ୪୦, ୦୦୦ରୁ ଉର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହେଲେଣି। ପ୍ରାୟ ୪୦୦୦ ରୁ ଉର୍ଦ୍ଧ୍ୱ ମହିଳା ଦୁଷ୍କର୍ମ ଓ ଗଣ ଦୁଷ୍କର୍ମର ଶିକାର ହେଲେଣି ଓ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ନାବାଳିକା ଦୁଷ୍କର୍ମର ଶିକାର ହେଲେଣି। ବିଜେଡି ଫାକ୍ଟ ଫାଇଣ୍ଡିଂ ଟିମର ସଦସ୍ୟ ଜ୍ୟୋସ୍ନାମୟୀ ପରିଡା କହିଥିଲେ ଯେ ପୀଡିତାଙ୍କ ପରିବାର ସଦସ୍ୟ ଓ ତାଙ୍କର ଗ୍ରାମବାସୀ ମାନେ ଏହି ଘଟଣାରେ ସମ୍ପୂର୍ଣ୍ଣ ମର୍ମାହତ। ଯୋଜନାବଦ୍ଧ ଭାବରେ ବିଦ୍ୟାଳୟ ପରିସରରେ ନାବାଳିକା ଜଣକୁ ଦୁଷ୍କର୍ମ କରାଯାଉଥିଲା । ଏହି ଘଟଣା ସମୟରେ ସ୍କୁଲର ସିସି କ୍ୟାମେରାକୁ ବନ୍ଦ କରି ଦିଆ ଯାଇଥିଲା । ଏପରିକି ଅଭିଯୁକ୍ତମାନଙ୍କ ଦ୍ୱାରା ପୀଡିତାଙ୍କୁ ବାରମ୍ବାର ଘଟଣା ବିଷୟରେ କାହାକୁ ନଜଣାଇବା ପାଇଁ କୁହାଯାଇଥିଲା ଓ ସେ ଯଦି କୁହନ୍ତି, ତାହେଲେ ସେହି ସ୍କୁଲରେ ଦୁଇ କ୍ଲାସରେ ପଢୁଥିବା ପୀଡ଼ିତାଙ୍କ ସାନଭାଇକୁ ହତ୍ୟା କରି ଦିଆଯିବ ବୋଲି ଭୟଭୀତ କରାଯାଉଥିଲା । ତେଣୁ ଏହି ଘଟଣାର ସବିଶେଷ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ବିଜେଡି ଦାବି କରିଛି।

# ମୟୂରଭଞ୍ଜରେ ତମ୍ବା ଓ ସୁନା ଖଣି

ବାରିପଦା/କୁଳିଅଣା, ୨୨।୨(ସମିସ): ମୟୂରଭଞ୍ଜ ଜିଲ୍ଲା କୁଳିଅଣା ତହସିଲ ଅନ୍ତର୍ଗତ କେଶରପୁର, ଦୁଧିଆଶୋଳ, ମଦନାସାହି, ନିମାଇଁଡିହି, ବଡ଼ସାରସପୋଷି, କାଞ୍ଜିଆ ଓ ଆମ୍ବପୁଞ୍ଜା ଅଞ୍ଚଳରେ ତମ୍ବା ପଥର ଥିବା ସୂଚନା ମିଳିବା ପରେ ପୁଣି ଦ୍ୱିତୀୟ ପର୍ଯ୍ୟାୟରେ ଭାରତୀୟ ଭୂତାତ୍ତ୍ୱିକ ସର୍ବେକ୍ଷଣ

## ଜିଏସ୍ଇ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ ଖନନ

ସଂସ୍ଥା (ଜିଏସ୍ଇ) ପକ୍ଷରୁ ଅନୁସନ୍ଧାନ ଆରମ୍ଭ ହୋଇଛି। ପୂର୍ବରୁ ଆମ୍ବପୁଞ୍ଜା, କେଶରପୁର ଉତ୍ତର-ବ୍ଲକରେ ଖନନ କାର୍ଯ୍ୟ ସରିଥିବା ବେଳେ ଏବେ କେଶରପୁର ଦକ୍ଷିଣ ବ୍ଲକ୍‌ରେ ଖନନ କାର୍ଯ୍ୟ ଚାଲିଛି। ଉପରୋକ୍ତ ଅଞ୍ଚଳରେ ଡ୍ରିଲିଂ ପଥରରୁ ତମ୍ବା ମିଶ୍ରିତ ସୁନାର ଆବରଣ ଦୃଶ୍ୟମାନ ହେଉଛି। ପ୍ରଥମ ପର୍ଯ୍ୟାୟରେ କେଶରପୁରର ଦୁଇଟି ଖନନ ବ୍ଲକ୍‌ରେ ୧୬.୬୭ ମିଲିୟନ୍ ଟନ୍ ଓ ୧୭.୦୬ ମିଲିୟନ ଟନ୍ ତମ୍ବା, ନୟା ଦୁଧିଶୋଳରେ ୪.୦୪ ମିଲିୟନ ଟନ୍ ତମ୍ବା ଓ ୨.୦୫ ଟନ୍ ନିକେଲ ମହଜୁଦ ଥିବା ସୂଚନା ମିଳିଛି। ଏନେଇ ବାଙ୍ଗିରିପୋଷି ବିଧାୟିକା ସଞ୍ଜାଲି ମୁର୍ମୁଙ୍କ ଅଣତାରକା ପ୍ରଶ୍ନର ଉତ୍ତର ରଖି ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ, ଜି-୨ ସ୍ତରରେ ଅନୁସନ୍ଧାନ କାର୍ଯ୍ୟ ସମ୍ପୂର୍ଣ୍ଣ



କରାଯାଇଛି। କେଶରପୁର (ପୂର୍ବ) ବ୍ଲକ୍‌ରେ ୧୭.୬୭ ନିୟୁତ ଟନ, ମଦନାସାହି ବ୍ଲକରେ ୧୭.୦୬ ନିୟୁତ ଟନ, ଦୁଧିଆଶୋଳ ବ୍ଲକରେ ୪.୪ ନିୟୁତ ଟନ ତମ୍ବା ପଥର, ୨.୦୫ ନିୟୁତ ଟନ ନିକେଲ ଥିବା ଆକଳନ କରାଯାଇଛି। ଉପରୋକ୍ତ ତମ୍ବା ପଥର ବ୍ଲକ୍‌ଗୁଡ଼ିକ ସଂଲଗ୍ନ ଥିବାରୁ ଏହାର ଏକତ୍ରୀକରଣ କରାଯାଇ ନିଲାମ ପ୍ରକ୍ରିୟାରେ ସାମିଲ କରିବା ପାଇଁ ପ୍ରସ୍ତାବ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୦୨୫-୨୬ ବର୍ଷରେ ଜିଏସ୍ଇ ଦ୍ୱାରା ମଦନାସାହି କାଞ୍ଜିଆ ବ୍ଲକକୁ ଏକତ୍ରୀକରଣ କରାଯାଇ ଏହାର ଚୂଡାନ୍ତ ରିପୋର୍ଟ ପ୍ରସ୍ତୁତ ଓ ଓଆରଏ ସ୍ଏସି ଦ୍ୱାରା ଡିଜିପିଏସ୍ ସର୍ଭେ କରାଯାଇ ଏହାର ଜମି କିସମର ତାଲିକା ପ୍ରସ୍ତୁତ କରାଯାଉଛି। ବଡ଼ସାରସପୋଷି, ଆମ୍ବପୁଞ୍ଜା ଓ ନିମାଇଁଡ଼ିହି ବ୍ଲକରେ ଜିଏସଆଇ ଦ୍ୱାରା ତମ୍ବା ପଥର ଅନୁସନ୍ଧାନ ଓ ଆକଳନ ପ୍ରକ୍ରିୟା ସମାପ୍ତ ହେବା ପରେ କେଶରପୁର ଓ ଦୁଧିଆଶୋଳ ବ୍ଲକ ସହିତ ଏକତ୍ରୀକରଣ କରାଯାଇ ୨୦୨୬-୨୭ ବର୍ଷରେ ନିଲାମ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ସମସ୍ତ ତମ୍ବା ଖଣି ନିଲାମ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଥିବା ବେଳେ ମଦନାସାହି, କାଞ୍ଜିଆରେ ସୁନା ଖଣିର ସନ୍ଧାନ ରିପୋର୍ଟ ସରକାରଙ୍କୁ ଜିଏସଆଇ ପକ୍ଷରୁ ଜି-୨ସର୍ଭେ ରିପୋର୍ଟ ମିଳିବା ପରେ ସୁନା ୧୪୬୨.୭୩ କେଜି ମହଜୁଦ ଥିବା ସୂଚନା ମିଳିଛି।

# ସ୍ୱାମୀ କାନ୍ଧରୁ ସ୍ତ୍ରୀକୁ ଭିଡ଼ିନେଲା ଦନ୍ତା

## ହାତୀ ଆକ୍ରମଣରେ ମହିଳାଙ୍କ ସମେତ ୨ ମୃତ

ଦିଗପହଣ୍ଡି,୨୨।୨(ସମିସ): ଦିଗପହଣ୍ଡି ବ୍ଲକ ଫାସିଗୁଡ଼ା ପଞ୍ଚାୟତ ଜଲମେରିପଲ୍ଲୀ ଗ୍ରାମର ସୀମାଞ୍ଚଳ ରାଉତଙ୍କ ସ୍ତ୍ରୀ ଉର୍ମିଳା ରାଉତ(୫୧) ଏବଂ ସ୍ୱର୍ଗତ କାଶୀନାଥ ପ୍ରଧାନଙ୍କ ପୁଅ ଗୋପୀନାଥ ପ୍ରଧାନ(୬୭) ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ରବିବାର ସକାଳ ପ୍ରାୟ ସାଢ଼େ ୫ଟାରେ ଗାଁ ନିକଟ ପରିବା ବାଡ଼ରେ ସ୍ୱାମୀଙ୍କ ସହ ମିଶି ଉର୍ମିଳା କାମ କରୁଥିଲେ। ଦନ୍ତା ହାତୀକୁ ଦେଖି ଆଖପାଖରେ ବାଡ଼ିବଗିଚାରେ ଥିବା ଲୋକେ ଚିତ୍କାର କରିଥିଲେ। ହାତୀ ଆସିଥିବା ଜାଣି ଉଭୟ ସ୍ୱାମୀ ସ୍ତ୍ରୀ ଦୌଡ଼ିଥିଲେ। ସ୍ତ୍ରୀ ଦୌଡ଼ି ନପାରିବାରୁ ସ୍ୱାମୀ ତାଙ୍କୁ ପିଠିରେ ବୋହି ଦୌଡ଼ିବା ବେଳେ ହାତୀଟି ତାର



ଶୁଣ୍ଢରେ ସ୍ତ୍ରୀଙ୍କୁ ଟାଣି ନେଇଥିଲା। ଭୟଭୀତ ଅବସ୍ଥାରେ ସ୍ୱାମୀ ଦୌଡ଼ି ଯାଇ ନିକଟରେ ଥିବା ଏକ ଆମ୍ବ ଗଛ ଗଣ୍ଡି ଉହାଡ଼ରେ ଲୁଚି ଯାଇଥିଲେ। ତାଙ୍କ ଆଖି ଆଗରେ ସ୍ତ୍ରୀ ଉର୍ମିଳାଙ୍କୁ ହାତୀ ଶୁଣ୍ଢରେ ଟେକି କଚାଡ଼ି ଦଳି ଦେଇଥିଲା।

ସେହିପରି ଗ୍ରାମର ଗୋପୀନାଥ ପ୍ରଧାନଙ୍କୁ ହାତୀ ଗୋଡ଼ାଇ ଗୋଡ଼ାଇ ଶୁଣ୍ଢରେ ଦୁଇଥର କିଛିଦୂରକୁ ଫୋପାଡି ନିକଟସ୍ଥ ଜଙ୍ଗଲକୁ ପଳାଇଥିଲା। ତାଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥଲେ।

## ଅବଶିଷ୍ଟାଂଶ

### ଗୋଟିଏ ପରିବାରର...

ନାଗରିକଙ୍କ ଉପରେ ବୋମା ମାଡ଼ କରିଛି। ଏଥିରେ ମହିଳା ଓ ଶିଶୁଙ୍କ ସମେତ ଅନେକ ନିରୀହ ଲୋକ ପ୍ରାଣ ହରାଇଛନ୍ତି। ନିକଟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦ୍‌ର ଏକ ସିଆ ମସଜିଦ୍ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ୩୧ ଜଣଙ୍କର ମୃତ୍ୟୁ ଘଟିଥିଲା। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏହି ଏୟାର ଷ୍ଟ୍ରାଇକ୍ କରିଛି ବୋଲି କୁହାଯାଉଛି। ପାକିସ୍ତାନ ସେନା କହିଛି ଯେ ପାକିସ୍ତାନ ସବୁବେଳେ ଆଞ୍ଚଳିକ ଶାନ୍ତି ଚାହେଁ, କିନ୍ତୁ ନାଗରିକଙ୍କ ସୁରକ୍ଷା ହେଉଛି ଆମର ପ୍ରାଥମିକତା। ଆଫଗାନିସ୍ତାନର ତାଲିବାନ ସରକାର ଆତଙ୍କବାଦୀଙ୍କ ବିରୋଧରେ କୌଣସି କଠୋର ପଦକ୍ଷେପ ନେବାରେ ବିଫଳ ହୋଇଛନ୍ତି। ତେବେ ଏହି ଅଭିଯୋଗକୁ ତାଲିବାନ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖାନ କରିଛି। ସେମାନେ କହିଛନ୍ତି ଯେ, ଆଫଗାନିସ୍ତାନର ମାଟିକୁ କୌଣସି ଦେଶ ବିରୋଧରେ ବ୍ୟବହାର କରିବାକୁ ଅନୁମତି ଦିଆଯାଉନାହିଁ। ପାକିସ୍ତାନର ଏହି ଆକ୍ରମଣ ଦୁଇ ଦେଶର ସମ୍ପର୍କକୁ ଆହୁରି ଖରାପ କରି ଦେଇଛି। ଆଫଗାନିସ୍ତାନ ରକ୍ଷା ମନ୍ତ୍ରଣାଳୟ ଏହାକୁ ଦେଶର ସାର୍ବଭୌମତ୍ୱର ଉଲ୍ଲଂଘନ ଓ ଏହାର ଉଚିତ ଜବାବ ଦେବାକୁ ଚେତାବନୀ ଦେଇଛି।

### ରାଜପଥରେ ଚାଲିଗଲା...

ଯୋଗେ ଝାରସୁଗୁଡ଼ା ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଯାଉଥିବା ଏକ ଟ୍ରେଲର୍ ଝାରସୁଗୁଡ଼ା ସଦର ଥାନା ସମ୍ମୁଖରେ ବୋଲେରୋକୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୋଲେରୋଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଭିତରୁ ସମସ୍ତଙ୍କୁ ଉଦ୍ଧାର କରିଥିଲେ। କିନ୍ତୁ ସେତେବେଳକୁ ୫ଜଣ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିସାରିଥିଲା। ବାକି ୩ ଆହତମାନଙ୍କୁ ସଙ୍ଗେ ସଙ୍ଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

ଖବର ପାଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଝାରସୁଗୁଡ଼ା ଏସପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହିତ ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରଲର ଓ ଡ୍ରାଇଭରକୁ ସଦର ଥାନାରେ ଅଟକ ରଖାଯାଇଛି।

ଝାରସୁଗୁଡ଼ା ପୁଲିସ ରିଜର୍ଭ ପଡ଼ିଆଠାରେ ମୃତ ପୁଲିସ କର୍ମଚାରୀମାନଙ୍କ ମୃତଦେହ ରଖାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଝାରସୁଗୁଡ଼ାର ଅନେକ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳି ଦାସ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ରାଘବେନ୍ଦ୍ର, ବରିଷ୍ଠ ପୁଲିସ ଅଧିକାରୀ ଓ କର୍ମଚାରୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ମୃତ ପୁଲିସ କର୍ମଚାରୀଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ଶୋକପ୍ରକାଶ କଲେ...

ପ୍ରାର୍ଥନା କରୁଛି। ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି ଯେ ଝାରସୁଗୁଡ଼ାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୫ ଜଣ ପୁଲିସ କର୍ମଚାରୀଙ୍କ ପ୍ରାଣହାନି ହେବା ସହ ଅନେକ ଆହତ ହୋଇଥିବା ବିଷୟରେ ଜାଣି ମୁଁ ଦୁଃଖିତ। ମୃତକଙ୍କ ଅମର ଆତ୍ମାର ସଦଗତି ସହ ଆହତଙ୍କ ଆଶୁଆରୋଗ୍ୟ କାମନା କରୁଛି। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ଗଭୀର ସମବେଦନା ଜଣାଉଛି।

### ବରଗାଡ଼ିରୁ କନିଆକୁ...

ଘରଲୋକେ ଚାହିଁ ବସିଥିଲେ। ରବିବାର ବିବାହ ଭୋଜି ପାଇଁ ମଧ୍ୟ ଆୟୋଜନ ସରିଥିଲା। ସକାଳ ୫ଟାରେ ବରକନ୍ୟାଙ୍କୁ ଧରି ଆସୁଥିବା ଗାଡ଼ିଟି ତରଭା ବଡ଼ବନ୍ଧ ମୋଡ଼ ନିକଟରେ ପହଞ୍ଚି ସାରିଥିଲା। ଆଉ ୨୨ କିମି ପରେ ବର-କନ୍ୟା ଘରେ ପହଞ୍ଚିଥାନ୍ତେ। ଏହି ସମୟରେ ଗୋଟିଏ ଧଳା ରଙ୍ଗର କାର୍‌ରେ ଡ୍ରାଇଭର ଓ ଅନ୍ୟ ୩ ଜଣ ଯୁବକ ପହଞ୍ଚିଥିଲେ। ସିନେମା ଶୈଳୀରେ ସେମାନେ ବରକନ୍ୟାଙ୍କୁ ନେଇ ଯାଉଥିବା ଗାଡ଼ି ସମ୍ମୁଖକୁ ଆସି ବନ୍ଧୁକ ଦେଖାଇ ଅଟକାଇଥିଲେ। ସେଥିମଧ୍ୟରୁ ଜଣେ ଯୁବକ ବର ହରିବନ୍ଧୁଙ୍କୁ ଗାଡ଼ିରୁ ଟାଣି ଆଣିଥିଲା। ବନ୍ଧୁକ ମୁନରେ ତାଙ୍କୁ ଧମକଚମକ ଦେଇ ନବବିବାହିତା ରଶ୍ମିକୁ ଅପହରଣ କରିନେଇଥିଲା।

ହରିବନ୍ଧୁଙ୍କ ପରିବାର କନ୍ୟାକୁ ପିନ୍ଧାଇଥିବା ଗୋଟିଏ ସୁନାହାର, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ନାକଫୁଲ, ଦୁଇଟି ରୁପା ମୁଦି ସହ ସେମାନଙ୍କ ନିକଟରୁ ୧୫୦୦ ଟଙ୍କା ନେଇଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ସମୟରେ ସେ ରାସ୍ତାରେ ଅନେକ ଲୋକ ଯିବା ଆସିବା କରୁଥିଲେ। କେହି କିଛି ବୁଝିବା ପୂର୍ବରୁ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ଏ ସମ୍ପର୍କରେ ପୁଅ ଘର ତରଫରୁ ତରଭା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରଛି। ଏନେଇ ତରଭା ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍ଆଇ ପ୍ରସନ୍ନଜିତ ବେହେରା ତଦନ୍ତ ଦାୟିତ୍ୱ ନେଇଛନ୍ତି। ତରଭା ପୁଲିସ କଣ୍ଟାମାଳ ଯାଇ ତଦନ୍ତ ଚଳାଇଛି।

ତରଭା ଥାନାରେ ହୋଇଥିବା ଏତଲା ଅନୁଯାୟୀ, ହରିବନ୍ଧୁ ଓ ରଶ୍ମିଙ୍କ ବାହାଘର ଠିକ୍ ହେବା ପରେ କେହି ଜଣେ ଅଜଣା ବ୍ୟକ୍ତି ବାରମ୍ବାର ଫୋନ୍ କରି ହରିବନ୍ଧୁଙ୍କୁ ଧମକଚମକ ଦେଉଥିଲା। ରଶ୍ମିଙ୍କୁ ବାହା ନହେବା ପାଇଁ ଚେତାବନୀ ଦେଉଥିଲା। ହରିବନ୍ଧୁ କିନ୍ତୁ ତା' କଥାକୁ ଗୁରୁତ୍ୱ ଦେଇ ନଥିଲେ। ଅନ୍ୟପକ୍ଷେ, କନ୍ୟାର ଆଈଙ୍କ କହିବା ଅନୁସାରେ, ନାଲି ରଙ୍ଗର ସାର୍ଟ ପିନ୍ଧିଥିବା ଯୁବକଜଣଙ୍କ କଣ୍ଟାମାଳ ନିକଟସ୍ଥ ବଡ଼ଛେପାପାଲିର ସଂଜୀବ ସାହୁ ଓରଫ ବୁଠି। ଅନ୍ୟ ଦୁଇଜଣ ମଧ୍ୟ ସେହି ଗୋଟିଏ ଗ୍ରାମର।।

### ପ୍ରାର୍ଥୀ ଚୂଡ଼ାନ୍ତ କରିବ...

ବଢ଼ିବାରେ ଲାଗିଛି। ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ନିଯୁକ୍ତି ହୋଇପାରୁ ନଥିବାରୁ ଏହା ରାଜ୍ୟ ବିଜେପି ସରକାରଙ୍କ ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଆଜିର ବୈଠକରେ ବୋର୍ଡ ଏବଂ ନିଗମ ନିଯୁକ୍ତିକୁ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି। ଜାତୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ ବ୍ୟତୀତ ଦଳର ସମସ୍ତ ବରିଷ୍ଠ ନେତା ବୈଠକରେ ଉପସ୍ଥିତ ଥିବାବେଳେ ସମସ୍ତେ ସରକାରରେ ଏପରି ବିଚ୍ୟୁତିକୁ ନେଇ କୁଆଡ଼େ ଚିନ୍ତା ପ୍ରକାଶ କରିଥିବା କୁହାଯାଉଛି। ଯଦି ସବୁକିଛି ଠିକଠାକ ରୁହେ, ତାହେଲେ ଅଳ୍ପଦିନ ମଧ୍ୟରେ ନିଗମ, ବୋର୍ଡ ନିଯୁକ୍ତି ଦିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ଦେଇଛନ୍ତି।

ସେହିପରି ରାଜ୍ୟସଭା ନିର୍ବାଚନ ପାଇଁ ଆସନ୍ତା ୫ ତାରିଖରେ ନାମାଙ୍କନ ହେବ। ଏନେଇ ଆଜିର ବୈଠକରେ ଆଲୋଚନା ହୋଇଥିଲା। ଚର୍ଚ୍ଚିତ ନାମଗୁଡ଼ିକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ପ୍ରାର୍ଥୀତ୍ୱକୁ ନେଇ ଦଳର ଦିଲ୍ଲୀ ନେତୃତ୍ୱଙ୍କ ନିଷ୍ପତ୍ତି ସର୍ବମାନ୍ୟ ଥିବାବେଳେ ଆଜିର ବୈଠକରେ କୌଣସି ନାମ ଚୂଡ଼ାନ୍ତ ହୋଇନଥିବା ଜଣାପଡ଼ିଛି। ତେବେ ରାଜ୍ୟ ବିଜେପି ପକ୍ଷରୁ ୪-୫ ଦିନ ମଧ୍ୟରେ କିଛି ଚୂଡ଼ାନ୍ତ ନାମ କେନ୍ଦ୍ର ସଂସଦୀୟ ବୋର୍ଡ ନିକଟକୁ ପଠାଯିବ ବୋଲି ନିଷ୍ପତ୍ତି ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସେହିପରି ଯଦି ଚତୁର୍ଥ ଆସନକୁ ଦଳର ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି କୋର୍ କମିଟି ସଦସ୍ୟ। ଚତୁର୍ଥ ଆସନରେ ବିଜୟ ନେଇ ଦଳର ତୁଙ୍ଗ ନେତା ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ତେଣୁ ଚତୁର୍ଥ ଆସନକୁ ନେଇ ଦଳର ଆଭିମୁଖ୍ୟ କଣ ରହିବ, ବିରୋଧୀ ଚତୁର୍ଥ ଆସନରେ ପ୍ରାର୍ଥୀ ଦେଲେ ଦଳ କେଉଁ ରଣନୀତି ପ୍ରସ୍ତୁତ କରିବ ସେନେଇ ମଧ୍ୟ ବରିଷ୍ଠ ନେତା ଅନେକ ବିଚାର ବିମର୍ଶ କରିଥିବା ଜଣାପଡ଼ିଛି।

ଏହାବ୍ୟତୀତ ଆଗାମୀ ପଞ୍ଚାୟତ ନିର୍ବାଚନ ଏବଂ ନବଗଠିତ ପୌରାଞ୍ଚଳରେ ଭୋଟକୁ ନେଇ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ନିର୍ବାଚନରେ ଦଳ କିପରି ସଫଳତା ପାଇବେ ସେନେଇ ବରିଷ୍ଠ ନେତାମାନେ ମତପ୍ରକାଶ କରିଥିବା ବେଳେ ଦଳର ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ବୈଠକରେ ବିଶଦ୍ ଆଲୋଚନା ହୋଇନଥିବା ଜଣାପଡ଼ିଛି। ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ପୂର୍ବତନ ରାଜ୍ୟ ବିଜେପି ସଭାପତି ସୁରେଶ ପୂଜାରୀ, ସମୀର ମହାନ୍ତି ଓ ବସନ୍ତ ପଣ୍ଡା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସାଂସଦ ପ୍ରତାପ ଷଡ଼ଙ୍ଗୀ, ସାଂସଦ ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ମାନସ କୁମାର ମହାନ୍ତି ଉପସ୍ଥିତ ଥିଲେ।

■ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା-୨୦୨୬'

# 'ବିକଶିତ ଓଡିଶା, ବିକଶିତ ଭାରତର ସ୍ୱପ୍ନ ସାକାର କର'

କଟକ,୨୨।୨(ସମିସ): ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା -୨୦୨୬'ର ଶନିବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଛି। ସମାରୋହରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଆଜି ଟେକ୍ନୋଲୋଜି କ୍ଷେତ୍ରରେ ଦ୍ରୁତ ପରିବର୍ତ୍ତନ ଘଟୁଛି। ସୁତରାଂ ପ୍ରତିକ୍ଷେତ୍ରରେ ଆମକୁ ଏହା ସହ ଯୋଡି ହୋଇରହିବାକୁ ହେବ। ସଫଳ ବୃତ୍ତିଧାରୀ ସୃଷ୍ଟି ହେଲେ ରାଜ୍ୟ ଓ ଦେଶ ଆଗକୁ ବଢିବ। ବିକଶିତ ଓଡିଶା ଓ ବିକଶିତ ଭାରତ ନିର୍ମାଣର ସ୍ୱପ୍ନ



ଓ ସଂକଳ୍ପ ସାକାର ହେବ। ଏ କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଯୁବ ସଂପ୍ରଦାୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବୃତ୍ତିଗତ କ୍ଷେତ୍ରରେ ଦକ୍ଷତା ହାସଲ ଲାଗି ପ୍ରତି କ୍ଷେତ୍ରରେ ପ୍ରଶିକ୍ଷଣ ଦେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପିତାଙ୍କ ସ୍ମୃତିରେ 'ଡ୍ରିମ୍‌ସ' ଭଳି ଏତେ ବଡ ମଣିଷ ତିଆରି କାରଖାନା ଗଢ଼ିଥିବାରୁ ସେ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କୁ ସାଧୁବାଦ ଜଣାଇଥିଲେ। ସମ୍ମାନିତ ଅତିଥି ବିଶିଷ୍ଟ ସିନେ ଅଭିନେତା ଅରିନ୍ଦମ୍ ରାୟ ତାଙ୍କ ବକ୍ତବ୍ୟରେ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ କ୍ଷେତ୍ରରେ ଛାତ୍ରଛାତ୍ରୀ ଅଧିକ ଦକ୍ଷତା ହାସଲ କରିବା ସହ ସମାଜ ପାଇଁ କିଛି ଭଲ କାମ କରିବାର ସଂକଳ୍ପ ନେବାକୁ ଛାତ୍ରଛାତ୍ରୀଙ୍କୁ ଦିଗଦର୍ଶନ ଦେବା ସହ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଅଧୀନରେ ଏକ ଫିଲ୍ମ ଇନ୍‌ଷ୍ଟିଚ୍ୟୁଟ୍ ଖୋଲି ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାର ବିକାଶ ଲାଗି ପ୍ରସ୍ତାବ ଦେଇଥିଲେ।


WANTED
A well-established firm invites applications for the following position
Tele Sales Executive
Out Bound Uk process
Good English Speaking
Salary: 10k to 20k
depend upon experience
Interested candidates can send their CV to
Email: pin24u@gmail.com
9776245778
7752003261
Location: Bhubaneswar

AFFIDAVIT
By virtue of an affidavit sworn before Executive Magistrate, Rayagada No.30 dated-19.02.2026, by Sri Gopinath Kulisika, aged about 30 years, S/o Api Kulisika, resident of Vill Nimajhola, PO-Majhiguda, PS/Block- Kalyansinghpur, Dist. Rayagada, Pin- 765017, declare that I have changed the name of my son from Hemochandra Kulisika to Sameer Kulisika. Henceforth, he shall be known as Sameer Kulisika for all purposes.

LOST
This Notice is hereby given that my client Mrs. Nibedita Pattajoshi, W/O Pradipta Kumar Dash has lost Original Sale deed No-10391008369 (Dt:31.08.2010), 10391008788 (Dt: 07.09.2010), 10391306237( Dt: 06.08.2013) and 40502104783 (Dt: 25.11.2021) Mouza-Adalia, Tahsil- Cuttack, Dist-Cuttack, State-Odisha. Also, lost the respective RORs having Khata No-686/447 (Saroj Kumar Swain), Khata No-686/447 (Sagar Sekhar Sahoo & Bibekananda Das), Khata No- 686/2630 (Smruti Ranjan Moharana) and Khata No-686/3446 (Tanushree Samal). Another GPA in favour of Nandita Das has lost somewhere in the same day while traveling from Polsara to Banapur. FIR (Complaint No-24483002072600001) for the same has been lodged at Banapur Police Station on 21-02-2026. All Person / persons are hereby informed to put their claims or interest of objection about the said property or any part thereof, within 15 days along with the sufficient evidence from appearance of this notice. If those Sale Deed, RORs & GPA are found within 15 days, then the certified copy of the document obtained from the SRO will be considered as the original document.
Samir Kumar Paikaray (Advocate)
Bhubaneswar Court, Ph: 7008005419

WANTED
A well-established firm invites applications for the following positions:
1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above
Salary: Best in the industry
Location : Bhubaneswar
Interested candidates can send their CV to
Email: 19sanatang@gmail.com
Contact
7978386707

# ଖଇରା ବ୍ଲକ: ମିଲରଙ୍କ ଦୟାକୁ ଅନାଇଛନ୍ତି ଚାଷୀ

ଖଇରା,୨୨।୨ (ସମିସ)



ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକରେ ଧାନକିଣା ସ୍ଥାଣୁ ହୋଇ ଯାଇଛି। ଅଧାଂଶ ମିଲର ଆଉ ମଣ୍ଡିକୁ ଗାଡି ପଠାଉ ନ ଥିବାରୁ ଚାଷୀ ମାନେ ଖରାବର୍ଷାରେ ଧାନକୁ ଜଗି ମିଲରଙ୍କ ଦୟାକୁ ଦୟାକୁ ଆଶ୍ରା କରିଛନ୍ତି। କିଛି ଚାଷୀଙ୍କ ଧାନ କିଣା ଯାଉନଥିବାରୁ ସେମାନେ ଧାନ ଘରକୁ ଫେରାଇ ନେବାକୁ ବାଧ ହେଉଛନ୍ତି। ଖଇରା ସଦର ମହକୁମାରେ ଥିବା କେବଳ ଖଇରା ସେବା ସମବାୟ ସମିତିର ଧାନକିଣା ତଥ୍ୟକୁ ହିସାବକୁ ନେଲେ ଏହି ସମିତିରେ ୮୧୭ଜଣ ଚାଷୀ ୨୨ହଜାର ୩୪୫ କ୍ୱିଣ୍ଟାଲ ଧାନ ବିକ୍ରି କରିବାକୁ ପଞ୍ଜୀକରଣ କରିଥିଲେ। ଧାନ କିଣିବାକୁ ୪ଟି ମିଲ ଟ୍ୟାଗ କରାଯାଇଥିଲା। ମୋଟ ୧୮ ହଜାର କ୍ୱିଣ୍ଟାଲ ଟାର୍ଗେଟ ଦିଆଯାଇଥିବା ବେଳେ ଏ ପର୍ଯ୍ୟନ୍ତ ୪୨୩ଜଣ ଚାଷୀଙ୍କ ନିକଟରୁ ୧୨ହଜାର ୭୧୫ କ୍ୱଲ ଧାନ କିଣାଯାଇଛି। କେବଳ ୟୁନିଦିପ ମିଲକୁ ଛାଡିଦେଲେ ଅନ୍ୟମାନେ ସେମାନଙ୍କ ଟାର୍ଗେଟ ପୂରଣ ପୂର୍ବରୁ ସମିତିରୁ ଧାନକିଣା ବନ୍ଦ କରିଦେଇଛନ୍ତି। ତିରୁମାଳା ୫ହଜାର ୫ଶହ କ୍ୱିଣ୍ଟାଲ ଟାର୍ଗେଟରୁ ୪ହଜାର ୩ଶହ କ୍ୱିଣ୍ଟାଲ, ବଜରଙ୍ଗୀ ମିଲ ୪.୫ହଜାର କ୍ୱିଣ୍ଟାଲରୁ ୩.୫ହଜାର କ୍ୱିଣ୍ଟାଲ ଧାନ କିଣିଛନ୍ତି। ୪ର୍ଥ ମିଲ ଭାବେ ଅଡା ଆଗ୍ରୋ ସିଣ୍ଡିକେଟକୁ ୩ହଜାର କ୍ୱିଣ୍ଟାଲ କିଣିବାକୁ ଟାର୍ଗେଟ ମିଳିଥିବା ବେଳେ ମାତ୍ର ୮୯୭ କ୍ୱିଣ୍ଟାଲ ଧାନକିଣି ଚୁପ ବସିଯାଇଛି। ଏଣୁ ମାସେ କି ୧୫ଦିନ ତଳେ ଟୋକନ ପାଇଥିବା ଚାଷୀ ଧାନ ମିଲକୁ ଆଣି ବିକ୍ରିପାଇଁ ଚାତକ ଭଳି ଚାହିଁବସିଛନ୍ତି। କୁହାଯାଉଛି କି ମିଲର ଏଜେଣ୍ଟ ଯେଉଁ ୨ଦିନ ଧାନ କିଣିବାକୁ ଆସିଥିଲେ ୧୦ରୁ୧୨ ପ୍ରତିଶତ କଟନିଛଟଣି କରିବା ପରେ ଚାଷୀମାନେ ବିରୋଧ କରିବା ତଥା ଖୋଦ ସମିତି ସମ୍ପାଦକ ମୁଖ୍ୟ ଜିଲା ଯୋଗାଣ ବିଭାଗ ଅଧିକାରୀଣୀଙ୍କ ସମେତ ସମସ୍ତ ଜିଲା ପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ଏ ପର୍ଯ୍ୟନ୍ତ ଧାନକିଣା ସମସ୍ୟାର ସମାଧାନ ହୋଇ ପାରୁନାହିଁ। କଡମିଆଁ ଗ୍ରାମର ଚାଷୀ ଧନେଶ୍ୱର ରାଉତ ୧ମାସରୁ ଉର୍ଦ୍ଧ ସମୟଧରି ସମିତି ଆଗରେ ଧାନରଖି ବିକ୍ରିପାଇଁ ଅପେକ୍ଷା କରି ଶେଷରେ ମିଲର ଏଜେଣ୍ଟ ନ ଆସିବାରୁ ରବିବାର ସକାଳେ ଟ୍ରାକ୍ଟରରେ ଧାନଲଦି ଘରକୁ ଫେରାଇନେବା ଭଳି ଘଟଣା ଧାନକିଣାରେ ଚାଲିଥିବା ଘୋର ଅବ୍ୟବସ୍ଥାକୁ ସୂଚାଉଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ନୃସିଂହ ପଣ୍ଡାଙ୍କ ପ୍ରତିକ୍ରିୟା ନେବାରେ ମିଲରେ ଜାଗା ଅଭାବ ଦେଖାଇ ଅଧିକାଂଶ ମିଲର ଧାନକିଣିବାକୁ ଆସୁନାହାଁନ୍ତି। ତହସିଲଦାର ଏବଂ ଅନ୍ୟଅଧିକାରୀ ମାନେ ବିଭିନ୍ନ ମିଲ ଗସ୍ତ କରି ପରିଦର୍ଶନ କରୁଛନ୍ତି। ରିପୋର୍ଟ ଦେବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ପିଇବା ପାଣି ପାଇଁ ମହିଳାଙ୍କ ରାସ୍ତାରୋକ



ବାଲେଶ୍ୱର,୨୨।୨(ସମିସ): ଖରା ନ ଆସୁଣୁ ପାଣି ପାଇଁ ହାହାକାର। ବାଲେଶ୍ୱର ସଦର ବ୍ଲକ ହିଡିଗାଁ ପଞ୍ଚାୟତ ଆଳଦିଆ ଗ୍ରାମରେ ଶତାଧିକ ମହିଳା ପାଇପଯୋଗେ ପାନୀୟ ଜଳ ନ ପାଇବାରୁ ରାସ୍ତାରୋକ କରିଛନ୍ତି। ଅନ୍ୟପଟେ ଦୀର୍ଘ ୮ ବର୍ଷ ଧରି ମେଗା ପାନୀୟ ଜଳ ପ୍ରକଳ୍ପ କାମ ଚାଲିଛି କିନ୍ତୁ ସରୁନି। ଆଳଦିଆ ଓ ମୁଲଣାନଗରରେ ପ୍ରତି ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୨୦୧୮ ମସିହାରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୋରୱେଲ ଓ ଓଭରହେଡ ପାଣିଟାଙ୍କି ନିର୍ମାଣ ଓ ପାଇପ ବିଛା କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ପିଇବା ପାଣି ପାଇଁ ଗ୍ରାମରେ ଯେଉଁ ନଳକୂପ ରହିଛି ସେଥିମଧ୍ୟରୁ ପାଣି ପିଇବାଯୋଗ୍ୟ ନୁହେଁ। ପିଇବା ପାଣି ପାଇଁ ଏହି ଦୁଇଟି ଗ୍ରାମର ପ୍ରାୟ ୮ ହଜାରରୁ ଉର୍ଦ୍ଧ ଲୋକ ହନ୍ତସନ୍ତ ହେଉଛନ୍ତି। ଏ ନେଇ ରବିବାର ଗ୍ରାମର ପ୍ରାୟ ଶତାଧିକ ମହିଳା ଏକତ୍ରିତ ହୋଇ ଗାଁ ରାସ୍ତାରେ ଗରା ଓ ବାଲଟି ଧରି ପ୍ରତିବାଦ କରିଥିଲେ। ତୁରନ୍ତ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଥିଲେ। ପଞ୍ଚାୟତ ନିର୍ବାଚନ ପୂର୍ବରୁ ଯଦି ପାନୀୟ ଜଳ ଯୋଗାଣ ସମସ୍ୟା ଦୂର ନହୁଏ ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହିତ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ। କାଞ୍ଚନ ପରିଡା, ଗିତିକା ବେହେରା, ମିଟିକା ପରିଡା, ସୁମତି ବେହେରା, ଝିଲ୍ଲି ଦାସ, ନିଶାମଣି ବେହେରା, ରଶ୍ମିତା ବେହେରା, ତପସ୍ୱିନୀ ବେହେରା, ସନାତନ ବେହେରା, ରମାକାନ୍ତ ଗୁଡୁ, ଅବନ୍ତି ବେରା, ସୁନାରାମ ସୋରେନ, ଉପେନ୍ଦ୍ର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ଠିକାଦାରଙ୍କ ମନମୁଖୀ ରାସ୍ତା କାମ, ଅତିଷ୍ଠ ଅଞ୍ଚଳବାସୀ



ଖଇରା,୨୨।୨ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କଇଁଥଗଡିଆଠାରୁ ଢୁଙ୍ଗୁରା ଭାୟା ଆଳଦା ଓ ଗୋଳିହା ରାସ୍ତା ଦୀର୍ଘ ୫କିମି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ୨କୋଟି ୮୦ଲକ୍ଷ ୧୪୨ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ପିଚୁ ଓ କଂକ୍ରିଟ ରାସ୍ତା ହେବାକୁ ଥିବାବେଳେ ଉକ୍ତ ରାସ୍ତାକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଶିଳାନ୍ୟାସ କରିଥିଲେ। ରାସ୍ତା କାମ ଯଥାଶୀଘ୍ର ଶେଷ କରିବା ସହିତ କାମର ମାନକୁ ଠିକ କରିବା ପାଇଁ ଠିକାଦାରକୁ ନିର୍ଦ୍ଦେଶ ଦେଇଥିଲେ ବିଧାୟକ। ଠିକାଦାର କାର୍ଯ୍ୟ ଆରମ୍ଭ କରିଦେଇଥିବା ବେଳେ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହେଉଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଆସୁଛନ୍ତି। ହେଲେ ବିଭାଗ ନୀରବଦ୍ରଷ୍ଟା ସାଜିଛି। ଆଉ ଦୁଇ ମାସ ରହିଲା ରାସ୍ତା କାମ ସଂପୂର୍ଣ୍ଣ ଶେଷ ହେବାର ସମୟ ସୀମା ହେଲେ ଏପର୍ଯ୍ୟନ୍ତ ୨୦% ରାସ୍ତା କାମ ଶେଷ ହୋଇନାହିଁ। ମେଟାଲ ବିଛା ହୋଇ ଡଷ୍ଟ ପକାଇ ଥିବାବେଳେ ରୋଲର ନ ଚଳାଇବା ଫଳରେ ଡଷ୍ଟ ବାହାରି ପଡ଼ିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଉକ୍ତ ରାସ୍ତା ପ୍ରବଳ ଧୂଳି ଉଡୁଥିବାରୁ ଅସ୍ତବ୍ୟସ୍ତ ହୋଇଗଲେଣି ପଥଚାରି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ଲୋକ ବଜାର, ମେଡିକାଲ ଓ ଛାତ୍ରଛାତ୍ରୀ ବିଦ୍ୟାଳୟ, କଲେଜ ଯାଉଥିବାରୁ ଅନେକବାର ଦୁର୍ଘଟଣା ଶିକାର ହୋଇ ମେଡିକାଲରେ ଭର୍ତ୍ତି ହେବାର ନଜିର ରହିଛି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ମନୋଜ ସାମନ୍ତ କୁ ପଚାରିବାରୁ କାମ ଠିକ ହେଉନଥିବା ନେଇ ସ୍ୱୀକାର କରିବା ସହିତ ଉକ୍ତ ସ୍ଥାନକୁ ଉପରିସ୍ଥ ଅଧିକାରୀଙ୍କୁ ନେଇ ସ୍ଥିତି ଯାଞ୍ଚ କରିବା ନେଇ ପ୍ରକାଶ କରିଥିଲେ।

# ହଜାରେ ବୋତଲ ଜିଞ୍ଜିର ଜବତ



ବାଲେଶ୍ୱର,୨୨।୨(ସମିସ): ବାଲେଶ୍ୱର ଜିଲ୍ଲା ସୋର ଅଂଚଳର ଏକ ସ୍ଥାନରେ ବହୁ ପରିମାଣର ଜିଞ୍ଜିର ରଖାଯାଇଥିବା ଖବର ପାଇ ଆଜି ମୋବାଇଲ ଅବକାରୀ ବିଭାଗ ଚଢ଼ଉ କରିଥିଲା। ଚଢ଼ଉ ବେଳେ ୪୫୦ଲିଟର ଜିଞ୍ଜିର ମିଳିଥିବା ବେଳେ ଘଟଣା ସ୍ଥଳରୁ ଦୁଇ ମୁଖ୍ୟ ବେପାରୀଙ୍କ ସମେତ ୫ଜଣ ଫେରାର ହୋଇଯାଇଛନ୍ତି। ସୋର ତେଣ୍ଟେଇ ଅଂଚଳରେ ବିପୁଳ ଜିଞ୍ଜିର ରହିଥିବା ନେଇ ଅବକାରୀ ବିଭାଗ ଖବର ପାଇଥିଲା। ଏଣୁ ନୀଳଗିରି, ବାଲେଶ୍ୱର ଏବଂ ସୋର ଅବକାରୀ ବିଭାଗ ପକ୍ଷରୁ ଏକକାଳୀନ ଭାବେ ସେଠାରେ ଚଢ଼ଉ କରାଯାଇ ପାଖାପାଖି ୧ହଜାର ବୋତଲ ଅର୍ଥାତ ୪୫୦ଲିଟର ଜିଞ୍ଜିର ଜବତ କରାଯାଇଥିଲା। ଆଗକୁ ହୋଲି ଉତ୍ସବ ଆସୁଥିବା ବେଳେ ବେପାରୀମାନେ ଏହି ଜିଞ୍ଜିର ଝାଡ଼ଖଣ୍ଡ ରାଜ୍ୟରୁ ଆଣି ଏଠାରେ ବିଲ,ବାଡିରେ ଆଦି ଲୁଚେଇ ରଖିଥିଲେ। ଏହି ଖବର ପାଇ ଅବକାରୀ ବିଭାଗ ଚଢାଉ କରିଥିଲା। ଜବତ ହୋଇଥିବା ବେଳେ ଜିଞ୍ଜିରର ମୂଲ୍ୟ ଅଢ଼େଇ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ହେଲେ ଅବକାରୀ ବିଭାଗର ଚଢ଼ାଉ ସମୟରେ ଏହି ଜିଞ୍ଜିର ବ୍ୟବସାୟର ମୁଖ୍ୟ କାହ୍ନୁଚରଣ ନାୟକ ଏବଂ ସନାତନ ନାୟକଙ୍କ ସମେତ ହେମନ୍ତ ନାୟକ, ଶଙ୍କର୍ଷଣ ବେହେରା ଏବଂ ସଞ୍ଜିତ ନାୟକ ପ୍ରମୁଖ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସ୍ୱପ୍ନାରାଣୀ ସାହୁ, ନୀଳଗିରି ଅବକାରୀ ଅଧିକାରୀ କେଶବ ଚରଣ ଦାସ, ଭ୍ରାମ୍ୟମାଣ ଅବକାରୀ ଅଧିକାରୀ ହରିହର ସିଂ, ସୋର ଅବକାରୀ ଅଧିକାରୀ ମୁକୁନ୍ଦ ମୁରାରୀଙ୍କ ସମେତ ଏସ୍ଆଇ ଭବେଶ ଦାସ, ପ୍ରଜ୍ଞାପ୍ରିୟା ନାୟକ ପ୍ରମୁଖଙ୍କ ସହ ଏପିଆର ଟିମ୍ ସାମିଲ ହୋଇଥିଲେ।

# ଟ୍ରକ୍ ଓଲଟି ଦୁଇ ଗୁରୁତର

ରାଜଘାଟ, ୨୨।୨ (ସମିସ): ବସ୍ତା ଥାନା ୧୬ନଂ ଜାତୀୟ ରାଜପଥର ଗୁଡିଖାଳ ଛକ ନିକଟରେ ଫର୍ଣ୍ଣିଚର ବୋଝେଇ ଟ୍ରକ ଓଲଟି ୨ ଜଣ ଗୁରୁତର ହୋଇଛନ୍ତି। ଆଜି ଭୋର ୫ ଟାରେ ଜଳେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ଫର୍ଣ୍ଣିଚର ବୋଝେଇ ଟ୍ରକ ଭାରସାମ୍ୟ ହରାଇ ଗୁଡିଖାଳ ନଦୀ ପୋଲର ବ୍ୟାରିକେଡ଼ରେ ପିଟି ହୋଇ ରାସ୍ତା ପାଶ୍ୱର୍କୁ ଖସି ପୋଲ ବାଡାରେ ଲାଗି ଝୁଲି ରହିଥିଲା। ଗୁରୁତର ଟ୍ରକର ଡ୍ରାଇଭର ଓ ହେଲପରଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବସ୍ତା ହସ୍ପିଟାଲ୍‌ରେ ଭର୍ତ୍ତି କରା ଯାଇଥିବା ବେଳେ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

# ୨୮୨ ଗ୍ରାମ ବ୍ରାଉନସୁଗର ଜବତ, ୫ ଗିରଫ

ଜଳେଶ୍ୱର, ୨୨।୨ (ସମିସ) : ଦୁଇଦିନ ଧରି ଜଳେଶ୍ୱର ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରି ୩ଟି ସ୍ଥାନରୁ ୨୮୨ଗ୍ରାମ ବ୍ରାଉନ୍‌ସୁଗର ସହିତ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜପୁର ଅଞ୍ଚଳରେ ଜନୈକ ବ୍ୟକ୍ତିଙ୍କ ଘରୁ ୨୫୯ ଗ୍ରାମ ବ୍ରାଉନ୍‌ସୁଗର ଜବତ୍ ହୋଇଥିବା ବେଳେ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ସେହିପରି ଫଂଚୁଘଣ୍ଟା ଅଂଚଳରୁ ମଧ ୩ ଜଣ ଯୁବକକୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ୨୦ଗ୍ରାମ ଓ ଜଳେଶ୍ୱର ବଡବଜାର ଭାଟସାହି ଅଞ୍ଚଳର ଜଣେ ଯୁବକ ୩ଗ୍ରାମ ବ୍ରାଉନ୍‌ସୁଗର ୩ଟି ପୁଡିଆରେ ନେଇ ଦେଉଳା ଗ୍ରାମ ଶିବମନ୍ଦିର ନିକଟରେ ବସିଥିବା ବେଳେ ଖବର ପାଇ ପୁଲିସ୍ ତାକୁ ଗିରଫ କରି ବ୍ରାଉନ୍‌ସୁଗର ଜବତ୍ କରିବାରେ ସଫଳ ହୋଇଛି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନାଯୋଗ୍ୟ ଗତକାଲି ଜଳେଶ୍ୱରର ୩ଜଣ ଯୁବକ ଭୁବନେଶ୍ୱରରେ ବ୍ରାଉନ୍‌ସଗର ସହ ଧରାପଡିଥିବା ବେଳେ ଏବେ ନିର୍ଦ୍ଦିଷ୍ଟ ଅଂଚଳରେ ଏହା ଏକ କୁଟୀର ଶିଳ୍ପରେ ପରିଣତ ହେଲାଣି। ପୁଲିସ ଛୋଟ ଛୋଟ ବ୍ରାଉନ୍‌ସୁଗର ବେପାରୀଙ୍କୁ ଧରୁଥିବା ବେଳେ ମାଷ୍ଟର ମାଇଣ୍ଡ ପାଖରେ ପହଞ୍ଚି ପାରୁନି।

# ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ଚନ୍ଦନେଶ୍ୱର, ୨୨।୨ (ସମିସ): ଭୋଗରାଇର ଗୋଛିଦାତେଘରି ପଂଚାୟତ ମଙ୍ଗରାଜପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାମଚନ୍ଦ୍ର ପ୍ରଧାନଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ପୂର୍ବତନ ସରପଞ୍ଚ ନଗେନ୍ଦ୍ର ନାଥ ପାତ୍ର, ମୁଖ୍ୟବକ୍ତା ସିଆରସିସି ନୁନା ହେମ୍ବ୍ରମ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ସମିତି ସଦସ୍ୟ ରାଧାଶ୍ୟାମ ଦେ, ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ତାରାପଦ ସେଠୀ ବକ୍ତବ୍ୟ ରଖିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯଦୁନାଥ ଜେନାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ମନୋରଞ୍ଜନ ପରିଡା ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଶିକ୍ଷକ ସଞ୍ଜୟ ବେହେରା ବିବରଣୀ ପାଠ ଓ ଶେଷରେ ସହକାରୀ ଶିକ୍ଷୟିତ୍ରୀ ପ୍ରମିଳା ସାହୁ ଧନ୍ୟବାଦ ଦେଇଥିଲେ।

# ମା’ ମହାପାଟ ଠାକୁରାଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା



ଆନନ୍ଦପୁର, ୨୨।୨ (ସମିସ): ଘଷିପୁରା ବ୍ଲକ ଗଁପୁର ପଞ୍ଚାୟତ ବରାଙ୍ଗ ମା’ ମହାପାଟ ଠାକୁରାଣୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଜିଠାରୁ ଆରମ୍ଭ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ଗାଁ ପୁଷ୍କରିଣୀରୁ କଳସ ପୂଜନ କରିବା ପରେ ବରୁଣ ଦେବଙ୍କୁ ଆବାହନ କରି ଦୀର୍ଘପଥ ଅତିକ୍ରମ କରି ମା’ଙ୍କ ମନ୍ଦିର ପରିସରରେ ଥିବା ଯଜ୍ଞ ମଣ୍ଡପ ନିକଟରେ ସ୍ଥାପନ କରିଥିଲେ। ଆଚାର୍ଯ୍ୟ ପଣ୍ଡିତ ସମିର ତ୍ରିପାଠୀ ଏବଂ ସାଥୀ ବୈଦିକ ବେଦ ମନ୍ତ୍ର ପଠନ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ଗ୍ରାମର ଗ୍ରାମର ଶ୍ରଦ୍ଧାଳୁ ଦିଲ୍ଲୀପ ଜେନା ଏବଂ ତାଙ୍କ ପତ୍ନୀ ଜ୍ୟୋସ୍ନାରାଣୀ ଜେନା ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମା’ଙ୍କ ଆଦ୍ୟ ଦେହୁରୀ ସେବକ ମା’ଙ୍କ ପୂଜାର୍ଚ୍ଚନାରେ ସହଯୋଗ କରୁଛନ୍ତି। ଐତିହ୍ୟ ଗ୍ରାମ ବରାଙ୍ଗର ଅଧିଷ୍ଠାତ୍ରୀ ଦେବୀ ଭାବେ ମା’ମହାପାଟ ଠାକୁରାଣୀ ଶହଶହ ବର୍ଷ ତଳରୁ ପୂଜା ପାଇ ଆସୁଥିଲେ। ରାଜା ରାଜୁଡା ଶାସନ ଅପସରି ଯିବା ପରେ ମା’ଙ୍କ ପୀଠ ଅବହେଳିତ ହୋଇପଡି ରହିଥିଲା। ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଏବଂ ସମାଜସେବୀ ତାପସ ଲେଙ୍କାଙ୍କ ଉଦ୍ୟମ ଯୋଗୁଁ ମା’ଙ୍କ ପୀଠ ପୁଣି ନୂଆ ରୂପରେ ସଜେଇ ହୋଇଛି। ସମସ୍ତ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଛି। ସଂଧ୍ୟାରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହ ଭଜନ ସଂଧ୍ୟା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଗ୍ରାମର ଶ୍ରଦ୍ଧାଳୁ ଆଦିକନ୍ଦ ଜେନା, ଆନନ୍ଦ ଜେନା, ମିତ୍ର ନାରାୟଣ ଜେନା, ପ୍ରତାପ ଜେନା, ମଦନମୋହନ ଜେନା, ବାବୁଲି ରାଉତ, ଲଳିତ ଜେନା, ତାପସ ଜେନା, ଅଲେଖ ଜେନା ସମେତ ଗ୍ରାମର ଆବାଳ ବୃଦ୍ଧ ବନିତା ସକ୍ରିୟ ସହଯୋଗ କରୁଛନ୍ତି।

# କଇନିପୁରା ବିଦ୍ୟାଳୟରେ ମାତୃଭାଷା ଦିବସ



ଆନନ୍ଦପୁର, ୨୨।୨ (ସମିସ): ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ କଇନିପୁରା ଉପ୍ରା ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ପ୍ରାର୍ଥନା ସଭାରେ ଛାତ୍ରଛାତ୍ରୀମାନେ ମାତୃଭାଷା ଦିବସର ଶପଥ ପାଠ କରିଥିଲେ। ପରେ ଶିକ୍ଷକଶିକ୍ଷୟିତ୍ରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗରେ ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପ କଥନ, ଓଡ଼ିଆ ପ୍ରବନ୍ଧ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମନୋରମା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସବିତା ଦେବୀ, ସମ୍ମାନିତ ଅତିଥି ଭାବେ ସିଆରସିସି ଅଶୋକ ବାରିକ, ସ୍କୁଲ ସଭାପତି ସୁଶାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ତିନି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ପାଟୁଙ୍ଗ ସତ୍‌ସଙ୍ଗ ଉପାସନା କେନ୍ଦ୍ରର ବାର୍ଷିକ ଉତ୍ସବ



କେନ୍ଦୁଝର,୨୨।୨(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପର୍ଜନପୁର ପଞ୍ଚାୟତ ପାଟୁଙ୍ଗ ସତ୍‌ସଙ୍ଗ ଉପାସନା କେନ୍ଦ୍ରଠାରେ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ଏବଂ ପାଟୁଙ୍ଗ ସତସଙ୍ଗ କେନ୍ଦ୍ର ଉପାସନା କେନ୍ଦ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଛି। ସକାଳୁ ଉଷା କୀର୍ତ୍ତନ, ବିନତି ପ୍ରାଥନା, ସଙ୍ଗୀତାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସତ୍ ସଙ୍ଗ ଜିଲ୍ଲା ସଭାପତି ଡା ବେଣୁଧର ମୁଦୁଲି ସହ ପ୍ରତି ଋତ୍ୱିକ୍ ସତ୍‌ସଙ୍ଗୀ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବସନ୍ତ କୁମାର ସାହୁ ଯୋଗ ଦେଇଥିଲେ। ଗୁରୁଭ୍ରାତା ପ୍ରସନ୍ନ କୁମାର ପ୍ରଧାନ ପ୍ରାରମ୍ଭିକ ଆଲୋଚନା କରିଥିଲେ। ଏହି ମହୋତ୍ସବରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଅନେକ ସତ୍‌ସଙ୍ଗ କର୍ମୀ ଓ ଅନୁଗାମୀମାନେ ଉପସ୍ଥିତ ଥିଲେ।

# ଶିଶୁମନ୍ଦିରରେ ଜେଜେବାପା-ଜେଜେମା ସମ୍ମିଳନୀ



ଆନନ୍ଦପୁର, ୨୨।୨ (ସମିସ): ଆନନ୍ଦପୁରର ବାଟିକା କକ୍ଷରେ ଜେଜେବାପା ଜେଜେମା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପରିଚାଳନା ସମିତିର ସଭାପତି ଉଷାରାଣୀ ଜେନା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ସମ୍ମିଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ସୁବାସଚନ୍ଦ୍ର ବେହେରା ଶିଶୁମାନଙ୍କର ବିକାଶରେ ଜେଜେବାପା ଜେଜେମା ମାନଙ୍କର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲେ। ୫୦ରୁ ଉର୍ଦ୍ଧ୍ୱ ଜେଜେବାପା ଜେଜେମା ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗୁରୁମା ସବିତା ମଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଭାଲୁକାରେ ଅଷ୍ଟପ୍ରହରୀ ନାମଯଜ୍ଞ



ଆନନ୍ଦପୁର, ୨୨।୨ ସମିସ): ଘଷିପୁରା ବ୍ଲକ୍ ଅନ୍ତର୍ଗତ ଗଡ଼ବାନ୍ଧଗଡା ପଞ୍ଚାୟତ ଭାଲୁକା ଗ୍ରାମରେ ନିଷ୍ଠାର ସହ ୧୨ତମ ପୂର୍ତ୍ତି ଅଷ୍ଟପ୍ରହର ନାମଯଜ୍ଞ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଯାଇଛି। ରବିବାର ସଂକୀର୍ତ୍ତନ ଦଳ ଆସି ନଦିଆ କୀର୍ତ୍ତନ ତାଳେତାଳେ ନଗର ପରିକ୍ରମା କରିଥିଲେ। ଅନେକ ଶ୍ରଦ୍ଧାଳୁ ରାଧାକୃଷ୍ଣ ବେଶରେ ସଜ୍ଜିତ ହୋଇ କୃଷ୍ଣ ପ୍ରେମରେ ବିଭୋର ହୋଇଥିଲେ। ବିଭିନ୍ନ ଗ୍ରାମରୁ ଆସିଥିବା ଭକ୍ତ ନଦିଆ କୀର୍ତ୍ତନ ସହ ଉଦଣ୍ଡ କାର୍ଜନ କରିଥିଲେ। ସଙ୍କୀର୍ତ୍ତନ ଦଳ କୋଳିପାଳ, କୃଷ୍ଣପୁର, ରାସୁଳ, ନୂଆଗାଁ ଶହ ଶହ ଗୌରଭକ୍ତ ଏବଂ ମଦନ ମୋହନ ଜେନା ନିତାଇଗୌରଙ୍କୁ ହାତରେ ଧରି ଭାଲୁକା, କଇଁସାରି, ସୁଆଁଳ ଗ୍ରାମ ପରିକ୍ରମା କରି ଆଧାତ୍ମିକ ପରିବେଶ ସୃଷ୍ଟି କରିପାରିଥିଲେ। କର୍ତ୍ତା ଭାବରେ ବନମାଳି ଜେନା, କନକ ଜେନା ନିଷ୍ଠାର ସହ ଶଙ୍ଖଳ୍ପରେ ବସି ରହିଥିଲେ। ତିନିଧାରୀ ଗୋକିଳ ଦାସ ପୂଜାର୍ଚ୍ଚନା କରିଥିଲେ। ମଦନ ମୋହନ ଜେନା ଦଧିହାଣ୍ଡି ଭାଙ୍ଗି କାର୍ଯ୍ୟକ୍ରମକୁ ସମାପନ କରିଥିଲେ। ରାଜେଶ ଜେନା, ନିଗମ ସୁତାର, କୃଷଚନ୍ଦ୍ର ଜେନା, ହୃଷିକେଶ ଜେନା ସମତେ ସମସ୍ତ ଗୌର ଭକ୍ତ ଏବଂ ଭାଲୁକା ଗ୍ରାମବାସୀ ସହଯୋଗ କରିଥିଲେ। ସନ୍ଧ୍ୟା ସମୟରେ ସଂକୀର୍ତ୍ତନ ଦଳ, ଭାଲୁକା ଗ୍ରାମବାସି ପାଖାପାଖି ତିନି ଶହ ଲୋକ ପ୍ରସାଦ ସେବନ କରିଥିଲେ।

# ମାଗଣା ସ୍ୱାସ୍ଥ୍ୟ ଶିବିର



କେନ୍ଦୁଝର, ୨୨।୨(ସମିସ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ତଳ କାଦକଳା ପଞ୍ଚାୟତର ଅପହଞ୍ଚ ଇଲାକା ଉପର କାଦକଳାଠାରେ ବିଜେପି ରେଞ୍ଜ କେନ୍ଦୁଝର ବନଖଣ୍ଡ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରୋଗର ଚିକିତ୍ସା କରିବା ସହ ୨୦୦ରୁ ଅଧିକ ରୋଗୀଙ୍କୁ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। କେନ୍ଦୁଝର ବନଖଣ୍ଡର ଏସିଏଫ ସୁଦୀପ୍ତ କୁମାର ପଣ୍ଡା, ପ୍ରତିକ ଇନ୍ଦଲକର, ଭୂୟାଁ ଯୁଆଙ୍ଗ ପିଡ଼ ବନାଞ୍ଚଳ ଅଧିକାରୀ ନୟନ କାନ୍ତ ସାହୁ, ତଳ କାଦକଳା ସରପଞ୍ଚ ଅଦିତ ଦେହୁରୀ, ସମିତିସଭ୍ୟ ଯଦୁମଣି ଠାକୁର ପ୍ରକାଶ ଇଣ୍ଡଷ୍ଟ୍ରି ଖଣିର ମ୍ୟାନେଜର ମୃତ୍ୟୁଞ୍ଜୟ ରାଉତରାୟ, ଯୁବ ସାମ୍ବାଦିକ ଦୀପକ ବେହେରା ଯୋଗ ଦେଇଥିଲେ। ଶୁଆକାଟି ବନପାଳ ଜ୍ୟୋତିର୍ମୟୀ ପଟ୍ଟନାୟକ ବନରକ୍ଷୀ ନୀଳମ ମହାନ୍ତ ପରିଚାଳନା କରିଥିଲେ।

# କେନାଲକୁ ଖସିଲା ବାଇକ୍; ୩ ଗୁରୁତର

ତେଲକୋଇ, ୨୨।୨(ସମିସ): ତେଲକୋଇ ଥାନା ଖୁଣ୍ଟାପଡ଼ା ଗ୍ରାମ ମନ୍ଦିର ଛକ ନିକଟସ୍ଥ କେନାଲକୁ ଏକ ବାଇକ୍ ଭାରସାମ୍ୟ ହରାଇ ଖସିଯିବାରୁ ତିନି ଜଣ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଡିଲେଶ୍ୱର ମହାକୁଡ଼ଙ୍କ ପୁଅ ବିଶ୍ୱଜିତ, ବନମାଳି ମହାକୁଡ଼ଙ୍କ ପୁଅ ସୁଶୀଳ, ମନୋଜ ମହାକୁଡଙ୍କ ପୁଅ ରାକେଶ। ସମସ୍ତଙ୍କ ଘର ତେଲକୋଇ ଝୁମୁକାପଶିରେ। ଏକ ବାଇକ୍ ଯୋଗେ ତେଲକୋଇରୁ ଢେଙ୍କାନାଳ ଅଭିମୁଖେ ଯାଉଥିବା ବେଳେ ଖୁଣ୍ଟାପଡ଼ାଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଗୁରୁତରଙ୍କ ଚିକିତ୍ସା ଚାଲିଥିବା ଜଣାପଡ଼ିଛି। ମଦ୍ୟପାନ କରି ଦୃତ ଗତିରେ ବାଇକ୍ ଚଳାଉଥିବାରୁ ବାଇକ୍ କେନାଲ ଭିତରକୁ ଖସି ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ମୃତ୍ୟୁ ମୁଖରୁ ତିନି ଜୀବନ ଅଳ୍ପକେ ବର୍ତ୍ତି ଯାଇଥିବା ଜଣାପଡ଼ିଛି।

**● ମୃତ ଝିଅର ଫୋନ୍‌ରୁ ବାପାଙ୍କୁ ଠକିଲା ଭଡ଼ାଟିଆ**

# ୧୨.୯୩ ଲକ୍ଷ ଲୁଟି ନେଇ ମୃତ୍ୟୁ ଖବର ଦେଇ ଦେଲା ଚକମା

ବାରିପଦା,୨୨।୨(ସମିସ): ମୃତ ଝିଅର ମୋବାଇଲ୍ ଫୋନ୍ ବ୍ୟବହାର କରି ବାପାଙ୍କୁ ଠକିବାର ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। କୋଲକାତାରେ କାମ କରୁଥିବା ଝିଅର ମୃତ୍ୟୁ ଖବର ଦେଇ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୨.୯୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଖପରାପାଲ ଗ୍ରାମର ହରିହର ବେହେରା ମୟୂରଭଞ୍ଜ ସାଇବର କ୍ରାଇମ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଆଧାରରେ ଏକ ମାମଲା ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ହରିହରଙ୍କ ସାନଝିଅ ମମତାମୟୀ ବେହେରା ଗତ ୧୫ ବର୍ଷ ଧରି କୋଲକାତାରେ ରହି କାମ କରୁଥିଲେ। ଗତ ଡିସେମର ୭ ତାରିଖରେ ଶେଷଥର ବାପାଙ୍କ ସହ କଥା ହୋଇ ଗାଁକୁ ଫେରିବାକୁ ଇଚ୍ଛା ପ୍ରକାଶ କରିଥିଲେ। ମାତ୍ର ଦୁଇଦିନ ପରେ ଡିସେମ୍ବର ୯ ତାରିଖରେ ଝିଅ ନମ୍ବରରୁ ଫୋନ୍ ଆସି ଅସୁସ୍ଥତା ଓ ପରେ ମୃତ୍ୟୁ ଖବର ଦିଆଗଲା। ଘର ମାଲିକଙ୍କ ପରାମର୍ଶରେ ଆକାଶ ମଣ୍ଡଳ (ଭଡ଼ାଟିଆ) ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ପୁରୀ ସ୍ୱର୍ଗଦ୍ୱାରକୁ ପଠାଇଥିଲେ। ପରେ ହରିହର କୋଲକାତା ଯାଇ ମୃତ୍ୟୁ ସାର୍ଟିଫିକେଟ୍ ଓ ବ୍ୟାଙ୍କ ପାସବୁକ୍ ଆଣିଥିଲେ। କିନ୍ତୁ ବ୍ୟାଙ୍କ ଆକାଉଣ୍ଟ (ନଂ- ୫୪୮୦୧୦୧୧୦୨୦୧୯୮) ଯାଞ୍ଚ କରିବାରୁ ଜଣାପଡ଼ିଲା ଯେ, ୧୧ରୁ ୧୪ ଡିସେମ୍ବର ୨୦୨୫ ମଧ୍ୟରେ ଆକାଶ ମଣ୍ଡଳ ଓ ଆକାଶ ଗ୍ରୋସରୀ ଆକାଉଣ୍ଟକୁ ୧୨,୯୩,୨୮୮ ଟଙ୍କା ଟ୍ରାନ୍ସଫର ହୋଇଛି। ସନ୍ଦେହ ହୋଇଛି ଯେ, ମମତାମୟୀଙ୍କ ମୃତ୍ୟୁ ପରେ ତାଙ୍କ ଫୋନ୍ ବ୍ୟବହାର କରି ଆକାଶ ଏହି ଠକେଇ ଘଟାଇଛନ୍ତି। ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

**ସାଇବର ଥାନାରେ ମାମଲା ରୁଜୁ, ଆକାଶ ମଣ୍ଡଳ ବିରୋଧରେ ଗିରଫ ପରୱାନା**

# ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା, ୨୨।୨(ସମିସ): ସ୍ଥାନୀୟ ତୁଳସୀଚଉରା ଦୁର୍ଗାପୂଜା ପଡିଆରେ ଫ୍ରେଣ୍ଡସ ୟୁନିୟନ ଓ ଶ୍ରୀଦୁର୍ଗା ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜାତୀୟସ୍ତରୀୟ ଗୋଶାଳା କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ୮ମ ଦିନର ୧ମ ମ୍ୟାଚରେ ଭାମ୍ପାୟାର ମାରୁତି ସ୍ପୋର୍ଟସ ୨୬ ରନରେ ରୁଦ୍ରାକ୍ଷ ଦଳକୁ ପରାସ୍ତ କରିଥିବାବେଳେ ଦ୍ୱିତୀୟ ମ୍ୟାଚରେ ମୟୂରଭଞ୍ଜ ରୟାଲ୍ସ ୧୫ ରନରେ ଜଗନ୍ନାଥ ୱରିୟାରକୁ ପରାସ୍ତ କରିଛି। ପୂର୍ବ ଦିନର ୩ୟ ମ୍ୟାଚରେ ପ୍ଲେ ବ୍ୟାକ ଦଳ ୫ ୱିକେଟରେ ମୟୂରଭଞ୍ଜ ରୟାଲ୍ସକୁ ଓ ୪ର୍ଥ ମ୍ୟାଚରେ ମହାକାଳ ୨୬ ରନରେ ପରୀ ଚ୍ୟାଲେଞ୍ଜର ଦଳକୁ ପରାସ୍ତ କରିଥିଲା।

## ଜଳେଶ୍ୱର କ୍ରିୟାନୁଷ୍ଠାନ କମିଟିର ବୈଠକ



ଜଳେଶ୍ୱର ବ୍ଲକ, ୨୨।୨ (ସମିସ): ଭଞ୍ଜଶ୍ରୀ ବିହାର, ନୂଆ ବଜାର,ଜଳେଶ୍ୱର ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲା କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର, ଜଳେଶ୍ୱର ଶାଖା ପକ୍ଷରୁ ଏକ ସଭା ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନ ର ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଗିରିଙ୍କ ପୌରହିତ୍ୟ କରି କହିଥିଲେ ସମସ୍ତ କୃଷି ର ଭିତ୍ତିଭୂମି ଥିଲା ବେଳେ ବାଲେଶ୍ୱର ଜିଲ୍ଲା କୁ ଉପେକ୍ଷା କରିବା ଏକ ନିନ୍ଦନୀୟ। ଏଣୁ ସରକାର ଏହାର ହିତାତ ପଦକ୍ଷେପ ନନେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଥିଲେ। ଅନ୍ୟତମ ବରେଣ୍ୟ ସଦସ୍ୟ କମଳ ଚକ୍ରବର୍ତ୍ତୀ ପ୍ରକାଶ କରିଥିଲେ କେନ୍ଦ୍ରୟ କମିଟି ସହ ବିଧାନ ସଭା ସମ୍ମୁଖରେ ଧାରଣାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଳେଶ୍ୱର କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ଶିକ୍ଷାବିତ୍ ଡ. ଅଜିତ କୁମାର ମହାନ୍ତି ବିଧାନ ସଭାରେ ସରକାର ବାଲେଶ୍ୱର ଜିଲ୍ଲାକୁ ଉପେକ୍ଷା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର ବାଲେଶ୍ୱର ଜିଲ୍ଲାର କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ନହେଲେ ଆନ୍ଦୋଳନ ହେବ ବୋଲି କହିଥିଲେ। ବରିଷ୍ଠ ସଦସ୍ୟ ଶ୍ୟାମା ଚରଣ ଦାସ, ପ୍ରାକ୍ତନ ଅଧ୍ୟକ୍ଷ ଡଃ ଲଳିତ ରଂଜନ ସେନାପତି , ସତ୍ୟ ମୟ ଆଚାର୍ଯ୍ୟ, ସୁନୀଲ କୁମାର ନାୟକ, କୃଷି ବୈଜ୍ଞାନିକ ବିଜୟ କୁମାର ମିଶ୍ର, ମନୋରଞ୍ଜନ ଦାସ ପ୍ରମୁଖ ମତାମତ ଓ ପ୍ରସ୍ତାବ ରଖିଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ଡ. ଅଜିତ କୁମାର ମହାନ୍ତି।

## ସାନ୍ତାଳୀକୁ ରାଜଭାଷା ପାଇଁ ସେଙ୍ଗେଲର ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଜଳେଶ୍ୱର ବ୍ଲକ, ୨୨।୨ (ସମିସ) ଆଦିବାସୀ ସେଙ୍ଗେଲ ଅଭିଯାନର ପ୍ରଦେଶ ପାର୍ଗାନା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତିନି ଦଫା ଦାବି ସମ୍ବଳିତ ସ୍ମାରକପତ୍ର ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡ଼ିକ ମଧ୍ୟରୁ ରାଷ୍ଟ୍ରୀୟ ମାନ୍ୟତା ପ୍ରାପ୍ତ ସର୍ବବୃହତ ଆଦିବାସୀ ଭାଷା ସାନ୍ତାଳୀକୁ ଆଦିବାସୀ ବହୁଳ ପ୍ରଦେଶ ଝାଡ଼ଖଣ୍ଡରେ ସମ୍ବିଧାନର ଧାରା୩୪୫ ଅନୁସାରେ ଅବିଳମ୍ବେ ପ୍ରଥମ ରାଜଭାଷାର ମାନ୍ୟତା ଦିଆଯାଉ। ଏହା ବ୍ୟତୀତ ଝାଡ଼ଖଣ୍ଡ ରାଜ୍ୟର ପଡ଼ୋଶୀ ବିହାର, ବେଙ୍ଗଲ, ଆସାମ, ଓଡ଼ିଶା ଆଦି ରାଜ୍ୟରେ ସମ୍ବିଧାନର ଧାରା ୩୪୭ ଅନୁଯାୟୀ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦିଆଯାଉ। ଆଦିବାସୀ ଭାଷା ହୋ, ମୁଣ୍ଡାରୀ, କୁଡୁଖ, ଖାଡିଆ ଆଦି ଭାଷାଗୁଡ଼ିକୁ ରାଷ୍ଟ୍ରୀୟ ମାନ୍ୟତା ଅର୍ଥାତ୍ ଅଷ୍ଟମ ଅନୁସୂଚୀରେ ଅବିଳମ୍ବେ ଅନ୍ତର୍ଭୁକ୍ତ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି। ପୂର୍ବତନ ସାଂସଦ ତଥା ସେଙ୍ଗେଲର ରାଷ୍ଟ୍ରୀୟ ସଭାପତି ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ଉକ୍ତ ସାତଟି ପ୍ରଦେଶରେ ଦାବୀ ପତ୍ର ରାଷ୍ଟ୍ରପତିଙ୍କ ନିକଟକୁ ଦାବି ପ୍ରଦାନ କରିଥିଲେ। ଏଥିରେ ବର୍ଷା ହାଁସଦା, ଗୋପୀ ହାଁସଦା, ବୁଦ୍ଧିଆ ସିଂ, ସଞ୍ଜୟ ସିଂ ରହିଥିଲେ।

**● ଠିକାଦାରଙ୍କଠାରୁ ୧୦ ଲକ୍ଷ ଦାଦାବଟି ଦାବି କରି ଗୁଳିଚାଳନା ଘଟଣା**

## ମୁଖ୍ୟ ଅଭିଯୁକ୍ତ ଗିରଫ, ବନ୍ଧୁକ ସହ ଅଫୁଟା ଗୁଳି ଜବତ

ବାଲେଶ୍ୱର, ୨୨।୨(ସମିସ) : ବାଲେଶ୍ୱର ଜିଲ୍ଲାରେ ଦାଦାବଟି ଆତଙ୍କ ପୁଣି ମୁଣ୍ଡ ଟେକିଛି। ଚାନ୍ଦିପୁର ଡ଼ିଆରଡ଼ିଓ ଚାନ୍ଦିପୁର ରାସ୍ତା ନିର୍ମାଣ କାର୍ଯ୍ୟର ଜଣେ ସବ କଣ୍ଟ୍ରାକ୍ଟରଙ୍କୁ ୧୦ ଲକ୍ଷ ଟଙ୍କା ଦାଦା ବଟି ମଗାକୁ କେନ୍ଦ୍ର କରି ଗତ ଜାନୁୟାରୀ ୩ ତାରିଖରେ ଘଟିଥିବା ଧମକ, ଆକ୍ରମଣ ଓ ଗୁଳିଚାଳନା ଘଟଣାରେ ଚାନ୍ଦିପୁର ଥାନା ପୁଲିସକୁ ବଡ଼ ସଫଳତା ମିଳିଛି। ପୂର୍ବରୁ ୪ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଘଟଣାର ମୁଖ୍ୟ ଅଭିଯୁକ୍ତ ପାତ୍ରପଡ଼ା ଅଞ୍ଚଳର ପ୍ରଶାନ୍ତ ନିଳୟମ ଜେନା ଓରଫ ଗୁନୁରୁଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୟୁଏସଏ ନିର୍ମିତ ଏକ ସେମି-ଅଟୋମେଟିକ ପିସ୍ତଲ ଓ ଦୁଇଟି ଜୀବନ୍ତ ଗୁଳି ଜବତ କରିବାରେ ପୁଲିସ ସଫଳ ହୋଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୩ ତାରିଖ ଜାନୁଆରୀ ସନ୍ଧ୍ୟାରେ ଅଭିଯୁକ୍ତମାନେ ଚାନ୍ଦିପୁର ଥାନା ରସଗଡ଼ ଗାଁରେ ଚାନ୍ଦିପୁର ଡ଼ିଆରଡ଼ିଓ ରାସ୍ତାର ଜଣେ ଠିକାଦାରଙ୍କ ଠାରେ କାର୍ଯ୍ୟ କରୁଥିବା ସବ କଣ୍ଟ୍ରାକ୍ଟର ଚିନ୍ତାମଣି ଦାସଙ୍କୁ କିଛି ଯୁବକ ଫୋନ୍‌ରେ ଧମକ ଦେଇ ୧୦ ଲକ୍ଷ ଟଙ୍କା ଦାଦାବଟି ଦାବି କରିଥିଲେ। ଦାବି ପୂରଣ ନ ହେବାରୁ ସେହି ରାତିରେ ୮ ରୁ ୧୦ ଜଣ ଅସାମାଜିକ ସହଯୋଗୀଙ୍କ ସହ ଅଭିଯୁକ୍ତମାନେ ସେହି ଯୁବକଙ୍କ ଘର ରସଗଡାରେ ପହଞ୍ଚି ଖଣ୍ଡା, ଭୁଜାଲି ଓ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଏହାସହ ଘଟଣାସ୍ଥଳରେ ଗୋଟିଏ ରାଉଣ୍ଡ ଗୁଳି ଚାଳନା କରିଥିଲେ।



ଘଟଣା ସମୟରେ ସ୍ଥାନୀୟ ଲୋକେ ଆସିବାରୁ ଅଭିଯୁକ୍ତମାନେ ପଳାଇ ଯାଇଥିଲେ। ତେବେ ଜଣେ ଆହତ ଅଭିଯୁକ୍ତକୁ ଲୋକେ ଧରି ପୁଲିସକୁ ଜିମା କରିଥିଲେ। ଏହି ଘଟଣାକୁ ନେଇ ଯୁବକଙ୍କ ମାଆ ସୁମତି ଦାସ ଚାନ୍ଦିପୁର ଥାନାରେ ଅଭିଯୋଗ ପରେ ଚାନ୍ଦିପୁର ଥାନାରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ପୋଲିସ ସୂଚନା ପାଇ ଗବଗାଁ ଅଞ୍ଚଳରେ ଚଢ଼ାଉ କରି ମୁଖ୍ୟ ଅଭିଯୁକ୍ତ ପାତ୍ରପଡ଼ା ଅଞ୍ଚଳର ପ୍ରଶାନ୍ତ ନିଳୟମ ଜେନା ଓରଫ ଗୁନୁରୁଙ୍କୁ ପୁଲିସ ଗିରଫ କରିଥିଲା। ଯାଞ୍ଚ ବେଳେ ତାଙ୍କ ପାଖରୁ ୟୁଏସଏ ନିର୍ମିତ ସେମି-ଅଟୋମେଟିକ ପିସ୍ତଲ ସହ ଦୁଇଟିଜୀବନ୍ତ ଗୁଳି ମିଳିଥିବା ବେଳେ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବାର ପୁଲିସ ସୂଚନା ଦେଇଛି। ସେପଟେ ଏହି ମାମଲାରେ ୫ ଜଣ ଅଭିଯୁକ୍ତ ଗିରଫ ହୋଇ ସାରିଥିବା ବେଳେ ଅନ୍ୟ କିଛି ଅଭିଯୁକ୍ତ ଏପର୍ଯ୍ୟନ୍ତ ଫେରାର ଥିବାରୁ ସେମାନଙ୍କ ଗିରଫ ପାଇଁ ପୁଲିସ ଚଢ଼ାଉ ଜାରି ରହିଥିବା ବେଳେ ଘଟଣାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଦେଇଛି।

**ବାବା ଭୂଷଣ୍ଡେଶ୍ୱର ପୀଠ ନିର୍ମାଣ ପ୍ରସଙ୍ଗ**

# ଶସ୍ତା ରାଜନୀତି କରି ଲୋକଙ୍କୁ ଭ୍ରମିତ କରୁଛି ଶାସକ ଦଳ: ଗୌତମବୁଦ୍ଧ

ବାଲେଶ୍ୱର(ଉତ୍ତର), ୨୨।୨(ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକରେ ବିରାଜିତ ଏସିଆ ମହାଦେଶର ସର୍ବବୃହତ ଶିବ ଲିଙ୍ଗ ବାବା ଭୂଷଣ୍ଡେଶ୍ୱର ଶୈବପୀଠର ଉନ୍ନତିକରଣକୁ ନେଇ ରାଜନୈତିକ ବୟାନ ବାଜି ଜାରି ରହିଛି। ଶାସକ ଦଳର ନେତା ମାନେ ଏପରିକି ବାଲେଶ୍ୱର ସାଂସଦ ପ୍ରଥମେ ୧୦ କୋଟି ପରେ ପୁଣି ୫୦କୋଟି ଟଙ୍କା ଏହି ପୀଠର ଉନ୍ନତିକରଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିବା ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମ ତଥା ସାମାଜିକ ଗଣମାଧ୍ୟମ ଜରିଆରେ ବୟାନବାଜି କରି ଆସୁଥିବା ବେଳେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଙ୍କ ବିଧାନସଭା ର ପ୍ରଶ୍ନ ଓ ପର୍ଯ୍ୟଟନ ବିଭାଗ ମନ୍ତ୍ରୀଙ୍କ ଉତ୍ତର ରୁ ଏହାର ସତ୍ୟତା ଏବେ ପଦା କୁ ଆସିଛି।

ସୂଚନାଯୋଗ୍ୟ ଯେ ଭୁଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ଭୋଗରାଇ ବିଧାୟକ ଶ୍ରୀ ଦାସ ଙ୍କ ସହ ବସ୍ତା ବିଧାୟିକା ସୁବାସିନୀ ଜେନା ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ପର୍ଯ୍ୟଟନ ବିଭାଗ ନିକଟରେ ଦାବି ରଖିଥିଲେ। ଏହି ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଗତବର୍ଷ ମେ'ରେ ଭୋଗରାଇ ଗସ୍ତରେ ଆସିଥିବା ବେଳେ ୧୦ କୋଟି ଟଙ୍କା ଦେବାକୁ ଘୋଷଣା କରିଥିଲେ। ମାତ୍ର ଦୀର୍ଘଦିନ ଏହି ଅର୍ଥ ମଞ୍ଜୁର ନହେବାରୁ ପୁଣି ଶ୍ରୀ ଦାସ ପର୍ଯ୍ୟଟନ ବିଭାଗର ସଚିବଙ୍କୁ ଭେଟି ଏଥିପାଇଁ ପୁନର୍ବାର ଲିଖିତ ଅନୁରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ନେଇ ଆରମ୍ଭ ହୋଇଥିଲା ଶସ୍ତା ରାଜନୀତି। ଅର୍ଥ ମଞ୍ଜୁର ନ ହେଉଣୁ ଏହାର ଶ୍ରେୟ ନେବା ପାଇଁ ଶାସକ ଦଳ ନେତାମାନଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। କିଛି ନେତା କହି ବୁଲିଲେ ୧୦ କୋଟି ନୁହେଁ, ଆମେ ୫୦ କୋଟିର ଡିପିଆର୍ ତିଆରି କରି ଦେଇଛୁ। ସାଂସଦ ମଧ୍ୟ ଗଣମାଧ୍ୟମ ଆଗରେ ବିବୃତି ଦେଇ କହିଥିଲେ, ୫୦ କୋଟି ମଞ୍ଜୁର ହୋଇଛି। ତେବେ ଏହାର ସତ୍ୟତା ଏବେ ବିଧାନସଭା ପ୍ରଶ୍ନର ଉତ୍ତରରେ ଜଣା ପଡ଼ିଛି। ପର୍ଯ୍ୟଟନ ବିଭାଗ ଦାୟିତ୍ୱ ରେ ଥିବା ଉପମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବରେ କହିଛନ୍ତି ଯେ ଭୁଷଣ୍ଡେଶ୍ୱର ପୀଠର ବିକାଶ ପାଇଁ ୧୦ କୋଟିର ଡିପିଆର୍ ପ୍ରସ୍ତୁତ କରିବାକୁ ବାଲେଶ୍ୱର ଜିଲ୍ଲାପାଳଙ୍କୁ କୁହାଯାଇଛି। ୧୮ ଅକ୍ଟୋବର, ୨୦୨୫ରେ ଜିଲ୍ଲାପାଳଙ୍କୁ ଏନେଇ ବିଭାଗ ପକ୍ଷରୁ ପ୍ରଥମ ଚିଠି ଆସିଥିଲା। ମାତ୍ର ସେ ଏପର୍ଯ୍ୟନ୍ତ ଡିପିଆର୍ ପ୍ରସ୍ତୁତ କରିନଥିବାରୁ ୧୭.୨.୨୬ ଅର୍ଥାତ ୪ଦିନ ତଳେ ବିଭାଗ ପକ୍ଷରୁ ପୁନର୍ବାର ଜିଲ୍ଲାପାଳଙ୍କୁ ଚିଠି କରାଯାଇଛି ଏବଂ ତୁରନ୍ତ ଡିପିଆର୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଯାହା ସମଗ୍ର ବାଲେଶ୍ୱର ବାସୀଙ୍କୁ ଏହା ନିରାଶ କରିଥିବା ଆଲୋଚନା ଜୋର ଧରିଛି। ପ୍ରକାଶ ଯୋଗ୍ୟ କି ୨୦୧୩ମସିହାରେ ବାବା ଭୁଷଣ୍ଡେଶ୍ୱରଙ୍କ ଜରାଜୀର୍ଣ୍ଣ ମନ୍ଦିର ଟି ଭାଙ୍ଗି ଗଲା ପରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଅନନ୍ତ ଦାସଙ୍କ ଆହ୍ୱାନ କ୍ରମେ ଏକ ସର୍ବଦଳୀୟ ବୈଠକ ଡକାଯାଇଥିଲା। ଏଥିରେ ନୂତନ ମନ୍ଦିର ନିର୍ମାଣ କରିବାର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହା ସମୁଦ୍ର ତଟବର୍ତ୍ତି ଅଞ୍ଚଳ ହୋଇଥିବାରୁ ସିମେଣ୍ଟ କଂକ୍ରିଟ ଓ ଇଟା ଦ୍ୱାରା ମନ୍ଦିର ନିର୍ମାଣ କରାଗଲେ ଏହାର ସ୍ଥାୟୀତ୍ୱ ଦିର୍ଘସ୍ଥାୟୀ ହୋଇ ନ ପରିବା କାରଣରୁ ଏହାକୁ ପଥର ରେ ନିର୍ମାଣ କରାଯିବାର ସିଦ୍ଧାନ୍ତ ହୋଇଥିଲା। ସେତେବେଳେ ପ୍ରଥମ ପର୍ଯ୍ୟାୟରେ ବିଶିଷ୍ଟ ସ୍ଥପତି ସ୍ୱର୍ଗତ ରଘୁନାଥ ମହାପାତ୍ରଙ୍କ ଦ୍ୱାରା ୩୦କୋଟି ଟଙ୍କା ବ୍ୟୟ ଅଟକଳ ପ୍ରସ୍ତୁତ ହୋଇଥିଲା। ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ର କିମ୍ବା ରାଜ୍ୟ ସରକାର ସିଧାସଳଖ ଟଙ୍କା ଖର୍ଚ୍ଚ କରାଯିବାର କଟକଣା ଥିବାରୁ ବିଭିନ୍ନ ଅଞ୍ଚଳର ଶ୍ରଦ୍ଧାଳୁ, ଦାତାଙ୍କ ଦାନ ସୂତ୍ରରୁ କିଛି ଅର୍ଥ ଆଦାୟ ହେବା ଏବଂ ତତ୍କାଳୀନ ବିଧାୟକ ସ୍ୱର୍ଗତ ଦାସ ଙ୍କ ବିଧାୟକ ପାଣ୍ଠି ରୁ ଆରମ୍ଭ ହୋଇଥିଲା ମନ୍ଦିର କାର୍ଯ୍ୟ। ପରବର୍ତ୍ତୀ ସମୟରେ ଏବର ବିଧାୟକ ଗୌତମବୁଦ୍ଧ ଦାସ ମଧ୍ୟ ତାଙ୍କ ବିଧାୟକ ପାଣ୍ଠିରୁ ଅର୍ଥ ଦେଇ ବର୍ତ୍ତମାନ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏପର୍ଯ୍ୟନ୍ତ ପ୍ରାୟ୩୦ ଫୁଟ ତଳୁ କଂକ୍ରିଟ ପିଲର ନିର୍ମାଣ ଶେଷ ହୋଇ ଉପରକୁ ପଥର ଦ୍ୱାରା ଯୋଡ଼େଇ ହୋଇ ସାରିଛି। ଅପରପକ୍ଷରେ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ ସମସ୍ତେ ଚାହାନ୍ତି ଆମ ଭୋଗରାଇରେ ବିରାଜିତ ଏସିଆର ସର୍ବବୃହତ ଶିବଲିଙ୍ଗ ବାବା ଭୂଷଣ୍ଡେଶ୍ୱର ପୀଠର ବିକାଶ ହେଉ। ମାତ୍ର ବେଳେବେଳେ ଏହି ସଦିଚ୍ଛାକୁ ବଳିଯାଉଛି ଶସ୍ତା ରାଜନୀତି। ବାବା ଭୁଷଣ୍ଡେଶ୍ୱର ପୀଠର ବିକାଶ ପ୍ରସଙ୍ଗରେ ଯେଉଁମାନେ ମିଥ୍ୟାର ସାହାରା ନେଇ ଶସ୍ତା ରାଜନୀତି କରୁଥିଲେ ଏବଂ ଭୋଗରାଇବାସୀଙ୍କୁ ଭ୍ରମିତ କରୁଥିଲେ ତାହା ନ କରି ସେମାନେ ସମସ୍ତେ ଏହି ପୀଠର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇଲେ ଏସିଆ ମହାଦେଶର ପ୍ରସିଦ୍ଧ ଓ ବୃହତ ଶିବଲିଙ୍ଗ ବାବା ଭୁଷଣ୍ଡେଶ୍ୱରଙ୍କ ଭବ୍ୟ ମନ୍ଦିର ନିର୍ମାଣ ସହିତ ଏହାର ପାରିପାର୍ଶ୍ୱିକ ଉନ୍ନୟନ ସମ୍ଭବ ହୋଇପାରିବ ବୋଲି ସମସ୍ତଙ୍କୁ ନିବେଦନ କରିଛନ୍ତି।

## ଜଳେଶ୍ୱରରେ ବନ୍ଦ ହେବ ୪୦ ଇଟାଭାଟି



ଜଳେଶ୍ୱର, ୨୨।୨ (ସମିସ) : ମାଟି ଇଟାଭାଟି ଚାଲିବା ଉପରେ ସରକାରଙ୍କ ପକ୍ଷରୁ କଟକଣା ରହିଛି। କେବଳ କାଗଜ କଲମରେ ହିସାବ ହେଉଥିବା ବେଳେ ଜଳେଶ୍ୱରରେ ଖୁଲମଖୁଲା ଇଟାଭାଟି ଚାଲିଛି। ଜାତୀୟ ରାଜପଥ ପାଶ୍ୱର୍, ଜନବସତି ନିକଟ, ସ୍କୁଲ ଓ ବ୍ୟବସାୟ କେନ୍ଦ୍ର ନିକଟରେ ଏହି ସବୁ ଇଟାଭାଟି ଗୁଡିକ ଚାଲୁଥିବା ବେଳେ ଧର୍ମକୁ ଆଖିଠାର ଭଳି ସେମାନଙ୍କୁ ନୋଟିସ୍ କରାଯାଉଛି। ସୂଚନାଯୋଗ୍ୟ ଜଳେଶ୍ୱର ତହସିଲ ଅଧିନରେ ୩୫ଟି ଇଟାଭାଟି ରହିଥିବା ବେଳେ ୪୪ରୁ ଅଧିକ ଇଟାଭାଟି ଲୁଚାଛପାରେ ଚାଲୁଛି। କେତେକ ଇଟାଭାଟି ଗ୍ରାମ ଭିତରେ ଓ ପଶ୍ଚିମବଂଗ ସୀମାରେ ଚାଲୁଥିବା ବେଳେ ପ୍ରଶାସନ ଜାଣି ନଜାଣିଲାପରି କାର୍ଯ୍ୟ କରୁଛି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଗତ ସପ୍ତାହରେ ଏହି ସବୁ ଇଟାଭାଟି ମାଲିକ ମାନଙ୍କୁ ବନ୍ଦ ଲାଗି ନୋଟିସ୍ କରାଯାଇଥିଲା। ଶୁକ୍ରବାର ତହସିଲଦାର ସତ୍ୟଜିତ୍ ମହାନ୍ତିଙ୍କ ନିର୍ଦ୍ଦେଶରେ ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଆର୍‌ଆଇ, ସୁପରଭାଇଜର, ଅଗ୍ନିଶମ ବିଭାଗର ଖେଲାରାମ ମାରାଣ୍ଡି, ମିଥୁନ ନାଥ, ସମୀର ହାତୀ, ଧୃତିଦିତେନ ପାତ୍ର, କନିଷ୍ଠ ଖଣି ଅଧିକାରୀ ତାପସ କୁମାର ବେହେରା ପ୍ରମୁଖ ଗୋବରଘଟା ଅଂଚଳର ୪ଟି ଇଟାଭାଟିକୁ ଯାଇ କେବଳ ଫଟୋ ଉଠାଇ ଚାଲିଆସିଥିବା ଜଣାଯାଇଛି। ପ୍ରଶାସନର ଏପରି ହାତ ଆଉଁସା କାର୍ଯ୍ୟକୁ ଜନସାଧାରଣ ଗ୍ରହଣ କରିପାରୁନଥିବା ବେଳେ ମାଟି ଇଟାଭାଟି ବନ୍ଦ କରାଯିବା କେବଳ କାଗଜ କଲମରେ ରହିଯିବ ବୋଲି କୁହାଯାଇଛି। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଉଲ୍ଲଘଂନ କରି ଏଇମିତି ବେଆଇନ ଇଟାଭାଟି ଚଲେଇବା ପାଇଁ କିଏ ଅନୁମତି ଦେଇଛି ଆଉ କିଏ ଏଥିରୁ ଲାଭବାନ ହେଉଛି? ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକୋତ୍ସବ



ଭୋଗରାଇ,୨୨।୨(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ନିମାତପୁର ପଞ୍ଚାୟତ ସେହି ଗ୍ରାମର ଥିବା ହାଟ ପ୍ରାଙ୍ଗଣ ପଞ୍ଚମୁଖୀ ହନୁମାନ ମନ୍ଦିରର ଅଷ୍ଟମ ବାର୍ଷିକୋତ୍ସବ ଓ ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞର ଶୁଭାରମ୍ଭ ହୋଇଛି। ରବିବାର ଶୁଭ ମୂହୁର୍ତ୍ତରେ ପସରବିନ୍ଧା ଓ ଟୁକୁରୀହାଜିରା ପଞ୍ଚାୟତର ସୀମା ରେଖା ଆଉଷା ବନ୍ଧ ନିକଟରେ ଥିବା ବଙ୍ଗୋପ ସାଗର ଓ ସୁବର୍ଣ୍ଣରେଖା ନଦୀର ମୁହାଣରୁ ପଥରେଶ୍ୱରକୁ ସଂଯୋଗ କରୁଥିବା କେନାଲରୁ ସପ୍ତଗଙ୍ଗା ଆହ୍ୱାନ କରି ପାଣି ଆଣିବା ସହିତ ଆତସବାଜି, ଡିଜେ ଓ ପାରମ୍ପାରିକ ବାଦ୍ୟର ତାଳେ ତାଳେ ମହିଳା ମାନଙ୍କ ଦ୍ୱାରା ଶୁଭକଳସୀ ଶୋଭାଯାତ୍ରା ସହିତ ଘଟତ୍ତୋଳନ କରାଯାଇ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ଦଳାଇ, ପଞ୍ଚାୟତ ସମିତି ସଦସ୍ୟ ଭଗବାନ ରଣା, ରବିନ୍ଦ୍ର ରଣା, ହରିଶ ଚନ୍ଦ୍ର ପରିଡ଼ା, ରବିନ୍ଦ୍ର ଜେନା ସମେତ ନିମାତପୁର ହାଟ ବଣିକ ସଂଘ ଓ ଗ୍ରାମବାସୀଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ବହୁ ଭକ୍ତ, ଶ୍ରଦ୍ଧାଳୁ, ସାଧୁ ସନ୍ଥ ଉପସ୍ଥିତ ହୋଇଥିଲେ।

## ମିତ୍ରପୁର-ନୀଳଗିରି ରାସ୍ତାରେ ଛିନ୍‌ତାଇ

ନୀଳଗିରି, ୨୨।୨ (ସମିସ): ଅପରାହ୍ନ ପ୍ରାୟ ୫.୩୦ ମିନିଟ ସମୟରେ ମିତ୍ରପୁର ନୀଳଗିରି ରାସ୍ତାର ଏକ ନିଛାଟିଆ ଜାଗାରେ ବାଇକ୍ ଆରୋହୀକୁ ଅଟକାଇ ବାଇକ୍ ସହ ସୁନା ମୁଦି ଏବଂ ନଗଦ ପାଞ୍ଚ ହଜାର ଟଙ୍କା ଛିନ ତାଇ ହୋଇଥିବାର ନୀଳଗିରି ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ଟିପିଏନ୍‌ଓଡିଏଲର କାର୍ଯ୍ୟରତ ଏଷ୍ଟିମିଟର ଜେଇ ଖନ୍ତାପଡା ଥାନା ଶେରଗଡ଼ ଗ୍ରାମର ଅବିନାଶ ମହାପାତ୍ର ନିଜ ସ୍କୁଟିରେ ନିଜ ଶାଶୂଙ୍କୁ ଛାଡ଼ିବା ପାଇଁ ମିତ୍ରପୁର ଆସି ଫେରୁଥିବା ବେଳେ ମିତ୍ରପୁର ନୀଳଗିରି ରାସ୍ତାର ଚଣ୍ଡି କ୍ରିସର ନିକଟରେ ଦୁଇ ଜଣ ଯୁବକ ଧଳା ରଙ୍ଗର ବାଇକ୍ ରେ ଆସି ଅବିନାଶଙ୍କୁ ଅଟକାଇ ବେକରେ କଟୁରୀ ଲଗାଇ ଭୟଭୀତ କରାଇ ତାଙ୍କର ସ୍କୁଟି ଗାଡ଼ି ସହ ଏକ ସୁନା ମୁଦି, ମୋବାଇଲ୍ ଓ ପକେଟ୍‌ରେ ଥିବା ପାଞ୍ଚ ହଜାର ଟଙ୍କା ଛିନ୍ ତାଇ କରି ଫେରାର ହୋଇ ଯାଇଥିଲେ। ଏନେଇ ଅବିନାଶ ନୀଳଗିରି ଥାନାରେ ରାତ୍ରୀ ୯ ଘଟିକା ସମୟରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରଖିଛନ୍ତି।

## ସୁବର୍ଣ୍ଣରେଖା ନଦୀରୁ ବେଆଇନ ବାଲି ଚାଲାଣ

**ହେଉନି କାର୍ଯ୍ୟାନୁଷ୍ଠାନ**

କାଳିପଦା, ୨୨।୨ (ସମିସ): ସୁବର୍ଣ୍ଣରେଖା ନଦୀରୁ ଏବେ ଟ୍ରକ୍, ଟ୍ରାକ୍ଟର, ଜେସିବି ଆଦି ଯୋଗେ ବ୍ୟାପକ ବାଲି ଚୋରା ଚାଲାଣ ହେଉଛି। ପ୍ରଶାସନ ସବୁ ଜାଣି ମଧ୍ୟ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୁଖ୍ୟତଃ ସୁବର୍ଣ୍ଣରେଖା ଦ୍ୱିତୀୟ ସେତୁ ନିକଟ ଜଳେଶ୍ୱର ତହସିଲ୍ ଅଧିନ କଣ୍ଟାପାଳ ବାଲି ଖାଦାନ ଓ ବାଲିଆପାଳ ତହସିଲ୍ ଅଧିନ ଅସ୍ତି ପଞ୍ଚାୟତର ବଢାପାଳ,ଚଡ ବଢ଼ାପାଳ, ଅସ୍ତି ଗାଁ ତଟ ନଦୀରୁ ଦୈନନ୍ଦିନ ଶତାଧିକ ଟ୍ରକ୍ ଓ ଟ୍ରେକର ଯୋଗେ ବାଲି ଚୋରା ଚାଲାଣ ହେଉଛି।



ରାତିରେ ଏହି ସବୁ ବେଆଇନ୍ କାର୍ଯ୍ୟ ହେଉଛି। କିଛି ମୁଷ୍ଟି ମେୟ ଲୋକ ଉଭୟ ପ୍ରଶାସନ ଓ ସ୍ଥାନୀୟ ଲୋକଙ୍କୁ ହାତ କରି ଏହି କାରବାର କରୁଛନ୍ତି। ପ୍ରଶାସନର କେତେକ ତଳିଆ କର୍ମଚାରୀ ମାସିକିଆ ବଟି ନେଇ ଚୁପ୍ ରହୁଛନ୍ତି। କେତେକ ସମ୍ବାଦଦାତା ମଧ୍ୟ ବାଲି ଗାଡ଼ି ଅଟକାଇ ଚାନ୍ଦା ଆଦାୟ କରୁଛନ୍ତି। କେତେକ ନିଜକୁ ପୁଲିସ, ଆର୍ ଆଇ ଆଦି ପରିଚୟ ଦେଇ ମଧ୍ୟ ଚାନ୍ଦା ଆଦାୟ କରୁଛନ୍ତି। ଏହି ସବୁ ନକଲି ସାମ୍ବାଦିକ, ପୁଲିସ୍ , ଆର୍ ଆଇଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଫଳରେ ସେମାନଙ୍କ ବେଆଇନ୍ କାର୍ଯ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଶୁକ୍ରବାର ଅସ୍ତି ଗ୍ରାମ ପଞ୍ଚାୟତ ସଧାରଣ ଲୋକ ଦୃଢ଼ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଦୁଇ ବାଲି ଖାଦାନ ନିଲାମକୁ ନେଇ ପ୍ରଶାସନର ଟାଳଟୁଳ ନୀତି ଚୋରା ବାଲି ଚାଲାଣକାରୀକୁ ଖୁବ୍ ସୁହାଇଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବାଲି ଖାଦାନ ନିଲାମ ହେଲେ ଚୋରି ଅନେକାଂଶରେ ରୋକା ଯାଇ ପାରନ୍ତା। ମାତ୍ର ଦୀର୍ଘଦିନ ଧରି ଦୁଇ ଖାଦାନର ନିଲାମ ବନ୍ଦ ରହିଛି। ନିର୍ଦ୍ଦିଷ୍ଟ ସମୟରେ ବାଲି ଖାଦାନ ନିଲାମ ହେଲେ ଚୋରା ଚାଲାଣ ହୁଅନ୍ତା ନାହିଁ। କିନ୍ତୁ ସରକାରଙ୍କ ଦୂରଦୃଷ୍ଟି ଅଭାବରୁ ଖାଦାନ ନିଲାମ ହୋଇ ପାରୁ ନାହିଁ। ଏଥି ଯୋଗୁଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି। ଏଥି ଯୋଗୁଁ ବାଲି ମାଫିଆମାନେ ମାଲେ ମାଲ ହେଉଛନ୍ତି। ଉଚ୍ଚ ନ୍ୟାୟାଳୟ ସକାଳ ୭ଟାରୁ ରାତି ୯ଟା ମଧ୍ୟରେ ବାଲି ଚାଲାଣ ହୋଇ ପାରିବ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଦେଇ ଛନ୍ତି। ମାତ୍ର ଆଇନକୁ କେହି ମାନୁ ନାହାଁନ୍ତି। ଅନେକ ସମୟରେ ବାଲି ଚୋରା ଚାଲାଣକୁ କେନ୍ଦ୍ର କରି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଛି, ଥାନାରେ ମିଥ୍ୟା କେଶ ପର୍ଯ୍ୟନ୍ତ କଥା ଯାଉଛି। ଘର ତିଆରି ପାଇଁ ବାଲି ଜରୁରୀ ଆବଶ୍ୟକ ପଦାର୍ଥ ହୋଇ ଥିବାରୁ ସରକାର ଏଥିପାଇଁ କଡ଼ା ଆଭିମୁଖ୍ୟ ସ୍ପଷ୍ଟ କରିବା ଉଚିତ୍। ଅନ୍ୟ ପକ୍ଷରେ ସବର୍ଣ୍ଣ ରେଖା ସେତୁର ଉଭୟେ ପାର୍ଶ୍ୱର୍ରେ ଦୁଇ ଖାଦାନ ଥିବାରୁ ସେତୁ ଟି ଧୀରେ ଧୀରେ ଦୁର୍ବଳ ହେଉଛି। ରାଜୀବ ଜେନା, ବନମାଳି ମାହାଳିକ, ରାଧା କୃଷ୍ଣ ସାହୁ, ରବୀନ୍ଦ୍ର ନାଥ ନାୟକ, ବେଣୁଧର ପୃଷ୍ଟି, ସନ୍ତୋଷ କୁମାର ଗିରି, ପଙ୍କଜିନୀ ଗୋଛାୟତ, ପ୍ରଶାନ୍ତ କୁମାର କରଣ, କମଳାକାନ୍ତ ମଲ୍ଲିକ, ସଞ୍ଜୟ କୁମାର ବେହେରା, ହରେକୃଷ୍ଣ ନାୟକ, ଭାନୁ ଚରଣ ମଲ୍ଲିକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଶତାଧିକ ପଞ୍ଚାୟତ ବାସୀ ଚୋରା ବାଲି ଉତ୍ତୋଳନକୁ ତୀବ୍ର ବିରୋଧ କରିଛନ୍ତି। ଲଘୁ ଖଣିଜ ସମ୍ପଦ ବିଭାଗ ଓ ରାଜସ୍ୱ ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

**ନିଜାମପୁର ଗାଁରେ ପାନୀୟ ଜଳସଙ୍କଟ**

# ଆରମ୍ଭ ହେଲା ଜଳଯୋଗାଣ ପାଇଁ ଅଧପନ୍ତରିଆ କାର୍ଯ୍ୟ

ବାଲେଶ୍ୱର(ଉତ୍ତର), ୨୨।୨ (ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦୁଡ଼ପଳ ପଞ୍ଚାୟତ ନିଜାମପୁର ଗ୍ରାମରେ ପାନୀୟ ଜଳ ସଙ୍କଟର ସମାଧାନର ବାଟ ଫିଟିଛି। ଏ ସଂକ୍ରାନ୍ତରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗତ ଦୁଇ ଦିନ ହେଲା ଷ୍ଟାଣ୍ଡ ପୋଷ୍ଟ ଗୁଡ଼ିକରେ ପାଇପ ସଂଯୋଗ ହେଉଥିବା ବେଳେ ଓଭର ହେଡ ଟ୍ୟାଙ୍କ ନିର୍ମାଣ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ଆଜକୁ ଦୁଇ ବର୍ଷ ପୂର୍ବରୁ ଏହି ଗାଆଁ ରେ ଘରକୁ ଘର ପାଇପ ଲାଇନ ବିଛା ଯାଇଛି, ଟ୍ୟାପ ମଧ୍ୟ ବସିଛି। ମାତ୍ର ସେଥିରୁ ପାଣି ବାହାରୁ ନାହିଁ। ଲୋକେ ଟିକେ ଶୁଦ୍ଧ ପିଇବା ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଆଗକୁ ଆଉ ଦୁଇମାସ ପରେ ଆସୁଛି ଗ୍ରୀଷ୍ମପ୍ରବାହ। ତେଣୁ ପାଣିର ଅଭାବ ଆହୁରି ଭୟଙ୍କର ରୂପ ନେବ ବୋଲି ଲୋକେ ଆଶଙ୍କା ରହିଥିଲା। ଏବେ ଠାରୁ ଟିକେ ଶୁଦ୍ଧ ପାଣି ପାଇଁ ମହିଳା ଓ ଶିଶୁମାନେ ଦୂର ଦୂରନ୍ତରୁ ଯିବାକୁ ବାଧ ହେଉଥିଲେ। ଏପରିକି ଯେଉଁମାନେ ଯାଇ ନପାରୁଛନ୍ତି ସେମାନେ ଦୂଷିତ ପାଣି ବ୍ୟବହାର କରୁଥିଲେ। ଫଳରେ ଅନେକେ ଜଳ ବାହିତ ରୋଗରେ ଆକ୍ରାନ୍ତ ହେଉଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ଆଜକୁ ଦୁଇବର୍ଷ ତଳେ ବସୁଧା ଯୋଜନାରେ ଗ୍ରାମକୁ ପାଇପ ଲାଇନ ପଡିଥିଲା। ପ୍ରତ୍ୟେକ ଘରକୁ ମଧ୍ୟ ପାଇପ ସଂଯୋଗ କରାଯାଇ ଟେପ ବସିଥିଲା। ମାତ୍ର ତାହା କେବଳ ଲୋକ ଦେଖାଣିଆରେ ସୀମିତ ରହିଥିଲା। କାର୍ଯ୍ୟ ଅଧାପନ୍ତରିଆ ରଖି ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ଚୁପ ହୋଇ ବସିଥିଲା। ତେବେ ଏ ନେଇ ଗତ ଡିସେମ୍ବର ୨୯ ତାରିଖରେ ଦୈନିକ "ସକାଳ"ରେ ବିସ୍ତୃତ ଖବର ପ୍ରକାଶ



**'ସକାଳ' ପ୍ରଭାବ**

ପାଇଥିଲା। ପରେ ଏହାକୁ ନେଇ ବିଶିଷ୍ଟ ସମାଜସେବୀ ତଥା ଲକ୍ଷ୍ମୀକାନ୍ତ ରାଉତ ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ହରି ନାରାୟଣ ରାଉତ ସିଏମଓ କାର୍ଯ୍ୟାଳୟ ସମେତ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ୍ସ ଯୋଗେ ଟ୍ୱିଟ କରିଥିଲେ। ଏହାର ଉତ୍ତରରେ ଗତ ତା. ୩୧-୧୨-୨୦୨୫ ରେ ଜିଲ୍ଲା ପ୍ରଶାସନ ଏବଂ ସି ଏମ ଓ କାର୍ଯ୍ୟାଳୟ ପକ୍ଷରୁ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ବାଲେଶ୍ୱର ଜିଲ୍ଲା କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଏହା ମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା। ତେବେ ଗତ ଦୁଇଦିନ ଧରି ଅଧା ପଡିଥିବା ଏହି କାର୍ଯ୍ୟ ପୁଣି ଆରମ୍ଭ ହୋଇଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।

## ୧୫ ଗୋରୁ ଉଦ୍ଧାର, ପିକ୍‌ଅପ୍ ଭ୍ୟାନ୍ ଜବତ

ବାଲେଶ୍ୱର/ବାହାନଗା,୨୨।୨(ସମିସ): ସାହାସପୁରାରୁ ପଶ୍ଚିମବଙ୍ଗକୁ ବେଆଇନ ଗୋ" ଚାଲାଣ ବେଳେ ଗୋପାଳପୁର ପୁଲିସ ଚଢ଼ାଉ କରି ୧୫ ଗୋଟି ଗୋରୁଙ୍କୁ ଉଦ୍ଧାର କରିଥିବା ବେଳେ ଗୋ ଚାଲାଣରେ ବ୍ୟବହୃତ ପିକଅପ ଭ୍ୟାନକୁ ଜବତ କରିଥିବା ଜଣାପଡ଼ିଛି। ଗୋପାଳପୁର ଥାନା ସାହାସପୁରା ଗାଁରୁ ପ୍ରତିଦିନ ଟ୍ରକ, ପିକଅପ ଏବଂ ଯାତ୍ରୀବାହୀ ବୋଲେରୋ ଗାଡ଼ିରେ ସିଟ ଖୋଲି ବେଆଇନ ଭାବେ ଭାୟା ବାରିକପୁର ତ କେତେବେଳେ ସିଧାସଳଖ ରାସାଳପୁର ହୋଇ ଫୁଲଡ଼ି ଦେଇ ପଶ୍ଚିମବଙ୍ଗ କୁ ଗୋଚାଲାଣ କରାଯାଉଛି। ପୁଲିସକୁ ଜଗି ଗୋରୁ ମଫିଆ ଚାଲାଣ ଚଳାଇ ଆସୁଥିବା ବେଳେ ଗତକାଲି ବିଳମ୍ବିତ ରାତିରେ ଗୋପାଳପୁର ପୋଲିସ ସାହାସପୁରାରୁ ଗୋଚାଲାଣ ନେଇ କୌଣସି ସୂତ୍ରରୁ ଖବର ପାଇଥିଲା। ପରେ ଗୋପାଳପୁର ଥାନା ଆଇଆଇସି ମଧୁସ୍ମିତା ସିଂ ସାହସପୁରାରୁ ପଶ୍ଚିମବଙ୍ଗ ଗୋ ଚାଲାଣ କରାଯାଉଥିବାର ଜାଣି ସାହସପୁରା ଛକରେ ଚଢ଼ାଉ କରିଥିଲେ। ଏକ ପିକଅପ ଭ୍ୟାନକୁ ଅଟକାଇ ଯାଞ୍ଚ କରାଯିବା ପରେ ସେଥିରେ ୧୫ଟି ଗୋରୁଙ୍କୁ ଅମାନୁଷିକ ଭାବେ ବୋଝେଇ କରି ପଶ୍ଚିମବଙ୍ଗ ଚାଲାଣ କରାଯାଉଥିବାର ଜାଣି ଗୋରୁଙ୍କୁ ଉଦ୍ଧାର କରି ବାମପଦା ସ୍ଥିତ ମା" ଭାରତୀ ଗୋ ଶାଳାରେ ଛାଡ଼ି ଥିବାର ଜଣାପଡିଛି। ସେପଟେ ବେଆଇନ ଗୋ ଚାଲାଣ ଅଭିଯୋଗରେ ଥାନାରେ ୪୧ /୨୦୨୬ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ପିକଅପ ଭ୍ୟାନକୁ ଜବତ କରି ପୁଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



# କ୍ରୀଡ଼ା



### ସ୍ପିନରଙ୍କ ପ୍ରଭାବରେ ଶ୍ରୀଲଙ୍କା ପରାସ୍ତ

## ଇଂଲଣ୍ଡର କ୍ରମାଗତ ଦ୍ୱାଦଶ ବିଜୟ




ପାଲେକେଲେ,୨୨।୨(ଏଜେନ୍ସି): ସ୍ପିନ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଟି-୨୦ ବିଶ୍ୱକପ୍ର ଦ୍ୱିତୀୟ ସୁପର ଏଇଟସ ମ୍ୟାଚ୍ରେ ଇଂଲଣ୍ଡ ୫୧ ରନ୍ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଶ୍ରୀଲଙ୍କା ବିପକ୍ଷରେ ଇଂଲଣ୍ଡ ଏହି ମ୍ୟାଚ୍କୁ ମିଶାଇ କ୍ରମାଗତ ଦ୍ୱାଦଶ ମୁକାବିଲାରେ ବିଜୟ ହାସଲ କରିଛି। ବିଜୟୀ ଇଂଲଣ୍ଡ ଏହି ମ୍ୟାଚ୍ରୁ ପୂରା ୨ ପଏଣ୍ଟ ପାଇଥିଲାବେଳେ ଏଠାରେ ପାକିସ୍ତାନ ସହ ଦ୍ୱିତୀୟ ମ୍ୟାଚ୍ ମଙ୍ଗଳବାର ଖେଳିବ। ସେହିପରି ପରାଜିତ ଶ୍ରୀଲଙ୍କାର ଦ୍ୱିତୀୟ ମୁକାବିଲା ନ୍ୟୁଜିଲାଣ୍ଡ ସହ ବୁଧବାର ଖେଳାଯିବ। ଆଜିର ମୁକାବିଲାରେ ଶ୍ରୀଲଙ୍କା ଇନିଂସରେ ୨୨ ରନ୍ ଦେଇ ୩ଟି ୱିକେଟ ନେଇଥିବା ଇଂଲଣ୍ଡର ୱିଲ ଜ୍ୟାକ୍ସଙ୍କୁ ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା।

ସ୍ପିନରଙ୍କୁ ସୁହାଉଥିବା ପାଲେକେଲେ ପିଚ୍ରେ ଉଭୟ ଦଳର ବ୍ୟାଟର ଫେଲ୍ ମାରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ଓପନର ଫିଲ ସଲ୍ଟଙ୍କ ୬୨ ରନ୍ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୪୬ ରନ୍ କରିଥିଲା। ୱିଲ ଜ୍ୟାକ୍ସ ୨୧ ରନ୍ରେ ଦ୍ୱିତୀୟ ଟପ୍ ସ୍କୋରର ହୋଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପେସର ୩ଟି ଓ ସ୍ପିନର ୫ଟି ୱିକେଟ ନେଇଥିଲେ। ଦୁନିଥ ୱେଲାଲାଗେ ସର୍ବାଧିକ ୩ଟି, ମାହୀଶ ଥିକ୍ସାନା ଓ ପେସର ଦିଲସାନ ମଦୁଶଙ୍କା ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଇଂଲଣ୍ଡ ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ଶ୍ରୀଲଙ୍କା ୧୬.୪ ଓଭରରେ ୯୫ ରନ୍ କରି ଅଲଆଉଟ ହୋଇଯାଇଥିଲା। ଅଧିନାୟକ ଦାସୁନ ଶାନକା ସର୍ବାଧିକ ୩୦ ରନ୍ କରିଥିଲେ। ଦଳ ପାୱାର ପ୍ଲେ'ରେ ୩୫ ରନ୍ରେ ୫ ୱିକେଟ ହରାଇ ମ୍ୟାଚ୍ ହାତଛଡ଼ା କରିଥିଲା। ଇଂଲଣ୍ଡ ପକ୍ଷରୁ ପେସର ୩ଟି ଓ ସ୍ପିନର ୭ଟି ୱିକେଟ ପାଇଥିଲେ। ସ୍ପିନରଙ୍କ ମଧ୍ୟରେ ଜ୍ୟାକ୍ସଙ୍କୁ ସର୍ବାଧିକ ୩ଟି, ଲିଆମ୍ ଡାୱସନ ଓ ଆଦିଲ ରଶିଦ୍ଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା। ଏହି ମ୍ୟାଚ୍ରେ ୧୯ଟି ୱିକେଟ ପତନ ହୋଇଥିଲାବେଳେ ସ୍ପିନରଙ୍କୁ ୧୨ଟି ମିଳିଥିଲା। ଜଣେ ଖେଳାଳି ରନ୍ଆଉଟ ହୋଇଥିଲାବେଳେ ଅନ୍ୟ ସବୁ ଖେଳାଳିଙ୍କୁ ପେସବୋଲରମାନେ ଆଉଟ କରିଥିଲେ।

### ଭାରତ-ଦକ୍ଷିଣ ଆଫ୍ରିକା ସୁପର-ଏଇଟ୍ସ ମୁକାବିଲା

## ମିଲର୍ ଓ ବ୍ରେଭିସ୍ଙ୍କ ଲଢୁଆ ବ୍ୟାଟିଂ

ଅହମ୍ମଦାବାଦ୍,୨୨।୨(ଏଜେନ୍ସି)

ଅହମ୍ମଦାବାଦ୍,୨୨।୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଟି-୨୦ ବିଶ୍ୱକପ୍ର ତୃତୀୟ ସୁପର ଏଇଟ୍ସ ମୁକାବିଲା ଏଠାରେ ଆଜି ଆରମ୍ଭ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ପ୍ରଥମ ୧୬ ଓଭର ଖେଳ ଶେଷସୁଦ୍ଧା ୫ ୱିକେଟ ହରାଇ ୧୫୩ ରନ୍ ସଂଗ୍ରହ କରିନେଇଛି। ୪୩ ରନ୍ରେ ୩ ୱିକେଟ ହରାଇବା ପରେ ଡିୱାଲ୍ଡ ବ୍ରେଭିସ ଓ ଡେଭିଡ ମିଲରଙ୍କ ଲଢୁଆ ବ୍ୟାଟିଂ ଯୋଗୁ ଦକ୍ଷିଣ ଆଫ୍ରିକା ସମ୍ମାନଜନକ ସ୍କୋର କରିଛି। ମିଲର ୩୫ ବଲ୍ରେ ୭ ଚୌକା ଓ ୩ଛକା ସହ ୬୩ ଏବଂ ବ୍ରେଭିସ୍ ୨୯ ବଲ୍ରେ ୩ ଚୌକା ଓ ୩ ଛକା ସହ ୪୫ ରନ୍ କରିଥିଲେ। ଏମାନଙ୍କ ବ୍ୟାଟିଂ ଯୋଗୁଁ ଦକ୍ଷିଣ ଆଫ୍ରିକା ବିପଦରୁ ରକ୍ଷା ପାଇ ଭଲ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଦକ୍ଷିଣ ଆଫ୍ରିକା ପକ୍ଷରୁ ପ୍ରଥମ ୩ଜଣ ଖେଳାଳି ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଦୁଇ ଓପନର ଆଇଡେନ୍ ମାର୍କରାମ ୪, କ୍ୱିଣ୍ଟନ ଡି କକ୍ ୬ ଓ ରିୟାନ ରିକେଲଟନ ୭ ରନ୍ କରି ଆଉଟ ହୋଇଥିଲେ। ଭାରତ ପକ୍ଷରୁ ଯଶପ୍ରୀତ୍ ବୁମ୍ରା ୨ ଓଭର ବୋଲିଂ କରି ୭ ରନ୍ରେ ୨ଟି ଓ ଅର୍ଶଦୀପ ସିଂହ ୩ ଓଭର ବୋଲିଂ କରି ୨୨ ରନ୍ରେ ଗୋଟିଏ ୱିକେଟ ନେଇଛନ୍ତି। ଶିବମ ଦୁବେ ମିଲର-ବ୍ରେଭିସ୍ଙ୍କ ୯୭ ରନ୍ର ପାର୍ଟନରସିପ୍କୁ ଭାଙ୍ଗିଦେଇଥିଲେ। ବରୁଣଙ୍କୁ ଅନ୍ୟ ୱିକେଟଟି ମିଳିଥିଲା।




ନିୟନ୍ତ୍ରଣ ହରାଇ ବସିଥିଲେ। ଯାହା ଫଳରେ ସେ କ୍ୱିଣ୍ଟନ ଡି କକ୍ଙ୍କୁ ବୋଲ୍ଡ ଓ ରିୟାନ ରିକେଲଟନଙ୍କୁ ଶିବମ ଦୁବେଙ୍କ ଦ୍ୱାରା କ୍ୟାଚ୍ଆଉଟ କରାଇଥିଲେ। ଏହି ସମୟରେ ଅର୍ଶଦୀପ ସିଂହ ମଧ୍ୟ ଭଲ ବୋଲିଂ କରିଥିଲେ। ସେ ତାଙ୍କ ଅଫ୍ କଟରରେ ମାରକ୍ରମଙ୍କ ବିଟ୍ କରିବାରେ ସମର୍ଥ ହୋଇଥିଲେ। ଯାହା ଫଳରେ ପାଣ୍ଡ୍ୟାଙ୍କ ନିକଟରୁ ଯାଇଥିବା କ୍ୟାଚ୍କୁ ସେ ହାତଛଡ଼ା କରି ନ ଥିଲେ। ପ୍ରଥମ ୬ ଓଭରରେ ଅର୍ଥାତ୍ ପାୱାର ପ୍ଲେ'ରେ ଦଳ ୩ ୱିକେଟ ହରାଇ ୪୩ ରନ୍ କରିଥିଲା। ଯାହାକି ଏହି ଟୁର୍ଣ୍ଣାମେଣ୍ଟରେ ରନର୍ସଅପ୍ ଦଳ ଲାଗି ସର୍ବନିମ୍ନ ଥିଲା। କିନ୍ତୁ ଏହାର ଭରଣା କରିଥିଲେ ପରବର୍ତ୍ତୀ ଦୁଇ

#### ପାୱାର ପ୍ଲେ'ରେ ୪୩ ରନ୍

ଏହି ମ୍ୟାଚ୍ରେ ଦକ୍ଷିଣ ଆଫ୍ରିକା ଅଧିନାୟକ ଆଇଡେନ୍ ମାର୍କରାମ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରଙ୍କୁ ଦେଖିଚାହିଁ ଖେଳିଥିଲେ ବ୍ୟାଟର। କିନ୍ତୁ ଯଶପ୍ରୀତ୍ ବୁମ୍ରାଙ୍କୁ ବୁଝିବା ପୂର୍ବରୁ ସେମାନେ ନିଜର ବ୍ୟାଟର ଡିୱାଲ୍ଡ ବ୍ରେଭିସ ଓ ଡେଭିଡ୍ ମିଲର। ଭାରତରେ ଓ ଭାରତୀୟ ବୋଲରଙ୍କ ବିପକ୍ଷରେ ଖେଳିବାର ଢେର ଅଭିଜ୍ଞତା ଥିବା ମିଲରଙ୍କୁ ଏଠାରେ ଭଲ ଖେଳିବାକୁ ସୁଯୋଗ ମିଳିଥିଲା। ସେ ଓ ବ୍ରେଭିସ୍ ଦ୍ରୁତ ରନ୍ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାକୁ ଭଲ ସ୍ଥିତିରେ ପହଞ୍ଚାଇଦେଇଥିଲେ।

#### ପୁଣି ବେଞ୍ଚରେ ବସିଲେ ଉପ-ଅଧିନାୟକ ଅକ୍ଷର

ଭାରତୀୟ ଦଳ ପୁଣିଥରେ ଉପ-ଅଧିନାୟକ ଅକ୍ଷର ପଟେଲଙ୍କୁ ବେଞ୍ଚରେ ବସାଇଛି। ରବିବାର ସୁପର୍-୮'ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ମଧ୍ୟ ଅକ୍ଷରଙ୍କୁ ଚୂଡ଼ାନ୍ତ ଏକାଦଶରେ ସୁଯୋଗ ମିଳି ନ ଥିଲା। ଗ୍ରୁପ୍ ପର୍ଯ୍ୟାୟରେ ଭାରତୀୟ ଦଳ ୪ରୁ ୪ ମ୍ୟାଚ୍ ଜିତି ଅପରାଜେୟ ରହିଥିଲା। ତେଣୁ ଟିମ୍ ମ୍ୟାନେଜମେଣ୍ଟ ଏହି ବିଜୟୀ ଖେଳାଳିଙ୍କୁ ନେଇ ସୁପର୍-୮'ର ପ୍ରଥମ ମ୍ୟାଚରେ ପଡ଼ିଆକୁ ଓହ୍ଲାଇଥିଲା। ଗ୍ରୁପ ପର୍ଯ୍ୟାୟରେ ଅକ୍ଷର ପ୍ରଥମ ୩ଟି ମ୍ୟାଚ ଆମେରିକା, ନାମିବ୍ୟା ଓ ପାକିସ୍ତାନ ବିପକ୍ଷରେ ଖେଳିଥିଲେ। ନେଦରଲାଣ୍ଡସ ବିପକ୍ଷ ଅନ୍ତିମ ମ୍ୟାଚରେ ତାଙ୍କୁ ବିଶ୍ରାମ ଦିଆଯାଇଥିଲା। ଏହି ମ୍ୟାଚରେ ଅନ୍ୟତମ ସ୍ପିନ ଅଲ୍ରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ସୁଯୋଗ ଦିଆଯାଇଥିଲା। ସୁନ୍ଦର ମଧ୍ୟ ରବିବାର ଦକ୍ଷିଣ ଆଫ୍ରିକା ବିପକ୍ଷ ମ୍ୟାଚରେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ବଳବତ୍ତର ରଖିଥିଲେ।

**ଆଜିର ସୁପର ଏଇଟ୍ସ ମ୍ୟାଚ୍**

| ପ୍ରତିଦ୍ୱନ୍ଦ୍ୱୀ | ସମୟ | ସ୍ଥାନ |
|---|---|---|
| ଜିମ୍ବାୱେ-ୱେଷ୍ଟଇଣ୍ଡିଜ୍ | ରାତି ୭ଟା | ମୁମ୍ବଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍ଷ୍ଟାର

## ୫୦ ମିନିଟ୍ରେ କତାର ଓପନ୍ ଜିତିଲେ ଆଲ୍କାରାଜ

ଦୋହା, ୨୨।୨ (ଏଜେନ୍ସି): ସ୍ପାନିଶ ତାରକା କାର୍ଲୋସ ଆଲ୍କାରାଜ ଏଠାରେ ଚାଲିଥିବା କତାର ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ୨୪ତମ ସଂସ୍କରଣରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଆଲ୍କାରାଜ ୬-୨, ୬-୧ ସିଧାସଳଖ ଗେମରେ ଫ୍ରାନ୍ସର ଆର୍ଥର ଫାଇଲ୍ସଙ୍କୁ ପରାସ୍ତ କରିଥିଲେ। ସାତଥରର ଗ୍ରାଣ୍ଡସ୍ଲାମ ଚାମ୍ପିଅନ ଆଲ୍କାରାଜଙ୍କୁ ଏହି ମ୍ୟାଚ୍ ଜିତିବା ଲାଗି ମାତ୍ର ୫୦ ମିନିଟ୍ ସମୟ ଲାଗିଥିଲା। ଗତ ମାସରେ ଅଷ୍ଟ୍ରେଲିଆନ୍ ଓପନ୍ରେ ଟାଇଟଲ୍ ଜିତିଥିବା ଆଲ୍କାରାଜଙ୍କ କ୍ୟାରିୟରର ଏହା ୨୬ତମ ଟ୍ରଫି। ଗତବର୍ଷ ସେ ଏଠାରେ କ୍ୱାର୍ଟର ଫାଇନାଲରେ ହାରି ବିଦାୟ ନେଇଥିଲେ।



### ପ୍ରୋ-ଲିଗ୍ ହକି

## ସୁଟ୍ଆଉଟରେ ହାରିଲା ଭାରତ

ହୋବାର୍ଟ,୨୨।୨(ଏଜେନ୍ସି): ଅଷ୍ଟ୍ରେଲିଆ ନିକଟରୁ ସୁଟ୍ଆଉଟରେ ପରାଜିତ ହୋଇଛି ଭାରତ। ଏଠାରେ ରବିବାର ଖେଳାଯାଇଥିବା ପ୍ରୋ-ଲିଗ୍ର ୬ଷ୍ଠ ମୁକାବିଲାରେ ଭାରତକୁ ୪-୫ ଗୋଲରେ ଅଷ୍ଟ୍ରେଲିଆ ନିକଟରୁ ପରାଜିତ ହୋଇଛି। ନିର୍ଦ୍ଧାରିତ ସମୟରେ ଖେଳ ୨-୨ ଗୋଲରେ ସମାନସ୍ତରରେ ରହିଥିଲା। ସୁଟ୍ଆଉଟରେ କିନ୍ତୁ ଭାରତ ଗୋଟିଏ କମ୍ ଗୋଲ ସ୍କୋର କରିବା ଫଳରେ ଅଷ୍ଟ୍ରେଲିଆ ବିଜୟୀ ହୋଇଥିଲା। ଏହା ଫଳରେ ପ୍ରୋ-ଲିଗ୍ ହକିରେ ଭାରତ କ୍ରମାଗତ ୬ଷ୍ଠ ପରାଜୟ ବରଣ କରିଛି। ରାଉରକେଲା ଲେଗ୍ରେ ଭାରତ ୪ଟି ଯାକ ମ୍ୟାଚ୍ରେ ଓ ଗତକାଲି ସ୍ପେନ୍ ନିକଟରୁ ୨-୦ ଗୋଲରେ ଭାରତ ହାରିଯାଇଥିଲା। ପ୍ରୋ-ଲିଗ୍ରେ ଭାରତର ଏହା ସବୁଠାରୁ ନିକୃଷ୍ଟତମ ପ୍ରଦର୍ଶନ। ଖେଳାଳିଙ୍କ ଆହତ ସମସ୍ୟା, ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଭାରତୀୟ ହକି ଦଳ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାରେ ଅସମର୍ଥ ହୋଇଛି।

### ରାଇଜିଂଷ୍ଟାର୍ସ ମହିଳା ଏସିଆ କପ୍

## ବାଂଲାକୁ ହରାଇ ଭାରତ ଚାମ୍ପିଅନ

ବ୍ୟାଙ୍କକ୍,୨୨।୨(ଏଜେନ୍ସି): ଭାରତ-ଏ' ଏଠାରେ ରବିବାର ଅନୁଷ୍ଠିତ ରାଇଜିଂଷ୍ଟାର୍ସ ମହିଳା ଏସିଆ କପ୍ କ୍ରିକେଟ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଏହା ଫଳରେ ଭାରତ କ୍ରମାଗତ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ବ୍ୟାଙ୍କକ୍ର ଟର୍ଡଥାଇ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚ୍ରେ ୧୩୪ରନ୍ର ସ୍କୋରକୁ ରାଧା ଯାଦବଙ୍କ ନେତୃତ୍ୱରେ ଗଠିତ ଭାରତ-ଏ' ଦଳ ଡିଫେଣ୍ଡ କରିବାରେ ସମର୍ଥ ହୋଇଛି। ଭାରତ ପ୍ରଦତ୍ତ ୧୩୫ ରନ୍ର ଟାର୍ଗେଟ୍କୁ ପିଛା କରି ବାଂଲାଦେଶ-ଏ' ୧୯.୧ ଓଭରରେ ୮୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ପ୍ରେମା ରାୱତ ୩ଟି, ତନୁଜା କନୱର ଓ ସୋନିଆ ମେଢ଼ିଆ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ବାଂଲା ପକ୍ଷରୁ ୪ଜଣ ବ୍ୟାଟର ଦୁଇ ଅଙ୍କରେ ପହଞ୍ଚିଥିଲାବେଳେ ଶମିମା ସୁଲତାନା ସର୍ବାଧିକ୨୦ ଓ ଶର୍ମିନ ସୁଲତାନା ୧୮ ରନ୍ କରିଥିଲେ। ପୂର୍ବରୁ ଭାରତ ଇନିଂସରେ ତେଜଲ ହସନବିସ ସର୍ବାଧିକ ୫୨ ରନ୍ କରିଥିଲେ।




ଏଥିଲାଗି ତାଙ୍କୁ ୩୪ବଲ୍ର ସମ୍ମୁଖୀନ ହେବାକୁ ପଡ଼ିଥିଲା ଓ ଏଥିରେ ସେ ୩ଟି ଚୌକା ଓ ୨ଟି ଛକା ମାରିଥିଲେ। ଅଧିନାୟିକା ରାଧା ଯାଦବ ୩୦ ବଲ୍ରେ ୩୬ ଓ ଦୀନେଶ ବ୍ରିନ୍ଦା ୧୯ ରନ୍ କରି ଦୁଇଅଙ୍କ ଛୁଇଁଥିଲେ। ବାଂଲା ଅଧିନାୟିକା ଫହିମ ଖାତୁନଙ୍କୁ ୪ଟି ୱିକେଟ ମିଳିଥିଲା। ଏହି ଫଳାଫଳ ପରେ କ୍ରମାଗତ ଦ୍ୱିତୀୟଥର ଲାଗି ଭାରତ ଚାମ୍ପିଅନ ଓ ବାଂଲାଦେଶ ରନର୍ସଅପ୍ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ସେମିରେ ଶ୍ରୀଲଙ୍କାକୁ ଭାରତ ଓ ପାକିସ୍ତାନକୁ ବାଂଲାଦେଶ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

### ବଧିର ଏସିଆ କପ୍

## ନେପାଳକୁ ହରାଇଲା ଶ୍ରୀଲଙ୍କା

ଭୁବନେଶ୍ୱର, ୨୨।୨ (ସମିସ): କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ବଧିର ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ନେପାଳ ବିପକ୍ଷରେ ଶ୍ରୀଲଙ୍କା କ୍ରମାଗତ ୨ୟ ବିଜୟ ହାସଲ କରିଛି। ରବିବାର ଅନୁଷ୍ଠିତ ଏକ ରାଉଣ୍ଡ-ରବିନ ମ୍ୟାଚରେ ଶ୍ରୀଲଙ୍କା ୧୫୭ ରନରେ ନେପାଳକୁ ହରାଇଦେଇଛି। ଗତକାଲି ମଧ୍ୟ ନେପାଳ ୬ ୱିକେଟ୍ରେ ଶ୍ରୀଲଙ୍କା ନିକଟରୁ ପରାସ୍ତ ହୋଇଥିଲା। ରବିବାର ଅନୁଷ୍ଠିତ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୪ ରନ କରିଥିଲା। ଦଳ ପକ୍ଷରୁ ଗିମାଦୁ ମାଲକମ୍ ୮୮ ଓ ଦିନୁକା ସଚିନ ୪୯ ରନ କରିଥିଲେ। ନେପାଳର ଅଭିଷେକ ମିଶ୍ରଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ନେପାଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୧୩.୫ ଓଭରରେ ମାତ୍ର ୪୭ ରନ କରି ଅଲ୍ଆଉଟ ହୋଇଯାଇଥିଲା। ଲାସିଦୁ ଡି ସିଲଭା ୫ଟି ୱିକେଟ୍ ନେଇ ଶ୍ରୀଲଙ୍କାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ବ୍ୟାଟିଂରେ ୮୮ ରନ କରିଥିବା ମାଲକମ୍ ବୋଲିଂରେ ମଧ୍ୟ ନେପାଳର ୪ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ମାଲକମ୍ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।




### କଳାହାଣ୍ଡି କପ୍ ଆନ୍ତଃଜିଲ୍ଲା କ୍ରିକେଟ

## ସୁନ୍ଦରଗଡ଼, ନୟାଗଡ଼, ମାଲକାନଗିରି ବିଜୟୀ

ଭୁବନେଶ୍ୱର, ୨୨।୨ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ରେ ରବିବାର ୮ଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସୁନ୍ଦରଗଡ଼, ନୟାଗଡ଼, ମାଲକାନଗିରି, ପୂର୍ବତଟ ରେଳବାଇ, ନବରଙ୍ଗପୁର, ଖୋର୍ଦ୍ଧା, ଭୁବନେଶ୍ୱର-ଏ, ଯାଜପୁର ବିଜୟୀ ହୋଇଛି। ସୁନ୍ଦରଗଡ଼ ୫ ୱିକେଟରେ କେନ୍ଦ୍ରାପଡ଼ାକୁ, ନୟାଗଡ଼ ୮୪ ରନରେ ସମ୍ବଲପୁର-ବି'କୁ, ନବରଙ୍ଗପୁର ୯୨ ରନରେ ଢେଙ୍କାନାଳକୁ, ରେଳବାଇ ୩ ୱିକେଟରେ କଟକ-ବି'କୁ, ଖୋର୍ଦ୍ଧା ୫୧ ରନରେ ସୋନପୁରକୁ , ଭୁବନେଶ୍ୱର-ଏ ୨୨୦ ରନରେ ଦେଓଗଡ଼କୁ, ଯାଜପୁର ୭ ୱିକେଟରେ କୋରାପୁଟକୁ ଓ ମାଲକାନଗିରି ୭ ୱିକେଟରେ ବୌଦ୍ଧକୁ ପରାସ୍ତ କରିଛି।


ବିଶ୍ୱଜିତ ପ୍ରଧାନ


ୱାଲ୍ଟର ଟପ୍ପୋ

## ସୂର୍ଯ୍ୟବଂଶୀଙ୍କୁ ୫୦ ଲକ୍ଷ ପୁରସ୍କାର



ପାଟନା, ୨୨।୨ (ଏଜେନ୍ସି): ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ତାରକା ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ବିହାର ସରକାର ପୁରସ୍କୃତ କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରବିବାର ସୂର୍ଯ୍ୟବଂଶୀଙ୍କୁ ୫୦ ଲକ୍ଷ ଟଙ୍କ ପୁରସ୍କାର ପ୍ରଦାନ କରିଛନ୍ତି। ନିକଟରେ ଭାରତକୁ ଚାମ୍ପିଅନ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ନିଜ ରାଜ୍ୟର ଏହି ପ୍ରତିଭାବାନ କ୍ରିକେଟରଙ୍କୁ ନୀତୀଶ ସମ୍ବର୍ଦ୍ଧିତ କରିବା ସହ ଆର୍ôଥିକ ପୁରସ୍କାର ପ୍ରଦାନ କରିଥିଲେ। ୧୯ ବର୍ଷରୁ କମ୍ ବିଶ୍ୱକପ୍ରେ ଇଂଲଣ୍ଡ ବିପକ୍ଷ ଫାଇନାଲରେ ସୂର୍ଯ୍ୟବଂଶୀ ୮୦ ବଲରେ ୧୭୫ ରନର ବିଧ୍ୱଂଶୀ ଶତକୀୟ ପାଳି ଖେଳିଥିଲେ। ଫଳରେ ଭାରତ ୧୦୦ ରନର ବଡ଼ ବ୍ୟବଧାନରେ ବିଜୟୀ ହୋଇ ରେକର୍ଡ ୬ଷ୍ଠଥର ଲାଗି ଟାଇଟଲ୍ ଜିତିଥିଲା। ସେହିଭଳି ବିଶ୍ୱକପ୍ରେ ମୋଟ୍ ୪୩୯ ରନ କରିଥିବାରୁ ସୂର୍ଯ୍ୟବଂଶୀଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ମଧ୍ୟ ବିବେଚିତ କରାଯାଇଥିଲା। ୧୯ ବର୍ଷରୁ କମ୍ ବିଶ୍ୱକପ୍ରେ ସୂର୍ଯ୍ୟବଂଶୀ ମୋଟ୍ ୩୦ଟି ଛକା ମାରିଥିଲେ।

### ସଦାନନ୍ଦ ସ୍କୁଲ ଓପନ ଚେସ୍

## ଆରିଶନନ୍ଦ ଗୋସ୍ୱାମୀ ଚାମ୍ପିଅନ



ଭୁବନେଶ୍ୱର,୨୨।୨(ସମିସ): ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍ର ଆରିଶନନ୍ଦ ଗୋସ୍ୱାମୀ ୫ମ ସଦାନନ୍ଦ ସ୍ୱାଇଁ ସ୍ମାରକୀ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ୫ ରାଉଣ୍ଡ ବିଶିଷ୍ଟ ମୁକାବିଲା ଶେଷରେ ୫ଜଣ ଖେଳାଳି ସମାନ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ଟାଇବ୍ରେକରରେ ଆରିଶନନ୍ଦ ପ୍ରଥମସ୍ଥାନ ଅଧିକାର କରି ଟାଇଟଲ କବ୍ଜା କରିଥିଲେ। କେଭି ନଂ-୧'ର ଆୟୁଷ୍ମାନ ବେହେରା ରନର୍ସଅପ୍, ନୂଆପଲ୍ଲୀ ନାରାୟଣ ଇ-ଟେକ୍ନୋ ସ୍କୁଲ୍ର ଆୟାବନ୍ତ ମହାନ୍ତି ତୃତୀୟ, କେଭି ନଂ-୧'ର ସ୍ୱସ୍ତିକ ବେହେରା ଚତୁର୍ଥ ଓ ୟୁନିଟ-୮ ଡିଏଭି ପବ୍ଲିକ୍ ସ୍କୁଲ୍ର ଆତୀଶନନ୍ଦ ଗୋସ୍ୱାମୀ ୫ମ ସ୍ଥାନ ଅଧିକାର କରିଥିଲେ। ରୟାଲ ପବ୍ଲିକ୍ ସ୍କୁଲ୍ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଟୁର୍ଣ୍ଣାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଭୁବନେଶ୍ୱର ଆଇଆଇଟିର ଆସୋସିଏଟ ପ୍ରଫେସର ଡଃ. ଶ୍ରୀନିବାସ ରାମାନୁଜମ କାନନ ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଖେଳ ପରିଚାଳନା କରିଥିଲେ।

## ପୁଅକୁ ୪ କୋଟିର କାର୍ ଉପହାର ଦେଲେ ପାଣ୍ଡ୍ୟା

ମୁମ୍ବଇ, ୨୨।୨ (ଏଜେନ୍ସି): ଭାରତୀୟ ଦଳର ତାରକା ଅଲ୍ରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ପୂର୍ବତନ ପତ୍ନୀ ନତାଶା ଷ୍ଟାଙ୍କୋଭିଚ୍ ଓ ପୁଅ ଅଗସ୍ତ୍ୟାକୁ ଏକ ଦାମୀ କାର ଉପହାର ଦେଇଛନ୍ତି। ଲ୍ୟାଣ୍ଡ ରୋଭର ଡିଫେଣ୍ଡରର ଏହି ବିଳାସପୂର୍ଣ୍ଣ କାରର ମୂଲ୍ୟ ୪ କୋଟି ଟଙ୍କା ହେବ ବୋଲି ରିପୋର୍ଟରେ କୁହାଯାଇଛି। ସୋସିଆଲ୍ ମିଡିଆରେ ଏହାର ଫଟୋ ଖୁବ ଭାଇରାଲ୍ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୦ରେ ସର୍ବିଆ ସୁନ୍ଦରୀ ନାତାଶାଙ୍କ ସହ ପାଣ୍ଡ୍ୟାଙ୍କ ବିବାହ ହୋଇଥିଲା। ଏହାପରେ ୨୦୨୪ରେ ଉଭୟଙ୍କ ବିବାହ ବିଚ୍ଛେଦ ଘଟିଥିଲା। ପାଣ୍ଡ୍ୟାଙ୍କ 'ଅଗସ୍ତ୍ୟା' ନାମକ ୫ ବର୍ଷର ପୁତ୍ର ସନ୍ତାନ ରହିଛି। ବିଚ୍ଛେଦ ପରେ ଉଭୟ ପାଣ୍ଡ୍ୟା ଓ ନତାଶା ମିଳିତ ଭାବେ ଅଗସ୍ତ୍ୟାର ଲାଳନପାଳନ କରୁଛନ୍ତି।

### ତମାଣ୍ଡୋ ପ୍ରିମିୟର ଲିଗ୍ ଉଦ୍ଯାପିତ

## ଟିସିସିକୁ ହରାଇ ଆଦିତ୍ୟ ଏକାଦଶ ଚାମ୍ପିଅନ

ଭୁବନେଶ୍ୱର,୨୨।୨(ସମିସ)

ତମାଣ୍ଡୋ କ୍ରିକେଟ କ୍ଲବ୍ (ଟିସିସି) ଆନୁକୂଲ୍ୟରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍ ଆଜି ଶେଷ ହୋଇଯାଇଛି। ଆଜି ଅନୁଷ୍ଠିତ ଫାଇନାଲରେ ଟିସିସିକୁ ୪ ୱିକେଟରେ ହରାଇ ଆଦିତ୍ୟ ଏକାଦଶ ନୂଆ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି। ଫାଇନାଲରେ ମାତ୍ର ୨୩ଟି ବଲ୍ରୁ ୩ଟି ଚୌକା ଓ ୯ଟି ଛକା ସହ ଅପରାଜିତ ୭୨ ରନ୍ କରିଥିବା ବିଜୟୀ ଦଳର ଆୟୂଷ ଖ୍ରୀଷ୍ଟୋଫରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପରାଜିତ ଟିସିସି ପକ୍ଷରୁ ୧୯୦ ରନ୍ କରିବା ସହ ୫ଟି ୱିକେଟ ନେଇଥିବା ଅତୁଲ ସରୱାରଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଟିସିସିର ୩ ଖେଳାଳି ଅତୁଲଙ୍କୁ ଶ୍ରେଷ୍ଠ ବ୍ୟାଟର, ୭ଟି ୱିକେଟ ନେଇଥିବା ସୁଶିଲ ବାରିକଙ୍କୁ ଶ୍ରେଷ୍ଠ ବୋଲର ଓ କ୍ଷମାସାଗର ବଳଙ୍କୁ ଶ୍ରେଷ୍ଠ ଫିଲ୍ଡର ବିବେଚିତ କରାଯାଇଛି। ଚାମ୍ପିଅନ ଆଦିତ୍ୟ ଏକାଦଶକୁ ଟ୍ରଫି ସହ ୧ ଲକ୍ଷ ୫୦,୦୦୦ ଓ ରନର୍ସଅପ୍ ଟିସିସିକୁ ଟ୍ରଫି ସହ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା।




ତମାଣ୍ଡୋ କ୍ରିକେଟ ପଡ଼ିଆରେ ଆଜି ଅନୁଷ୍ଠିତ ଫାଇନାଲ ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ଟିସିସି ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ ୧୮୬ ରନ୍ କରିଥିଲା। ଦଳର ଟପ୍ ଅର୍ଡର ବ୍ୟାଟର ବିଫଳ ହୋଇଥିଲାବେଳେ ୯ ନମ୍ବର ବ୍ୟାଟର ରାକେଶ ପଟ୍ଟନାୟକଙ୍କ ଅପରାଜିତ ୪୨ ଓ ଆକାଶ ମହାପାତ୍ରଙ୍କ ୨୮ ରନ୍ ସହାୟତାରେ ତମାଣ୍ଡୋ ସମ୍ମାନଜନକ ସ୍କୋର କରିଥିଲା। ପ୍ରତିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୩ଟି, ଆନନ୍ତ ଭରଦ୍ୱାଜ, ଅନିକେଥ ସିଂ ଓ ଅମର ଦାସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ୧୮୭ ରନ୍ର ଟାର୍ଗେଟକୁ ପିଛା କରି ଆଦିତ୍ୟ ଏକାଦଶ ମଧ୍ୟ ଅନୁରୂପ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। କିନ୍ତୁ ନଂ-୭ ବ୍ୟାଟର ଆୟୂଷ ଖ୍ରୀଷ୍ଟୋଫର ୨୩ ବଲ୍ରେ ଅପରାଜିତ ୭୨ ଓ ବିକ୍ରମ ସାମଲ ଅପରାଜିତ ୨୩ ରନ୍ କରିବା ଫଳରେ ୮ଟି ବଲ୍ ବାକିଥାଇ ଆଦିତ୍ୟ ଏକାଦଶ ଏହି ମ୍ୟାଚ୍କୁ ୬ ୱିକେଟ ବିନିମୟରେ ଜିତିନେଇଥିଲା। ଟିସିସିର ରାମଚନ୍ଦ୍ର ବେହେରା, ଅତୁଲ ସରୱାର ଓ ସୁପ୍ରିୟୋ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ ନେଇଥିଲେ। ସୌମେନ୍ଦ୍ର ପାତ୍ର ଓ ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

ଖେଳ ଶେଷରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଭୁବନେଶ୍ୱର ଏମ୍ପି ଅପରାଜିତ ଷଡଙ୍ଗୀ ମୁଖ୍ୟ ଅତିଥି, ବିଶ୍ୱରଞ୍ଜନ ବଡଜେନା ମୁଖ୍ୟ ବକ୍ତା, ଭୁବନେଶ୍ୱର ବ୍ଲକ୍ ଚେୟାରମ୍ୟାନ୍ ନିରୂପମା ସାହୁ, କୁବେର ନେଷ୍ଟ ଏମ୍ଡି ଶିଶିର କୁମାର ବେହେରା, ଟିସିସି ସଭାପତି ଆଶିଷ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS